আ





# ବନ୍ୟା ସ୍ଥିତିକୁ ନେଇ ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ବାଲେଶ୍ୱର,(ନି.ପ୍ର.): ବିଜୁ ଜନତା ଦଳ ବାଲେଶ୍ୱର ଜିଲ୍ଲା ପକ୍ଷରୁ ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ଜିଲ୍ଲା ବନ୍ୟା ସ୍ଥିତି ସମୀକ୍ଷା ନିମନ୍ତେ ଦୁଇ ଦିନିଆ ଗସ୍ତରେ ଆସିଥିବା ରାଜ୍ୟ ଉପସଭାପତି ସଞ୍ଜୟ ଦାସ ବର୍ମା ଯୋଗ ଦେଇ ସରକାରଙ୍କ ବନ୍ୟା ସ୍ଥିତି ପରିଚାଳନା ଉପରେ ବର୍ଷିଥିଲେ । ପ୍ରବଳ ବର୍ଷା ଯୋଗୁଁ ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣରେଖା, ଜଳକା, ବୁଢ଼ାବଳଙ୍ଗ, ସୋନ, ଗଙ୍ଗାହାର, କାଂଶବାଂଶ ଆଦି ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ସରକାର ବନ୍ୟା କ୍ଷୟକ୍ଷତି ଆକଳନ, ଆଶୁ ସହାୟତା ଓ ବନ୍ୟା ମୁକାବିଲା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା କହିବା ସହ ନାନା ଦାବି ରଖିଥିଲେ । ବିଜେଡି ସୁପ୍ରିମୋ ଶ୍ରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବରିଷ୍ଠ ନେତା ଶ୍ରୀ ଦାସ ବର୍ମା ବୁଧବାର ଓ ଗୁରୁବାର ଦୁଇ ଦିନିଆ ବାଲେଶ୍ୱର ଜିଲ୍ଲା ଗସ୍ତରେ ଆସିଛନ୍ତି । ଏହି





ପରିପ୍ରେକ୍ଷୀରେ ବୁଧବାର ଦିନତମାମ ଜିଲ୍ଲାର ଭୋଗରାଇ ଓ ବସ୍ତା ନିର୍ବାଚନମଣ୍ଡଳୀର ବିଭିନ୍ନ ପ୍ରଭାବିତ ବନ୍ୟାଂଚଳ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିବା ସହ ରିଲିଫ ଓ ଥଇଥାନ ବ୍ୟବସ୍ଥାର ସମୀକ୍ଷା କରିଥିଲେ । ଏଥିସହ ବନ୍ୟା ବିପନ୍ନ, ଚାଷୀ, ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ । ପରେ ସନ୍ଧ୍ୟାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗ୍ରାଉଣ୍ଡ ଜିରୋ ସ୍ଥିତି ବଖାଣିବା ସହ ବିଜେପି ଉପରେ ବର୍ଷିଥିଲେ । ବନ୍ୟାରେ ୧୨ ଦିନ ବିତିଥିଲେ ମଧ୍ୟ ଏଯାଏଁ ବହୁ ସ୍ଥାନରେ ଶୁଖିଲା ଖାଦ୍ୟ, ଚୁଡ଼ାଗୁଡ଼, ରନ୍ଧା ଖାଦ୍ୟ, ଗୋଖାଦ୍ୟ ଆଦି ମିଳି ପାରିନଥିବା ଲୋକଙ୍କ ଅଭିଯୋଗ ହେଉଥିବା ସେ ପ୍ରକାଶ କରିଥିଲେ । ସେହିପରି ଘର ଭାଙ୍ଗିଥିବା ଲୋକଙ୍କୁ ଖଣ୍ଡେ ପଲିଥିନ ମଧ୍ୟ ଦିଆଯାଇ ନଥିବା କହିଥିଲେ । ପ୍ରଥମ ଥର ତଳି ପୋତା ଓ ଦ୍ୱିତୀୟ ଥର ତଳି ପକା ସତ୍ତ୍ୱେ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇ ଯାଇଥିବାରୁ ଉଭୟ ଚାଷୀ ଓ ଭାଗଚାଷୀଙ୍କୁ ଆର୍ଥିକ ସହାୟତା ସହ କୃଷି ଋଣ ଛାଡ଼ ନେଇ ଦାବି କରିଥିଲେ । ବନ୍ୟାଂଚଳରେ ବୁଡି ରହିଥିବା ଉଠା ଜଳସେଚନ ପଏ[ ଓ ବିଦ୍ୟୁତ ଭିତିଭୂମି ସଜଡା ଯାଉ । ବନ୍ୟା ଛାଡିବା ମାତ୍ରେ ରାସ୍ତାଘାଟ, ସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ର ଓ ପୋଲର ମରାମତି କରାଯାଉ । ସର୍ବୋପରି ବନ୍ୟା ତଥା ବାଲେଶ୍ୱର ସହରରେ ଉପୁଜୁଥିବା କୃତ୍ରିମ ବନ୍ୟାର ସ୍ଥାୟୀ ପ୍ରତିକାର ନିମନ୍ତେ ଡବଲ ଇଞ୍ଜିନ ସରକାର ପଦକ୍ଷେପ ନେବା ସହ ମୁଖ୍ୟମନ୍ତ୍ରୀ ନିଜେ ବାଲେଶ୍ୱର ଜିଲ୍ଲାର ବନ୍ୟା ସ୍ଥିତିର ସୁଧାର ଦାୟିତ୍ୱ ନିଅନ୍ତୁ ବୋଲି ଶ୍ରୀ ଦାସ ବର୍ମା ଦୃଢ଼ ଦାବି କରିଥିଲେ । ଅନ୍ୟାନ୍ୟ ଜିଲ୍ଲା ନେତୃତ୍ୱଙ୍କ ମଧ୍ୟରେ ବିଜେଡି ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦିକା ତଥା ସାଂସଦ ପ୍ରାର୍ଥୀନୀ ଡକ୍ଟର ଲେଖାଶ୍ରୀ ସାମନ୍ତସିଂହାର, ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ସୋର ବିଧାୟକ ମାଧବ ଧଡ଼ା, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପୂର୍ବତନ ବାଲେଶ୍ୱର ସଦର ବିଧାୟକ ଜୀବନ ପ୍ରଦୀପ ଦାଶ ଓ ସ୍ୱରୂପ କୁମାର ଦାସ, ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ବସ୍ତା ନିର୍ବାଚନମଣ୍ଡଳୀ ସଂଯୋଜକ ମହାଦେବ ଦାସ, ରାଜ୍ୟ ସାଧାରଣ ସମ୍ପାଦକ ଗିରିଶ ଚନ୍ଦ୍ର ଦାସ, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ ପ୍ରମୁଖ ମଂଚାସୀନ ଥିଲେ । ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଟାଉନ ସଭାପତି ମନୋଜ କୁମାର ରାଉତ, ପୌର ଉପାଧ୍ୟକ୍ଷ କୈଳାଶ ଚନ୍ଦ୍ର ସେଠୀ, ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, କାଉନସିଲର କାର୍ତ୍ତିକ ସାହୁ, ଆୟୁବ ଖାଁ, ମୀନା ମହାନ୍ତି, ଶଶୀରେଖା ମହାନ୍ତି, ମୀତା ପଟ୍ଟନାୟକ, କବିତା ମୁର୍ମୁ, ସବିତା ରାଣୀ ଦାସ, ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର, ରମେଶ ମାଝୀ, ସେକ ସାକିର, ସେକ ରାଜୁ, ଅତୁଲ ଶତପଥୀ, ସୁବୋଧ ମହାନ୍ତି, ସେକ ଅନସର ଅଲ୍ଲୀ, ରୀତିକ ଜୀ, ଦେବାଶିଷ ଦାସ, ସୋନିଆ ମୁର୍ମୁ, ଜଗନ୍ନାଥ ମହାରଣା, ଯୁବନେତା ତାପସ ପାଣିଗ୍ରାହୀ, ଭରତ ଭୂଷଣ ଦାସ, ଉମାଶଙ୍କର ତିଆଡ଼ି, ସେକ ଆଲାମ, ଛାତ୍ରନେତା ହରେକୃଷ୍ଣ ପ୍ରଧାନ, ଲକସନ ପ୍ରଧାନ, ଆୟୁଷ ଜେନା, ଆୟୁଷ ପ୍ରଧାନ, ହରିଶ ଚନ୍ଦ୍ର ବେହେରା, ଜ୍ୟୋତିରଞ୍ଜନ ନାୟକ, ଗୋପାଳ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଜଳଘେରରେ ଥିବା ଲୋକଙ୍କୁ ଭେଟି ସ୍ଥିତି ସମୀକ୍ଷା କଲେ ସାଂସଦ ଓ ବିଧାୟକ

ବାଲେଶ୍ୱର(ନି.ପ୍ର.): ଲଘୁଚାପଜନିତ ଲଗାଣ ବର୍ଷା ଫଳରେ ବାଲେଶ୍ୱର ସଦର ଅଂଚଳର ବିଭିନ୍ନ ସ୍ଥାନରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଅନେକ ଗ୍ରାମ ଓ ତଳିଆ ଅଂଚଳ ପ୍ରଭାବିତ ହୋଇଛି । ଏହି ପରିପ୍ରେକ୍ଷୀରେ ଆଜି ବାଲେଶ୍ୱର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବାଲେଶ୍ୱର ସଦର ବିଧାୟକ ଶ୍ରୀ ମାନସ କୁମାର ଦତ ପ୍ରଭାବିତ ବୁଆଁଳ ଓ ଶ୍ରୀକୋଣା ଅଂଚଳ ପରିଦର୍ଶନ କରି ଜଳଘେରରେ ଥିବା ଲୋକଙ୍କୁ ଭେଟିବା ସହ ସେମାନଙ୍କ ସମସ୍ୟା ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ପ୍ରତ୍ୟକ୍ଷ ଭାବେ ଅବଗତ ହୋଇଛନ୍ତି ।ପରିଦର୍ଶନ ସମୟରେ ସାଂସଦ ଓ ବିଧାୟକ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ଜଳବନ୍ଦୀ ଯୋଗୁଁ ସେମାନେ ସମ୍ମୁଖୀନ ହେଉଥିବା ଯାତାୟାତ, ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଅସୁବିଧା ବିଷୟରେ ପଚାରି ବୁଝିଥିଲେ । ପ୍ରଭାବିତ ଲୋକଙ୍କ ନିକଟରେ ଆବଶ୍ୟକ ସହାୟତା ପହଂଚାଇବାକୁ ପ୍ରାଥମିକତା ଦିଆଯାଇଥିବାବେଳେ ଶୁଖିଲା



ଖାଦ୍ୟ ଓ ପାନୀୟ ଜଳ ମଧ୍ୟ ଯୋଗାଇ ଦିଆଯାଇଛି ।ପ୍ରଭାବିତ ଅଂଚଳରେ କୌଣସି ପରିବାର ଯେପରି ଆବଶ୍ୟକ ସହାୟତାରୁ ବଂଚିତ ନ ହୁଅନ୍ତି, ସେଥିପାଇଁ ସମସ୍ତ ସ୍ତରରେ ପ୍ରୟାସ ଜାରି ରହିଛି ବୋଲି ସାଂସଦ କହିଛନ୍ତି । ରାଜ୍ୟ ସରକାର ଲୋକଙ୍କ ସୁରକ୍ଷା ଓ ସହାୟତାକୁ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି । ପରିସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ପ୍ରଭାବିତ ଲୋକଙ୍କ ସହ ସରକାର ଦୃଢ଼ତାର ସହ ଠିଆ ହୋଇଛନ୍ତି ବୋଲି ବିଧାୟକ ପରିପ୍ରକାଶ କରିଛନ୍ତି । ସେ ମଧ୍ୟ କହିଛନ୍ତି ଯେ ଲଗାଣ ବର୍ଷା ଯୋଗୁଁ ସଦର ଅଂଚଳର ଯେଉଁ ସବୁ ସ୍ଥାନରେ ଲୋକେ ଜଳବନ୍ଦୀ ଓ ଅନ୍ୟାନ୍ୟ ସମସ୍ୟାରେ ରହିଛନ୍ତି, ସେମାନଙ୍କ ପାଖରେ ସହାୟତା ପହଂଚାଇବା ଆମର ସର୍ବୋଚ୍ଚ ପ୍ରାଥମିକତା । ଲୋକଙ୍କ ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ଆମ ସରକାର ସମ୍ବେଦନଶୀଳତା ଓ ଦାୟିତ୍ୱବୋଧର ସହ କାର୍ଯ୍ୟ କରୁଛନ୍ତି । ପ୍ରଶାସନ ସହ ସମନ୍ୱୟ ରଖି ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଛି ଏବଂ ଆବଶ୍ୟକତା ଅନୁଯାୟୀ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ । ସାଂସଦ ଓ ବିଧାୟକ ପ୍ରଭାବିତ ଲୋକଙ୍କୁ ଧୈର୍ଯ୍ୟ ନ ହରାଇବାକୁ ଅନୁରୋଧ କରିବା ସହ ସରକାର ଓ ପ୍ରଶାସନ ସେମାନଙ୍କ ସହ ରହିଛି ବୋଲି ଆଶ୍ୱାସନା ଦେଇଛନ୍ତି । ବିଶେଷକରି ଜଳଘେରରେ ଥିବା ପରିବାର, ବୃଦ୍ଧବୃଦ୍ଧା, ଶିଶୁ ଓ ଅସହାୟ ଲୋକଙ୍କ ଆବଶ୍ୟକତା ପ୍ରତି ପ୍ରାଥମିକତା ଦେବା ଏବଂ ପରିସ୍ଥିତି ଅନୁଯାୟୀ ତ୍ୱରିତ ପଦକ୍ଷେପ ନେବା ଉପରେ ଗୁରୁତ୍ୱାରୋପ କରାଯାଇଛି ।

# ବଳଙ୍ଗ ବନ୍ୟାରେ ୭୫ପରିବାର ହୀନସ୍ତା

ବାଲେଶ୍ୱର(ନି.ପ୍ର.)ବାଲେଶ୍ୱର ସହର ଉପକଣ୍ଠ ବାର ନମ୍ବର ୱାର୍ଡ । ଚାରି ଶହ ପରିବାର ବସ ବାସ କରନ୍ତି । ହେଲେ ବୁଢା ବଳଙ୍ଗ ନଦୀରେ ବନ୍ୟା ଆସିଲେ ଏହି ୱାର୍ଡ ର ବାଙ୍କ ଶାଳ ଘାଟ, ଦଉଡି ଭଙ୍ଗା, ଓ ଦେବୀ ବାଡ଼ି ଲେନ ରେ ବନ୍ୟା ଜଳ ଲହଡି ମାରେ. ଲହଡି କହିଲେ ଛାତିଏ ଉଚ୍ଚତା ର ବନ୍ୟା ଜଳ ପ୍ରବାହିତ ହୁଏ । ଗତ କାଲି ଅପରାହ୍ନ ଚାରିଟା ଠାରୁ ଆଜି ଦିନ ଦୁଇଟା ପର୍ଯ୍ୟନ୍ତ ଏଭଳି ପାରସ୍ଥିତି ସୃଷ୍ଟି ହୋଇଥିଲା । ଅପରାହ୍ନ ଦୁଇଟା ପରେ ବନ୍ୟା ଜଳ କମିବାରେ ଲାଗିଛି । ପାଖରେ ବାଲି ଘାଟ ପୋଲ ରହିଛି । ତେବେ ଏଭଳି ବନ୍ୟା ପରିସ୍ଥିତି ରେ ପୌର ପ୍ରଶାସନ ପକ୍ଷରୁ ଦିନ ବେଳେ ଗୋଟିଏ ଓଳିଆଜି ଠାରୁ ରନ୍ଧା ଖାଦ୍ୟ ଦିଆଯାଉଛି ।ସ୍ଥକ୍ଷନୀୟ ପୀଡିତ ଲୋକେ ଦୁଇ ଓଳି ରନ୍ଧା ଖାଦ୍ୟ ବ[ନ କରିବାକୁ ଦାବି କରିଛନ୍ତି । ବନ୍ୟା ଜଳ ପ୍ରବେଶ କରିବା ଯୋଗୁଁ ଖାଲୁଆ ଅଂଚଳ ରେ ଥିବା ଘର ଗୁଡିକରେ କାଲି ଠାରୁ ପାଣି ପଶି ଥିଲା.



ଏପରିକି ପ୍ରଦୀପ ପାଣି ଗ୍ରାହୀ ଙ୍କ ଦୋକାନ ଭିତରେ ପାଣି ପଶି ସମସ୍ତ ଜିନିଷ ନଷ୍ଟ ହୋଇଯାଇଛି ।୭୫ଟି ପରିବାର ର ୨୫୦ସଦସ୍ୟ ଭୋକ ରେ ଆଉଟୁ ପାଉଟୁ ହେଉଥିବା ବେଳେ ସ୍ଥାନୀୟ ସମାଜ ସ୍ୱେୀ ଜଗନ୍ନାଥ ମହାରଣା ଓ ତାଙ୍କର ଅନେକ ସହଯୋଗୀ ଭୋକିଲା ମଣିଷ ଙ୍କ ପେଟ ରେ ଦାନା ଗଣ୍ଡାଏ ଦେଇ ଅଶୀର୍ବାଦ ପାଇଛନ୍ତି ।

ସକାଳୁ ଲୋକଙ୍କ ପାଖରେ ଛାତିଏ ବନ୍ୟା ଜଳ ରେ ପଶି ଚୁଡା, ଗୁଡ଼, ବିସ୍କୁଟ, ପାଣି ବୋତଲ, ପାଉଁରୁଟି ଓ ନାସ୍ତା ପ୍ୟକେଟ ବ[ନ କରିଛନ୍ତି ।

ଜଗନ୍ନାଥ ମହାରଣା ଙ୍କ ସହ ସ୍ଥାନୀୟ ସମାଜସ୍ୱେୀ ଅଶୋକ ଦାସ, ଦୀପକ ଅଧିକାରୀ, ଶମ୍ଭୁନାଥ ମହାଲିକ, କୁମାର ରଣା, ପ୍ରଦୀପ ଦାସ, ସଦାସୁନ୍ଦର ଅଧିକାରୀ, ରଞ୍ଜନ କୁମାର ନାୟକ, ଦେବବ୍ରତ ଦାସ ଓ ଜିତେନ୍ଦ୍ର ବେହେରା ପ୍ରମୁଖ ଲୋକଙ୍କ ପାଖରେ ପହଂଚି ଯଥା ସମ୍ଭବ ସହଯୋଗ କରିଥିଲେ ।

# ସୁରଜଙ୍କ ପରିବାରଙ୍କୁ ଟେକିନେଲା ପୋଲିସ୍

ବାଲେଶ୍ୱର,(ନିପ୍ର); ରେମୁଣା ବ୍ଲକ୍ ଅର୍ନ୍ତଗତ ପତ୍ରିପାଳ ସେବାସମବାୟସମିତିରେ କାର୍ଯ୍ୟରତ କର୍ମଚାରୀ ସୁରଜ କୁମାର ଦାସ ଯିଏକି ୩ ବର୍ଷ ଧରି ନିଜ ପ୍ରତି ହୋଇଥିବା ଅନ୍ୟାୟ କାର୍ଯ୍ୟରେ ସେବାସମବାୟ ସମିତିର ସଭାପତି ଓ ସମ୍ପାଦକ ଙ୍କ ବେଆଇନ୍ କାର୍ଯ୍ୟ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଓ ତାଙ୍କୁ ପୁନଃନିଯୁକ୍ତି ଏବଂ ତାଙ୍କର ବକେୟାଥିବା ସମସ୍ତ ଟଙ୍କା ଭରଣ ପାଇଁ ସେ ନିଜେ ଓ ତାଙ୍କ ପରିବାର ୩ବର୍ଷ ଧରି ଡିଆରସିଏସ୍, ସିଆରସିଏସ୍, ଜିଲ୍ଲାପାଳ,ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ନୟାନ୍ତ ହେବାପରେ ୧୯ ତାରିଖ ସଂଧ୍ୟାରେ ଜିଲ୍ଲାପାଳଙ୍କ ସମ୍ମୁଖରେ ସ୍ତ୍ରୀ, ପିଲାଛୁଆଙ୍କ ସମେତ ସେ ନିଜେ ଧାରଣାରେ ବସିଥିଲେ ହେଲେ ୨୦ ତାରିଖ ପୂର୍ବାହ୍ନରେ ଜିଲ୍ଲାପ୍ରଶାସନ ସୁରଜଙ୍କ ସମେତ ତାଙ୍କ ପରିବାରଙ୍କୁ ପୋଲିସ୍ ମାଧମରେ ଥାନା ଏବଂ ମହିଳା ସଦନକୁ



ଉଠାଇ ନେଇଥିଲେ । ପ୍ରଶାସନ ପକ୍ଷରୁ କୁହାଯାଇଛିକି ସୁରଜ ପ୍ରଶାସନିକ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଯୋଗୁଁ ତାଙ୍କ ବିରୁଦ୍ଧରେ ଅଭିଯୋଗ କରାଯାଇଥିଲା । ହେଲେ ପ୍ରଶ୍ନ ଉଠୁଛି ଯଦି ସେବାସମବାୟ ସମିତିର ସଭାପତି ଓ ସମ୍ପାଦକ ଦୁର୍ନୀତି କାର୍ଯ୍ୟରେ ସମ୍ପୃକ୍ତି ଥିବା ପ୍ରଶାସନିକ ତଦନ୍ତରୁ ଜଣାଯାଇଛି ତେବେ ପ୍ରଶାସନ ପକ୍ଷରୁ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ କାହିଁକି ?

# ବନ୍ୟା ପରିସ୍ଥିତି ସମୀକ୍ଷା କଲେ ସାଂସଦ

ବାଲେଶ୍ୱର,(ନିପ୍ର); ସୁବର୍ଣ୍ଣରେଖା ବନ୍ୟାଚଂଳ ପରିଦର୍ଶନ ସମୟରେ ସଂାସଦଙ୍କ ବ୍ୟକ୍ତିଗତ ସହାୟକ ବିପନ୍ନଙ୍କୁ ଗତକାଲି ଦୁର୍ବ୍ୟବହାର କରିଥିବା ଅଭିଯୋଗ ଆସିଛି । ଏହି ଘଟଣା ସାମାଜିକ ଗଣମାଧ୍ୟମରେ ପ୍ରଘଟ ହେବା ଚର୍ଚ୍ଚାର ବିଷୟ ହୋଇଛି । ଜଳେଶ୍ୱର ବ୍ଲକର ବିଭିନ୍ନ ସ୍ଥାନ ଜଳମଗ୍ନ ହୋଇଥିବାରୁ ବାଗପୁଞ୍ଜି ପୋଲ ନିକଟରେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ବନ୍ୟା ମୁକାବିଲା ଦାୟିତ୍ୱରେ ଥିବା ସ୍ୱତନ୍ତ୍ର ଅଧିକାରୀ ପୂର୍ବତନ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତୀ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁରବିକାଶ ତହସିଲଦାର ସତ୍ୟଜିତ ମହାନ୍ତି, ବିଡିଓ ଗୌରାଙ୍ଗ ଘୋଷ କେତେକ ଅଧିକାରୀଙ୍କ ସହ ପରିଦର୍ଶନ ଓ ସମୀକ୍ଷା କରୁଥିଲେ । ଏହି ସମୟରେ ବନ୍ୟା କ୍ଷତିଗ୍ରସ୍ତ ୨ଜଣ ଯୁବକ ପ୍ରଶାସନ ଆମପାଖରେ ପହଂଚିନଥିବା ଅଭିଯୋଗ କରିଥିଲେ । ଗାଁର କମଳଲୋଚନ ପାତ୍ର, ରତିକାନ୍ତ ଗିରି ୨ଜଣ ଯୁବକ ସେଠାରେ ପହଂଚି ସଂାସଦ କାହିଁକି ଗାଁର କ୍ଷତିଗ୍ରସ୍ତ ଅଂଚଳ ଦେଖିବାକୁ ଆସିଲେ ନାହିଁ କହି ପାଟିତୁଣ୍ଡ କରିଥିଲେ । ଯୁବକଙ୍କ ମନ୍ତବ୍ୟରେ ଉତକ୍ଷିପ୍ତ ହୋଇ ସାଂସଦଙ୍କ ବ୍ୟକ୍ତିଗତ ସହାୟକ ସେମାନଙ୍କୁ ମାଡ ଦେବା କହି ଦୁର୍ବ୍ୟବହାର କରିଥିଲେ ବୋଲି ଅଭିଯୋଗ ହୁଏ ।

# ସ୍ୱର୍ଗତଃ ପ୍ରତିମା ବିଶ୍ୱାଳଙ୍କ ଏକାଦଶାହ

ବାଲେଶ୍ୱର,(ନିପ୍ର); ଗତ ୧୭ ତାରିଖ ସୋମବାର ମଧ୍ୟାହ୍ନରେ ପାଣିଚାଙ୍କି ସ୍ଥିତ ସିଦ୍ଧି ବିନାୟକ କଲ୍ୟାଣ ମଣ୍ଡପ ଠାରେ ଭାବଗମ୍ଭୀର ପରିବେଶ ମଧ୍ୟରେ ସମାଜସେବୀ ସ୍ୱର୍ଗତାଃ ପ୍ରତିମା ବିଶ୍ୱାଳଙ୍କ ଏକାଦଶାହ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ସଦର ବିଧାୟକ ଜୀବନ ପ୍ରଦୀପ ଦାଶ ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ରଞ୍ଜନ କୁମାର ବାଗ ଦେବବ୍ରତ ପାଣିଗ୍ରାହୀ ଅପର୍ଣ୍ଣା ମହାପାତ୍ର, ସୁମନା ପରିଡା, ହିମାଂଶୁ ଦାଶ, ଗୋବିନ୍ଦ ରାଠୀ,ସମାଜସେବୀ କାର୍ତ୍ତିକ ସାହୁ, ହରେଣ ରଣା, କାଳୀପଦ ପଣ୍ଡା,ମମତା ମହାପାତ୍ର,ମନୋଜ ରାଉତ ଅତୁଲ ଶତପଥି, ବିକ୍ରମ ପଣ୍ଡା ପ୍ରଫେସର ଜ୍ଞାନ ରଞ୍ଜନ ପଣ୍ଡା,ସାଇରୁଲହକ୍ ପ୍ରମୁଖ ଯୋଗଦେଇ ସ୍ୱର୍ଗୀୟା ବିଶ୍ୱାଳଙ୍କ ଫଟୋଚିତ୍ରାର ପୁଷ୍ପାର୍ଘ ଅର୍ପଣ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମକୁ ତାଙ୍କର ତିନିପୁତ୍ର ତପନ ବିଶ୍ୱାଳ, ସପନ ବିଶ୍ୱାଳ, ଶିବୁ ବିଶ୍ୱାଳ ପ୍ରମୁଖ ପରିବାରର ସମସ୍ତେ ପରିଚାଳନା କରିଥିଲେ ।



# ସୁବର୍ଣ୍ଣରେଖା ବନ୍ୟା ପ୍ରଭାବିତ ଅଂଚଳ ବୁଲି ସ୍ଥିତି ପରଖିଲେ ରବୀନ୍ଦ୍ର ଜେନା : ପ୍ରଶାସନକୁ ତ୍ୱରିତ ପଦକ୍ଷେପ ପାଇଁ ଆହ୍ୱାନ



ବାଲେଶ୍ୱର, (ନି.ପ୍ର.): ସୁବର୍ଣ୍ଣରେଖା ନଦୀରେ ବୁଧବାର ରାତିରୁ ପ୍ରବଳ ବନ୍ୟାଜଳ ପ୍ରବାହିତ ହେବା ଫଳରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ପ୍ରାୟ ୧୯ଟି ପଂଚାୟତ ଗୁରୁତର ଭାବେ ପ୍ରଭାବିତ ହୋଇଛି । ବନ୍ୟାପାଣି ଜନବସତିରେ ପଶିଯିବା ଯୋଗୁଁ ବ୍ୟାପକ ଅଂଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱରର ପୂର୍ବତନ ସାଂସଦ ଶ୍ରୀ ରବୀନ୍ଦ୍ର କୁମାର ଜେନା ଗୁରୁବାର ଦିନସାରା ବସ୍ତା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଲିଆପାଳ ଓ ବସ୍ତା ବ୍ଲକର ବିଭିନ୍ନ ବନ୍ୟାପ୍ଲାବିତ ଅଂଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି ।ଗସ୍ତ ଆରମ୍ଭରେ ଶ୍ରୀ ଜେନା ବାଲିଆପାଳ ବ୍ଲକ କାର୍ଯ୍ୟାଳୟରେ ପହଂଚି ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ)ଙ୍କ ସହ ବ୍ଲକର ସାମ୍ପ୍ରତିକ ବନ୍ୟା ପରିସ୍ଥିତି, ରିଲିଫ୍ ବ[ନ, ଉଦ୍ଧାର କାର୍ଯ୍ୟ ଏବଂ ଜରୁରୀ ସହାୟତା ପହଂଚାଇବା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ପରେ ସେ ପ୍ରଭାବିତ ଅସ୍ତି, ବାଲିଆପାଳ, ମଧୁପୁରା ଓ ଜାମକୁଣ୍ଡା ପଂଚାୟତର ବିଭିନ୍ନ ଗାଁ ବୁଲି ବନ୍ୟାପୀଡ଼ିତଙ୍କୁ ଭେଟିଥିଲେ । ବିପନ୍ନଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ତୁରନ୍ତ ଉଦ୍ଧାର କାର୍ଯ୍ୟ, ରିଲିଫ୍ ଓ ଶୁଖିଲା ଓ ରନ୍ଧା ଖାଦ୍ୟ ବ[ନ, ବିଶୁଦ୍ଧ ପାନୀୟଜଳ ଏବଂ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସେ ପ୍ରଶାସନିକ ଅଧିକାରୀମାନଙ୍କ ସହ ଯୋଗାଯୋଗ କରି ଗୁରୁତ୍ୱାରୋପ କରିଥିଲେ । ସେହିପରି ଅପରାହ୍ନରେ ଜଳକା ଓ ପଳପଳା ନଦୀର ବନ୍ୟାଜଳରେ କ୍ଷତିଗ୍ରସ୍ତ ବସ୍ତା ବ୍ଲକର ସାହାଡ଼ା ଏବଂ ଇଡ଼ିଦା ପଂଚାୟତ ପରିଦର୍ଶନ କରି ଶ୍ରୀ ଜେନା ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ । ସେଠାରେ ସେ ଲୋକଙ୍କ ଦୁର୍ଦ୍ଦଶା, ପାନୀୟଜଳର ସମସ୍ୟା, ଯୋଗାଯୋଗ ବିଚ୍ଛିନ୍ନତା ତଥା ଫସଲ କ୍ଷୟକ୍ଷତି ସମ୍ପର୍କରେ ପ୍ରତ୍ୟକ୍ଷ ଭାବେ ଅବଗତ ହୋଇଥିଲେ । ଏଥିସହ ଚାଷଜମି କ୍ଷୟକ୍ଷତିର ସଠିକ୍ ଆକଳନ କରି ଯଥାଶୀଘ୍ର ସରକାରୀ କ୍ଷତିପୂରଣ ପ୍ରଦାନ କରିବାକୁ ସେ ଦାବି କରିଥିଲେ । ଏହି ଗସ୍ତ କାର୍ଯ୍ୟକ୍ରମରେ ଶ୍ରୀ ଜେନାଙ୍କ ସହିତ ସ୍ଥାନୀୟ ପଂଚାୟତ ପ୍ରତିନିଧି, ବରିଷ୍ଠ ନେତୃବୃନ୍ଦ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ୩ ବ୍ଲକ୍‌ର କ୍ଷତିଗ୍ରସ୍ତ ବନ୍ୟା ବିପନ୍ନଙ୍କ ଠାରେ ପହଂଚିଲା ରିଲିଫ୍

ବାଲେଶ୍ୱର,(ନିପ୍ର); ଲଗୁଚାପ ବର୍ଷା ପରେ ଏବେ ଝାଡଖଣ୍ଡର ଗାଲିଡିହି ବ୍ୟାରେଜ୍ ଜଳ ଉତର ବାଲେଶ୍ୱର ଲୋକଙ୍କ ପାଇଁ ବନ୍ୟାକଷ୍ଟ ଆଣିଛି । ଗତକାଲି ବ୍ୟାରେଜରୁ ଛଡାଯାଇଥିବା ପାଣି ଯୋଗୁଁ ସୁବର୍ଣ୍ଣରେଖା ନଦୀର ବନ୍ୟା ଏବେ ସଂଗୀନ ସ୍ଥିତି ସୃଷ୍ଟି କରିଛି । ବନ୍ଧବାଡ ଭାଙ୍ଗି ବନ୍ୟାଜଳ ବିଲବାଡି ଓ ଗାଁ ଗଣ୍ଡାରେ ସୁଅ ପଡିଛି । ଗତ ୧୩ ତାରିଖରେ ଲଗାଣ ବର୍ଷାରେ ସୁବର୍ଣ୍ଣରେଖାର ଜଳସ୍ତର ସତର୍କ ସଂକେତ ଠାରୁ ସାମାନ୍ୟ ଉପରକୁ ଯାଇଥିଲା । ମାତ୍ର ୧୬ ତରିଖ ସତର୍କ ସଙ୍କେତ ୯.୪୫ ମିଟର ର ବହୁ ନିମ୍ନକୁ ଖସିଯାଇଥିଲା । ତେବେ ଗତକାଲି ଖୋଲା ଯାଇଥିବା ଗଲିଡିହି ବ୍ୟାରେଜ୍ ପାଣିରେ ଆଜି ସକାଳ ଠାରୁ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଲା । ଜିଲ୍ଲା ଜରୁରୀକାଳୀନ ବିଭାଗ ସୂଚନା ଅନୁସାରେ ରାତି ୮ଟାରେ ନଦୀର ଜଳସ୍ତର ବିପଦ ସଂଙ୍କେତ (୧୦.୩୬ମି)ର ବହୁ ଉପରେ ଅର୍ଥାତ୍ ରିପୋର୍ଟ ଲେଖାହେବା ବେଳକୁ ୧୧.୬୫ ମିଟରରେ ପ୍ରବାହିତ ହେଉଛି । ପ୍ରତି ଘଂଟାରେ ୦୫ ମିଟର ପାଣି ବୃଦ୍ଧି ପାଇ ଚାଲିଛି । ନଦୀରେ ସୃଷ୍ଟି ହୋଇଥିବା ବନ୍ୟାରେ ସଂଧ୍ୟା ସୁଦ୍ଧା ଭୋଗରାଇ ବ୍ଲକ୍‌ର ୨୦ଟି ପଂଚାୟତ ବାଲିଆପାଳରେ ୧୫ ଓ ଜଳେଶ୍ୱର ବ୍ଲକ୍‌ର ୯ ପଂଚାୟତର ୫ ଶହରୁ ଅଧିକ ଗାଁ ପାଣିଘେରକୁ ଚାଲିଯାଇଥିବା ଜରୁରୀକାଳୀନ ଅଧିକାରୀ ଚିନ୍ମୟ ରାଉତ ସୂଚନା ଦେଇଛନ୍ତି । ମାତ୍ର ବାସ୍ତବରେ ହଜାରେରୁ ଅଧିକ ଗାଁରେ ବନ୍ୟାଜଳ ଢେଉ ମାରୁଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି । ସଂଧ୍ୟା ସୁଦ୍ଧା ଏନଡିଆରଏଫ୍, ଓଡ୍ରାଫ ଓ ଅଗ୍ନିଶମ ବିଭାଗ ଦଳ ୩ ବ୍ଲକ୍‌ର ତଳିଆ ଅଂଚଳରୁ ୨୨ ହଜାର ଲୋକଙ୍କୁ ଉଦ୍ଧାର କରି ବିଭିନ୍ନ ଆଶ୍ରୟ ସ୍ଥଳକୁ ଆଣିଛି । ଏନେଇ ୩ ବ୍ଲକର ୩୯ଟି କ୍ୟାମ୍ପରେ ଉଦ୍ଧାର ଲୋକଙ୍କୁ ଏବେ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି । ବଢୁଥିବା ଜଳସ୍ତର ଆଗକୁ ଭୟଙ୍କର ରୂପ ନେବ ବୋଲି ଗ୍ରାମବାସୀ ଆଶଙ୍କା କରିଛନ୍ତି ।

# ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ କୁମାର ଚାନ୍ଦଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର,(ନି.ପ୍ର.): ଆଇନଜଗତର କିମ୍ବଦନ୍ତୀ ପୁରୁଷ ପ୍ରବୀଣ ଆଇନଜୀବୀ ପ୍ରଶାନ୍ତ କୁମାର ଚାନ୍ଦଙ୍କ ବିୟୋଗରେ ଆଜି ବାଲେଶ୍ୱର ଓକିଲ ସଂଘରେ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ସଂଘର ସଂପାଦକ ସଂବିତ୍ କୁମାର ନନ୍ଦୀ ୰ ଚାନ୍ଦଙ୍କ ସଂପର୍କରେ ପ୍ରାରମ୍ଭିକ ସୂଚନା ଦେବାପରେ ସଂଘର ସଭାପତି ମଗନେଜ କୁମାର ନାୟକ ସଭାର ସଭାପତିତ୍ୱ କରିଥିଲେ । ବରିଷ୍ଠ ଆଇନଜୀବୀ ସନ୍ତୋଷ କୁମାର ଦାସ, ପୁରୁଷୋ□ମ ବିଶ୍ୱାଳ ପ୍ରମୁଖ ସ୍ମୃତିଚାରଣ କରି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ ୰ ଚାନ୍ଦ ବାଲେଶ୍ୱରରେ ପବ୍ଲିକ୍ ସ୍କୁଲ୍, ରୋଟାରୀ କ୍ଲବ୍, ବାଲେଶ୍ୱର ଲ' କଲେଜ୍ ପ୍ରତିଷ୍ଠା କରିବା ସହ ବିଭିନ୍ନସାମାଜିକ ଅନୁଷ୍ଠାନ ଓ ଶିକ୍ଷା ଅନୁଷ୍ଠାନ ସହ ଜଡ଼ିତ ରହି କେବଳ ବାଲେଶ୍ୱର ନୁହେଁ ସମଗ୍ର ଓଡ଼ିଶରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ସେ ଅବିଭକ୍ତ ବାଲେଶ୍ୱର ଜିଲ୍ଲାରେ ସରକାରୀ ପିପି ଓ ଜି.ପି. (ସରକାରୀ ଓକିଲ) ଭାବେ ସୁଚାରୁ ରୂପେ ଦାୟିତ୍ୱ ନିର୍ବାହ କରିବା ସହ ରାଜ୍ୟ ଆଇନଜୀବୀ ପରିଷଦ ଓଡ଼ିଶାକୁ ଅନେକଥର ନିର୍ବାଚିତ ହୋଇଥିଲେ । ସେ ମଧ୍ୟ ରାଜ୍ୟ ଆଇନଜୀବୀ ପରିଷଦର ଉପାଧ୍ୟକ୍ଷ (ଭାଇସ୍ ଚେୟାରମ୍ୟାନ୍) ଭାବେ ନିର୍ବାଚିତ ହେବା ସହ ମଧ୍ୟ



ଅଧ୍ୟକ୍ଷ ଭାବେ ଅନେକ ଦିନ ଧରି ଇନ୍‌ଚାର୍ଯ ଅଧ୍ୟକ୍ଷ କାର୍ଯ୍ୟ ତୁଲାଇଥିଲେ । ଆଇନ୍ ଜଗତରେ ସେ ଜଣେ ଜାଜ୍ୱଲ୍ୟମାନ ବ୍ୟକ୍ତିତ୍ୱ ଭାବେ ସୁନାମ ଅର୍ଜନ କରିଥିଲେ । ତାଙ୍କର ବିୟୋଗରେ ଆଇନଜଗତରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର କର, ଦୀପକ୍ କୁମାର ଦାସ, ବୈଲୋଚନ ଦାସ, ଅଶୋକ କୁମାର ସେନାପତି, ଅବଦୁଲ ମୀର ମଜ୍ଜିଦ୍, ଜିତେନ୍ଦ୍ର କୁମାର ଉପାଧ୍ୟାୟ, ପର୍ଶୁରାମ ପ୍ରଧାନ, ଦୀପକ କୁମାର ଦାଶ, ସୁଧାକର ମହାନ୍ତି, ଜୟନ୍ତ କୁମାର ସାହୁ, ସତ୍ୟଜିତ୍ ମିଶ୍ର, ନିରଞ୍ଜନ ପରିଡ଼ା, ଭରତ ଲେଙ୍କା, ସ୍ନେହଲତା ଦାସ, ସରୋଜ ପଣ୍ଡା, ଅରୁଣ ଜେନା, ପ୍ରଭାତ ଦାସ, ସୌରୀଶଙ୍କର ପରିଡ଼ା, ଅକ୍ଷୟ ପାତ୍ର, ଦେବାଶିଷ ପାତ୍ର, ଗୀତାଞ୍ଜଳି ପାଢ଼ୀ, ହେମଲତା ମହାପାତ୍ର, ଲକ୍ଷ୍ମୀକାନ୍ତ ବେହେରା, ଭୁବନାନନ୍ଦ ଦାସ, ତୁଷାରକାନ୍ତି ମହାପାତ୍ର, ଚକ୍ରଧର ମହାନ୍ତି, ମହମ୍ମଦ ଇସଲାମ, ବାସନ୍ତୀ ସାହୁ, ରାମଚନ୍ଦ୍ର ଜେନା, ଗୌତମ ଦାସ, ଭାଗବତ ଜେନା, ଧୀରେନ୍ଦ୍ର ମିଶ୍ର ପ୍ରମୁଖ ସ୍ମୃତିଚାରଣ କରିଥିଲେ । ସଂଘର ଅନ୍ୟତମ ଆଇନଜୀବୀ ଅଜିତ୍ କୁମାର ଦ□ଙ୍କର ମଧ୍ୟ ଗତକାଲି ଦେହାନ୍ତ ହୋଇଥିବାରୁ ସଭାରେ ମଧ୍ୟ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା ।



# ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କର ପରଲୋକ

ସୋର(ନିପ୍ର): ସୋର ପୌରପାଳିକା ଅନ୍ତର୍ଗତ ୧୮ ନମ୍ବର ୱାର୍ଡର ଚକବାରାହାପୂର୍ ଗ୍ରାମ ନିବାସୀ ଶ୍ରୀଯୁକ୍ତ ସତ୍ୟନାରାୟଣ ଦାସଙ୍କର ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା । ଆଜି ୨୦/୦୮/୨୦୨୬ ରିଖ ଗୁରୁବାର ସକାଳ ୦୫.୫୦ ଘଟିକା ସମୟରେ ବିୟୋଗ ହୋଇଥିବା ପରିବାର ବର୍ଗ ସୂଚନା ଦେଇଛନ୍ତି ।ସେ ନାନା ବିଧ ରୋଗରେ ଦୀର୍ଘ ଦିନ ଧରି ପୀଡ଼ିତ ଥିଲେ । ଭୁବନେଶ୍ୱର ଏକ ଘରୋଇ ଡାକ୍ତରଖାନାରେ ବିଗତ ୨୦ଦିନ ଧରି ଚିକିତ୍ସାଧିନ ଥିଲେ । ଶେଷରେ କୌଣସି ଆଶା ନଥିବାରୁ ୧୮/୦୮/୨୦୨୬ ରିଖରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ସେ ଜଣେ ଦୟାଳୁ, ଧର୍ମପରାୟଣ, ମିଷ୍ଟଭାଷୀ ସ୍ୱଭାବର ବ୍ୟକ୍ତି ଥିଲେ । ସରକାରୀ ଚାକିରିରୁ ଅବସର ନେବା ପରେ ସେ ନିଜ ଗ୍ରାମରେ ରହୁଥିଲେ ।ପିଏଚଡି ବିଭାଗରେ ସେ ନିଜର କାର୍ଯ୍ୟ ତୁଲାଇଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ସୋର ଅଂଚଳ ର ବହୁ ବିଶିଷ୍ଟବ୍ୟକ୍ତି ତାଙ୍କ ଘରେ ପହଂଚି ଶେଷ ଦର୍ଶନ କରିଥିଲେ । ଗ୍ରାମବାସୀ, ବନ୍ଧୁବାନ୍ଧବ, ଶୁଭେଚ୍ଛୁ ଓ ପରିବାର ସଦସ୍ୟ ଙ୍କ ଉପସ୍ଥିତି ରେ ଶୋକାକୋଳ ପରିବେଶ ରେ ତାଙ୍କର ମରଶରୀରକୁ ନିଜର ଗ୍ରାମକୁ ଅଣାଯାଇ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା । ଏକମାତ୍ର ପୁଅ ସ୍ୱରୂପ ଦାସ ମୁଖାଗ୍ନି ଦେଇଥିଲେ ।

# ଜାତୀୟ ଅନୁସୂଚିତ ଜାତି କମିଶନ ଟିମ୍ ଜିଲ୍ଲା ପରିଦର୍ଶନ ଓ ବିଭାଗୀୟ କାର୍ଯ୍ୟକ୍ରମ ଅଗ୍ରଗତି ସମୀକ୍ଷା

ଖୋର୍ଦ୍ଧା(ନିପ୍ର): ଡ଼ଃ ପାର୍ଥ ସାରଥୀ ବିଶ୍ୱାସ ଙ୍କ ନେତୃତ୍ୱରେ ଏକ ପାଂଚ ଜଣିଆ ଜାତୀୟ ଅନୁସୂଚିତ ଜାତି ଟିମ୍ ଖୋର୍ଦ୍ଧା ଜିଲ୍ଲା ପରିଦର୍ଶନ କରି ଜିଲ୍ଲା କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସହ ଅନୁସୂଚିତ ଜାତି ଯୋଜନା ଗୁଡିକ ଜିଲ୍ଲାରେ କାର୍ଯ୍ୟକାରୀ ଓ ଅଗ୍ର ଗତି ସମ୍ବନ୍ଧରେ ସମୀକ୍ଷା କରି ଏକ ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକ ମାନଙ୍କୁ ସୂଚନା ପ୍ରଦାନ କରିଛନ୍ତି । ମାନ୍ୟବର ସଦସ୍ୟଙ୍କ ସହ ସୋନାଲି ଦତ, ନିର୍ଦ୍ଦେଶକ, ଜାତୀୟ ଅନୁସୂଚିତ ଜାତି କମିଶନ, ନବୀନ ରୋହିଲ, ମାନ୍ୟବର ସଦସ୍ୟଙ୍କ ବ୍ୟକ୍ତିଗତ ସଚିବ, ପୁଲୋମା ବସୁ, ବରିଷ୍ଠ ତଦନ୍ତକାରୀ ଏବଂ ଶୁଭମ୍ ଦତ ଯୋଗଦେଇଥିଲେ । ସେହିପରି, ଅନୁସୂଚିତ ଜାତି ଓ ଜନଜାତି ରାଜ୍ୟ ସରକାରଙ୍କ ବିଭାଗର



ଲକ୍ଷ୍ମଣ କୁମାର ମଲ୍ଲିକ, ନିର୍ଦ୍ଦେଶକ ଅନୁସୂଚିତ ଜାତି ମଙ୍ଗଳ, କୁମୁଦିନୀ ସୁବୁଦ୍ଧି, ଉପ ଶାସନ ସଚିବ, ଭରତ ଭୂଷଣ ବିଶ୍ୱାଳ, ଉପ ନିର୍ଦ୍ଦେଶକ ଯୋଗଦେଇଥିଲେ । ସେହିପରି ସମୀକ୍ଷା ବୈଠକରେ ମାନ୍ୟବର ସଦସ୍ୟଙ୍କ ସହ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜ, ଆରକ୍ଷୀ ଅଧିକ୍ଷକ ପାରମାର ସ୍ମିଥ ପାରୁସୋତମ ଦାସ, ଉପାୟୁକ୍ତ, ଭୁବନେଶ୍ୱର କମିଶନରେଟ ପୋଲିସ୍ ମଂଚାଷିନ ଥିବାବେଳେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସାଫଲ୍ୟ ମଣ୍ଡିତ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁ, ଉପ ଜିଲ୍ଲାପାଳ, ଭୁବନେଶ୍ୱର,ଡ଼ଃ ମନୋରଞ୍ଜନ ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା ସଂକଳ୍ପ ସ୍ୱସ୍ତିକ ସାହୁ, ଉପନିର୍ଦ୍ଦେଶକ ତଥା ଜିଲ୍ଲା ମଙ୍ଗଳ ଅଧିକାରୀ, ଖୋର୍ଦ୍ଧା, ଡ଼ଃ ଗିତାଂଶୁ ମୋହନ ଦାଶ,ଏଲ ଡି ଏମ, ଅଶୋକ କୁମାର ବେହେରା, ସାଧାରଣ ପରିଚାଳକ, ଜିଲ୍ଲା ଶିଳ୍ପ କେନ୍ଦ୍ର, ସୁଶ୍ରୀ ସମୁଚିତା ମଲ୍ଲିକ, ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ଶଙ୍କର ବେହେରା ଯୋଗ ଦେଇଥିଲେ ଓ ମାନ୍ୟବର କମିଶନ ବିଭିନ୍ନ ପୀଡ଼ିତାଙ୍କ କ୍ଷତି ପୂରଣ ପ୍ରଦାନ, ମନରେଗା, ଜମିଜମା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ, ଛାତ୍ର ଛାତ୍ରୀ ମାନଙ୍କ ଶିକ୍ଷା ବୃତି, ଅନୁସୂଚିତ ଜାତି ଛାତ୍ରାବାସ, ପ୍ରଧାନ ମନ୍ତ୍ରୀ ମୁଦ୍ରା ଋଣ, ଜନ ଧନ ଯୋଜନା ଆଦି ବିଭିନ୍ନ କାର୍ଯ୍ୟ କ୍ରମ ଉପରେ ସମୀକ୍ଷା କରିଥିଲେ ଓ ସୂଚନା କ୍ରମେ ମନରେଗା ଯୋଜନାରେ ଜିଲ୍ଲାରେ ୧୬୮୦୧ ଅନୁସୂଚିତ ଜାତି ହିତାଧିକାରୀଙ୍କୁ କାର୍ଡ ବଂଟନ ହୋଇଅଛି । ସେହିପରି ଗୃହ ନିର୍ମାଣ ପାଇଁ ୩.୧୨ ଏକର ଜମି ବଂଟନ କରାଯାଇଅଛି । ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଯୋଜନାରେ ୨୦୨୫-୨୬ ବର୍ଷରେ ୧୮୫୪ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଅଛି । ଜିଲ୍ଲାରେ ୧୪ ଗୋଟି ହଷ୍ଟେଲରେ ୧୪୦୦ ପିଲାଙ୍କୁ ରଖା ଯାଇଛି । ୨୦୨୫-୨୬ ବର୍ଷରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ରେ ୮୫୬୩ ବାଳକ ଏବଂ ୮୬୮୪ ବାଳିକା ନାମ ଲେଖାଇଥିବା ବେଳେ ବେସରକାରୀ ବିଦ୍ୟାଳୟରେ ୩୪୦୭ ବାଳକ ଓ ୨୭୭୪ ବାଳିକା ନାମ ଲେଖାଇଛନ୍ତି । ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ସରକାରୀ ବିଦ୍ୟାଳୟରେ ୬୮୧୮ ବାଳକ ଓ ୬୬୩୬ ବାଳିକା ନାମ ଲେଖାଇଛନ୍ତି । ଉଚ୍ଚ ବିଦ୍ୟାଳୟ ଶ୍ରେଣୀରେ ସରକାରୀ ବିଦ୍ୟାଳୟରେ ୩୪୬୯, ବାଳକ ଏବଂ ୩୫୩୯ ବାଳିକା, ବେସରକାରୀ ବିଦ୍ୟାଳୟରେ ୭୨୨ ବାଳକ ଏବଂ ୫୯୦ ବାଳିକା, ଉଚ୍ଚ ମାଧ୍ୟମିକ ସରକାରୀ ବିଦ୍ୟାଳୟ ରେ ୪୮୦ ବାଳକ ଏବଂ ୭୧୮ ବାଳିକା, ବେସରକାରୀ ରେ ୧୧୯୪ ବାଳକ ଏବଂ ୯୧୫ ବାଳିକା ନାମ ଲେଖାଇଛନ୍ତି । ସେହିପରି ଜିଲ୍ଲା ଶିଳ୍ପ କେନ୍ଦ୍ର, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରଣୀତ ଯୋଜନା ଉପରେ ସମୀକ୍ଷା କରି ସନ୍ତୋଷ ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମସ୍ତ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ବିଭିନ୍ନ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

# ରସାଲପୁର କଲେଜରେ ନିଶାମୁକ୍ତ ଭାରତ ଅଭିଯାନ ଆୟୋଜିତ

ବାଲେଶ୍ୱର: ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଂଚାର ବ୍ୟୁରୋ (ସିବିସି) ବାଲେଶ୍ୱର କ୍ଷେତ୍ର କାର୍ଯ୍ୟାଳୟ ପକ୍ଷରୁ ବାଲେଶ୍ୱର ଜିଲ୍ଲା ରସାଲପୁର ସ୍ଥିତ ଡକ୍ଟର ଯଦୁନାଥ କଲେଜ୍ ପରିସରରେ ଦିନିକିଆ ନିଶାମୁକ୍ତ ଭାରତ ଅଭିଯାନ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ କଲେଜ ଛାତ୍ରଛାତ୍ରୀଙ୍କୁ ନିଶାର କୁପରିଣାମ ସମ୍ପର୍କରେ ସଚେତନ କରାଯାଇଛି । ଜାତୀୟ ସେବା ଯୋଜନା (ଏନଏସଏସ) ଏବଂ କଲେଜର ନିଶା ନିବାରଣ କେନ୍ଦ୍ର ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ବାଲେଶ୍ୱର ଅବକାରୀ ଡିଏସପି ଶ୍ରୀମତୀ ସ୍ୱପ୍ନାରାଣୀ ସାହୁ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି




ରୂପେ ଯୋଗ ଦେଇଥିଲେ । ସୁସ୍ଥ ଜୀବନ, ସୁସ୍ଥ ପରିବାର, ସୁସ୍ଥ ସମାଜ ଏବଂ ସୁସ୍ଥ ଭବିଷ୍ୟତ ପାଇଁ ନିଶାଠାରୁ ଦୂରେଇ ରହିବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । କଲେଜର ଅଧକ୍ଷ ତୃପ୍ତିଲତା ଦାସ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ପ୍ରଭାତ କୁମାର ପରିଡ଼ା କହିଥିଲେ, ବିକଶିତ ଭାରତ ନିର୍ମାଣ ଲାଗି ନିଶାମୁକ୍ତ ସମାଜ ଗଠନ ଜରୁରୀ । କଲେଜର ପ୍ରଶାସନିକ ଅଧିକାରୀ ସଙ୍ଗୀତା ନନ୍ଦ ନିଶାମୁକ୍ତ ଭାରତ ଗଠନରେ ଛାତ୍ରଛାତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ । କଲେଜ ନିଶା ନିବାରଣ କେନ୍ଦ୍ରର ସଂଯୋଜକ ରବିନ୍ଦ୍ରନାଥ ପ୍ରଧାନ ନିଶାର ଶାରିରିକ ଓ ମାନସିକ କୁପରିଣାମ ବିଷୟରେ ମତ ରଖିଥିଲେ । ବାଲେଶ୍ୱର କ୍ଷେତ୍ର ପ୍ରଚାର ଅଧିକାରୀ ଶ୍ରୀ ନିର୍ମାଲ୍ୟ ବେହେରା କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିବା ବେଳେ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ରସାନନ୍ଦ ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମ ଆରମ୍ଭରେ ଶତାଧିକ ଛାତ୍ରଛାତ୍ରୀ ଏକ ଶୋଭାଯାତ୍ରାରେ ସାମିଲ ହୋଇ ନିଶାମୁକ୍ତ ସମାଜର ବାର୍ତ୍ତା ବାଂଟିଥିଲେ । ଏହି ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ବହୁସଂଖ୍ୟାରେ ଯୋଗ ଦେଇଥିଲେ ।

# ବିଦ୍ୟାଳୟରେ ରୋଟାରୀ କ୍ଲବ୍ ପକ୍ଷରୁ ୱାଟର ପ୍ୟୁରିଫାୟର ପ୍ରଦାନ



ନୟାଗଡ(ନିପ୍ର): ରୋଟାରୀ କ୍ଲବ୍ ନୟାଗଡ଼ ପକ୍ଷରୁ ଆଜି ଚାହାଳିସ୍ଥିତ ଜନଶକ୍ତି ସରକାରୀ ଉଚ୍ଚ ବିଦ୍ୟାଳୟକୁ ଏକ ୱାଟର ପ୍ୟୁରିଫାୟର ପ୍ରଦାନ କରାଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ଦାଶଙ୍କ ଠାରୁ ବିଦ୍ୟାଳୟରେ ଏକ ୱାଟର ପ୍ୟୁରିଫାୟରର ଆବଶ୍ୟକତା ସମ୍ପର୍କରେ ଜାଣିବା ପରେ ରୋଟାରୀ କ୍ଲବ୍ ନୟାଗଡ଼ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିଲା । ପ୍ରଧାନଶିକ୍ଷକ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ରୋଟାରୀ କ୍ଲବ୍ ନୟାଗଡ଼ର ସଭାପତି ବାସୁଦେବ ସାହୁ, ଉପସଭାପତି ଜି. ରଶ୍ମିରାଜ ଏବଂ ସମ୍ପାଦକ ଦିଲ୍ଲୀପ ମିଶ୍ର ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ୱାଟର ପ୍ୟୁରିଫାୟରଟି ହସ୍ତାନ୍ତର କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଦିଗରେ ରୋଟାରୀ କ୍ଲବ୍ ନୟାଗଡ଼ର ଏହି ପଦକ୍ଷେପକୁ ବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇଛି ।

# ଭୂମି ଅଧିକାର ପ୍ରମାଣ ପତ୍ର ଥିଲେ କେହି ଉଚ୍ଛେଦ କରିପାରିବେ ନାହିଁ

କଟକ(ନିପ୍ର): ମାନ୍ୟବର ଉଚ୍ଚ ନ୍ୟାୟାଳୟ ଜଣେ ବସ୍ତି ବାସିନ୍ଦାଙ୍କ ଆବେଦନର ଶୁଣାଣି କରି ଏକ ରାୟ ପ୍ରକାଶ କରିଛନ୍ତି । ତାର ସାରାଂଶ ହେଲା ବସ୍ତି ବାସିନ୍ଦାଙ୍କ ପାଖରେ ଭୂମି ଅଧିକାର ପ୍ରମାଣପତ୍ର ଏଲ୍ ଆର ସି ଥିଲେ କର୍ତ୍ତୃପକ୍ଷ ତାଙ୍କୁ ଆଇନ ଅନୁଯାୟୀ ଉଚ୍ଛେଦ କରିପାରିବେ ନାହିଁ । ଏବଂ ଯେଉଁ ମାନଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ମିଳି ନାହିଁ ସେମାନଙ୍କର ଆବଶ୍ୟକ କାଗଜପତ୍ର ଥିଲେ ଓ ଯୋଗ୍ୟ ବିବେଚିତ ହେଉଥିଲେ ଗୋଟିଏ ମାସ ଭିତରେ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରିବାକୁ ରାୟରେ ପ୍ରକାଶ କରାଯାଇଛି । ଏହାକୁ ବସ୍ତି ବାସିନ୍ଦାଙ୍କ ମିଳିତ ମ*ର ଆବାହକ ଖଗେଶ୍ୱର ସେଠୀ ସ୍ୱାଗତ କରି କହିଛନ୍ତି ବସ୍ତି ବାସିନ୍ଦାଙ୍କ ସାମ୍ବିଧାନିକ ଓ ମାନବିକ ଅଧିକାର ସୁରକ୍ଷା କ୍ଷେତ୍ରରେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ରାୟ ଏକ ମାଇଲି ଖୁଂଟ ସଦୃଶ୍ୟ । ନ୍ୟାୟାଳୟର ଏହି ନିର୍ଦ୍ଦେଶକୁ ପାଳନ କରିବାକୁ ମ* ପକ୍ଷରୁ ଶ୍ରୀ ସେଠୀ ଦାବି କରିଛନ୍ତି । ଏଠାରେ ଉଲ୍ଲେଖ କରାଯାଇ ପାରେ ୨୦୧୭ ବସ୍ତି ବାସିନ୍ଦାଙ୍କ ଆଇନରେ ପୌରା*ଳ ଓ ବିଜ୍ଞାପିତ ଅଂଚଳରେ ଏବଂ ୨୦୨୧ ଜାଗା ମିଶନରେ ମହାନଗର ନିଗମରେ କିଛି ବସ୍ତି ବାସିନ୍ଦାଙ୍କୁ ଏଲ ଆର୍ ସି ଦିଆ ଯାଇଥିଲା । ଅଧିକାଂଶ ବସ୍ତି ବାସିନ୍ଦା ଏଲ ଆର୍ ସି ପାଇନଥିଲେ । ବିଶେଷ କରି ମହାନଗର ନିଗମ ଗୁଡିକରେ ଶତକଡା ୯୫ ଭାଗ ଲୋକ ଏଲ ଆର୍ ସି ପାଇନଥିଲେ । ସେତେବେଳେ ୨୦୨୪ ନିର୍ବାଚନ ଘୋଷଣା ପୂର୍ବରୁ ସେ ସମୟର ସରକାର ତରବରିଆ ଭାବେ ମହାନଗର ନିଗମ ଗୁଡିକରେ ହାତ ଗଣତି ଲୋକଙ୍କୁ ଏଲ ଆର୍ ସି ଦେଇଥିଲେ । ନିର୍ବାଚନ ଘୋଷଣା ପରେ ତାହା ବନ୍ଦ ହୋଇଗଲା । ନିର୍ବାଚନ ପ୍ରଚାର ବେଳେ ଭୂମି ଅଧିକାର ପ୍ରମାଣପତ୍ରକୁ ବିଜେପି କହିଥିଲା ଏହା କେବଳ କାଗଜ ଟୁକୁଡା ଏହାର କୌଣସି ମୂଲ୍ୟ ନାହିଁ । ନିର୍ବାଚନ ପ୍ରତିଶୃତିରେ ବିଜେପି କହିଥିଲା ଆମେ ସରକାର କଲେ ସମସ୍ତ ବସ୍ତି ବାସିନ୍ଦାଙ୍କୁ ପଟା ଦେବୁ । ନିର୍ବାଚିତ ହୋଇ ପାଖାପାଖି ଅଢ଼େଇ ବର୍ଷ ଶାସନ କଲେଣି । ଦୁଃଖର ବିଷୟ ପଟା ଦେବା ତ ଦୂରର କଥା ଗୋଟିଏ ପରେ ଗୋଟିଏ ବସ୍ତି କୁ ଉଛେଦ କରି ଚାଲିଛନ୍ତି । ଏହି ଅମାନବୀୟ କାର୍ଯ୍ୟରୁ ନିବୃତ୍ତ ରହି ଉଚ୍ଚ ବିଦ୍ୟାଳୟଙ୍କ ନିର୍ଦ୍ଦେଶକୁ ପାଳନ କରିବାକୁ ବସ୍ତି ବାସିନ୍ଦାଙ୍କ ମିଳିତ ମଂଚ ପକ୍ଷରୁ ଦାବି କରାଯାଇଛି । ଯେଉଁ ମାନେ ଏଲ୍ ଆର୍ ସି ପାଇଛନ୍ତି ତାହା ଏକ କାଗଜ ଟୁକୁଡ଼ା ତାର ମୁଲ୍ୟ ନାହିଁ ବୋଲି ଅପ ପ୍ରଚାର କରି ବସ୍ତି ବାସିନ୍ଦାଙ୍କ ଭିତରେ ଭୟ ଓ ଅସୁରକ୍ଷା ଭାବନା ସୃଷ୍ଟି କରିଚାଲିଥିଲେ, ସରକାରଙ୍କ ପାଇଁ ଉଚ୍ଚ ନ୍ୟାୟଳୟର ଏହା ଏକ ବଡ ଚେତାବନୀ ।

## ମହିଳା ମହାବିଦ୍ୟାଳୟ ନିଶା ନିବାରଣ ରାଷ୍ଟ୍ରୀୟ ଶପଥ କାର୍ଯ୍ୟକ୍ରମ

ନୟାଗଡ଼(ନିପ୍ର): ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟରେ ଅଧକ୍ଷା ସରୋଜା ଷଡ଼ଙ୍ଗୀଙ୍କ ତ୍ୱାବଧାନତାରେ ଯୁବ ରେଡକ୍ରସ୍ ଓ ଜାତୀୟ ସେବା ଯୋଜନା ତରଫରୁ ରାଷ୍ଟ୍ରୀୟ ନିଶା ନିବାରଣ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଅଛି । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ଛାତ୍ରୀ,ଓ ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ଥିଲେ । ଅଧକ୍ଷା ଶ୍ରୀମତୀ ଷଡ଼ଙ୍ଗୀ ସମସ୍ତଙ୍କୁ 'ନିଶା ଠାରୁ ନିଜକୁ, ପରିବାରକୁ, ପଡୋଶୀ ଓ ମିତ୍ର ମାନଙ୍କୁ ଦୂର ରେ ରଖି ନିଜର ଜିଲ୍ଲା, ରାଜ୍ୟ ଓ ନିଜ ଦେଶକୁ ମୁକ୍ତ ରଖିବା ପାଇଁ ଯଥାସମ୍ଭବ ଚେଷ୍ଟା କରିବା'ର ଶପଥ ପାଠ କରାଇଥିଲେ ।

# ଆକ୍ସନ ମୁଡ୍‌ରେ ଅବକାରୀ ବିଭାଗ: ଗିରଫ ହେଲେ ନିଶାମାଫିଆ

ଜଗତସିଂହପୁର(ନିପ୍ର): ପାରାଦ୍ୱୀପ ଥାନା ଅନ୍ତର୍ଗତ ବିଶ୍ୱାଳି ଗ୍ରାମର ରେ ଚଢଉ କରି ଜଣେ ନିଶା ମାଫିଆଙ୍କୁ ଗିରଫ କରିଛି ପାରାଦୀପ ଅବକାରୀ ଥାନା । ଯାଂଚ ପରେ ତାଙ୍କ ପାଖରୁ ୨୫ ଗ୍ରାମର ହେରୋଇନ୍ ଜବତ କରାଯାଇଛି । ସୂଚନାଯୋଗ୍ୟ ଯେ ବିଶ୍ୱାଳି ଗ୍ରାମର ସର୍ବେଶ୍ୱର ଜେନା ଦୀର୍ଘ ଦିନ ଧରି ଆଖପାଖ ଅଂଚଳରେ ହେରୋଇନ୍ ବେପାର କରୁଥିବା ସମ୍ପର୍କ ରେ ପାରାଦୀପ ଅବକାରୀ ଥାନାକୁ ଅଭିଯୋଗ ମିଳିଥିଲା । ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ସେ ଆଜି ହେରୋଇନ୍ ରଖିଥିବାର ସୂଚନା ପରେ ପାରାଦୀପ ଅବକାରୀ ଥାନାର ଉପ ନିରିକ୍ଷକ ଧର୍ମପଦ ଦାସଙ୍କ ନେତୃତ୍ୱରର ଏକ ଟିମ୍ ଗଠନ ହୋଇଥିଲା । ଗ୍ରାହକ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ପାରାଦୀପ ଅବକାରୀ ଥାନାର କର୍ମଚାରୀ ଏବଂ ଡିଲ୍ ବେଳେ ଅଭିଯୁକ୍ତଙ୍କୁ ମାଡି ବସିଥିଲେ । ଗିରଫ ଅଭିଯୁକ୍ତ ଜଣକ ହେଲେ ବିଶ୍ୱାଳି ଗ୍ରାମର ଧନେଶ୍ୱର ଜେନାଙ୍କ ପୁଅ ସର୍ବେଶ୍ୱର ଜେନା । ଜବତ



ହେରୋଇନ୍ ର ଆନୁମାନିକ କଳାବଜାରୀ ମୂଲ୍ୟ ପ୍ରାୟ ୨,୫୦,୦୦୦ ଟଙ୍କା ହେବ । ଅଭିଯୁକ୍ତଙ୍କୁ ଅତିରିକ୍ତ ଜିଲ୍ଲା ଦୌରାଜଜ କୁଜଙ୍ଗଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ୧୪ଦିନିଆ ବିଚାର ବିଭାଗୀୟ ହାଜତ୍‌କୁ ପଠାଇଛନ୍ତି । ଗିରଫ ଅଭିଯୁକ୍ତଙ୍କ ନାମରେ ମାମଲା ଥିବାର ସନ୍ଦେହ ରେ ଅବକରୀ ବିଭାଗ ତରଫରୁ ଖୋଳତାଡ ଆରମ୍ଭ କରିଥିବାର ପ୍ରକାଶ କରିଛନ୍ତି ଜଗତସିଂହପୁର ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନ । ସେ କହିଛନ୍ତି ଅବକାରୀ ବିଭାଗ ମୂଳ ପର୍ଯ୍ୟନ୍ତ ଯିବ । ଅଭିଯୁକ୍ତ ଜଣଙ୍କ କେଉଁଠୁ ହେରୋଇନ୍ ଆଣୁଥିଲେ ଏବଂ ଏହା ପଛରେ କାମ କରୁଥିବା ସିଣ୍ଡିକେଟକୁ ଧରିବାକୁ ପ୍ରୟାସ ଆରମ୍ଭ କରିଛି ଅବକାରୀ ବିଭାଗ ।

## ଭାସିଯାଉଥିବା ଯୁବକଙ୍କୁ ଉଦ୍ଧାର କଲେ ସ୍ଥାନୀୟ ଲୋକେ

ସୋର,୧୮/୮(ସପ୍ର)- ବନ୍ୟାଜଳରେ ଭାସିଯାଉଥିବା ଜଣେ ଯୁବକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି । ସୂଚନା ଅନୁସାରେ କାଂଶବାଂଶ ନଦୀରେ ବନ୍ୟାଜଳ ନିଷ୍କାସନ ନହେବାରୁ ସ୍ଥାନୀୟ ଅ*ଳରେ ବନ୍ୟାଜଳ ଜମି ରହିଛି । ଫଳରେ ୫୦ରୁ ଅଧିକ ଗାଁ ଏବେ ଜଳମଗ୍ନ ଅବସ୍ଥାରେ ଅଛି । ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି ଢେଉ ଖେଳୁଛି । ଏପରିସ୍ଥିତିରେ ଆଜି ମଧ୍ୟାହ୍ନରେ ପଦାନପଡା ଗ୍ରାମର ଜଣେ ଯୁବକ ନିଜ ବାଇକ ଯୋଗେ ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଣିବାକୁ ଯାଉଥିବା ବେଳେ ଭାସିଯାଇଥିଲେ । ସ୍ଥାନୀୟ ଲୋକେ ରଶି ସାହାଯ୍ୟରେ ତାଙ୍କୁ ଓ ତାଙ୍କ ଗାଡିକୁ ଉଦ୍ଧାର କରିଛନ୍ତି । ଦୀର୍ଘ ଏକ ମାସରୁ ଅଧିକ ଦିନ ଧରି ତଳନଗର ପଂଚାୟତର ୧୪ ଟି ଗାଁର ଲୋକେ ଜଳମଗ୍ନ ଅବସ୍ଥାରେ ଦିନ ବିତାଉଥିବା ବେଳେ ଏ ପର୍ଯ୍ୟନ୍ତ ସେମାନଙ୍କୁ କୌଣସି ସୁବିଧା ଯୋଗାଯାଇ ନଥିବା ଲୋକେ ଅଭିଯୋଗ କରିଛନ୍ତି ।

**NOTICE**

By virtue of an affidavit sworn before Executive Magistrate, Balasore, dated 19.08.2026 I, Akshaya Kumar Biswal, Address At.-Chhatara, P.O.-Tudigadia, P.S.-Soro, Dist.-Baleshwar, Odisha, Pin-756047 declare that I have changed my name from Akhay Kumar Biswal to Akshaya Kumar Biswal. Henceforth, I shall be known as Akshaya Kumar Biswal for all purposes.

**Sd/-**
**Akshaya Kumar Biswal**

**AFFIDAVIT**

By virtue of an affidavit sworn before Executive Magistrate, Khaira, Balasore dated 12.08.2026 I, Smt. Binati Hazara, aged about 24 years, W/o- Rakesh Behera and D/o- Prakash Chandra Hazara of Village- Rautaragadhia, patana, Po- Kaupur, Ps- Bhadrak, rural, Dist- Bhadrak declare that I have changed my name from Binulata Hazara to Binati Hazara. Henceforth, I shall be known as Binati Hazara for all purposes.

**Sd/-**
**Binati Hazara**

No. 25001/980/2627

e-Procurement Notice for Building/Road Works Identification No.
04 SERW BLS 2026-27

1. Name of the Work :- Buildings and Roads
2. Total No. of Works :- 7 Nos
3. Estimated Cost :- Estimated Cost Rs 4.21 to Rs 29.661 lakh
4. Class of Contractor :- 'D', 'C' & 'B' Class
5. Time of Completion :- 3 Month (Three Calender Month)
6. Other Details :-


| Procurement Officer | Bid Identification No | Availability of tender On-line for bidding | | Last date & time of seeking tender clarification | Date & time of opening of tender in the Office of the Superintending Engineer R.W. Division, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division: Balasore | 04 SERW BLS 2026-27 | 01.09.2026 at 11.00 A.M. | 10.09.2026 up to 5.00 P.M. | 10.09.2026 up to 1.00 P.M. | 11.09.2026 at 11.00 A.M. |



Further details can be seen from the web site- www.tendersodisha.gov.in

Sd/-
Superintending Engineer
R.W.Division, Balasore

OIPR. 25001/25108/1/26-27/0004







ଅଯଥାରେ ଗର୍ବ କରୁଥିବା ଲୋକଟି ବୁଝିବା ଉଚିତ ଯେ ଶେଷ ସମୟରେ ନିଜ ପ୍ରାଣକୁ ମଧ୍ୟ ସେ ଅଟକାଇ ପାରି ନଥାଏ ।

# ଆଜିକାଲି



ଅସ୍ତ୍ୱିନ୍ଦ୍ରିୟାଣି ମନସା ନିୟମ୍ୟାରଭତେଽର୍ଜୁନ
କର୍ମେନ୍ଦ୍ରିୟୈଃ କର୍ମଯୋଗମସକ୍ତଃ ସ ବିଶିଷ୍ୟତେ ।।
(ଶ୍ରୀମଦ୍ ଭଗବଦ୍ ଗୀତା)
ଭାବାର୍ଥ : ଯେଉଁ ପୁରୁଷ ମନ ଦ୍ୱାରା ଇନ୍ଦ୍ରିୟମାନଙ୍କୁ ବଶ କରି ଅନାସକ୍ତ ହୋଇ କର୍ମଯୋଗ ଆଚରଣ କରନ୍ତି ସେ ଶ୍ରେଷ୍ଠ ଅଟନ୍ତି

## ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ

ଆଜି ବରିଷ୍ଠ ନାଗରିକ ଦିବସ । ଏହି ଅବସରରେ କେତେକ ଜାଣିବା କଥା । ଶେଷ ଜନଗଣନା ଅନୁଯାୟୀ ଆମ ଦେଶରେ ବରିଷ୍ଠ ନାଗରିକ (ଷାଠିଏ ବର୍ଷରୁ ଅଧିକ)ଙ୍କ ସଂଖ୍ୟା ୧୦.୪ କୋଟି, ସେମାନଙ୍କ ମଧ୍ୟରେ ପୁରୁଷଙ୍କ ସଂଖ୍ୟା ୫.୧ କୋଟି ଏବଂ ମହିଳାଙ୍କ ସଂଖ୍ୟା ୫.୩ କୋଟି । ୨୦୨୬ ସୁଦ୍ଧା ଭାରତର ବରିଷ୍ଠ ନାଗରିକଙ୍କ ସଂଖ୍ୟା ୧୭.୩ କୋଟିରେ ପହଂଚିବ । ବରିଷ୍ଠ ନାଗରିକଙ୍କ ମୋଟ ସଂଖ୍ୟାର ୭୧ ପ୍ରତିଶତ ଗ୍ରାମାଂଚଳରେ ବାସ କରୁଥିବା ବେଳେ ଅବଶିଷ୍ଟ ସହରାଂଚଳର ବାସିନ୍ଦା । ଗ୍ରାମାଂଚଳର ୬୬ ପ୍ରତିଶତ ପୁରୁଷ ବରିଷ୍ଠ ନାଗରିକ ଏବଂ ୨୮ ପ୍ରତିଶତ ମହିଳା ବରିଷ୍ଠ ନାଗରିକ କାର୍ଯ୍ୟ କରୁଥିବା ବେଳେ ସହରାଂଚଳରେ ସେମାନଙ୍କ ସଂଖ୍ୟା ଯଥାକ୍ରମେ ୪୬ ଓ ୧୧ ପ୍ରତିଶତ । ବରିଷ୍ଠ ନାଗରିକଙ୍କ ସଂଖ୍ୟା ଦୃଷ୍ଟିରୁ କେରଳ ଦେଶରେ ପ୍ରଥମ । ଏହି ରାଜ୍ୟର ମୋଟ ଜନସଂଖ୍ୟାର ୧୨.୬ ପ୍ରତିଶତ ବରିଷ୍ଠ ନାଗରିକ । ବୟସର ଅପରାହ୍ନରେ ପହଂଚିବା ପରେ ସେମାନେ ଅଲୋଡ଼ା ହୋଇ ପଡ଼ିଥାନ୍ତି ଅନେକଙ୍କ ମତରେ ଏହା ହିଁ ବରିଷ୍ଠ ନାଗରିକର ସଂଜ୍ଞା । କେବଳ ପରିବାର ନୁହେଁ ସମାଜରେ ମଧ୍ୟ ଏମାନେ ଏକ ପ୍ରକାର ଅଦରକାରୀ ଅଙ୍ଗ ଭାବେ ବିବେଚିତ ହୋଇଥାନ୍ତି । ଏଭଳି ଚିନ୍ତାଧାରା ବରିଷ୍ଠ ନାଗରିକମାନଙ୍କ ପ୍ରତି ଦିନକୁ ଦିନ ବଢୁଥିବା ଅତ୍ୟାଚାରର ଅନ୍ୟତମ ପ୍ରଧାନ କାରଣ । ଲୋକମାନଙ୍କ ମନରୁ ଏସବୁ ଚିନ୍ତାଧାରାକୁ ଦୂର କରିବା ତଥା ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କ ଅଧିକାର ପ୍ରଦାନ କରିବା ଏବେ ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଲାଣି । ସେମାନଙ୍କ ପ୍ରତି ଯତ୍ନଶୀଳ ହେବା ଏବଂ ଏହି ସମ୍ବନ୍ଧୀୟ ସଚେତନ ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୨୧ରେ ପାଳିତ ହୋଇଥାଏ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ । ଆମେରିକାର ପୂର୍ବତନ ରାଷ୍ଟ୍ରପତି ରୋନାଲ୍ଡ ରିଗନ୍ଙ୍କ ଦ୍ୱାରା ୧୯୮୮ ମସିହାରେ ଆମେରିକା ପ୍ରଥମ ଥର ପାଇଁ ଏହି ଦିବସ ପାଳିତ ହୋଇଥିଲା । ପରେ ସାରା ବିଶ୍ୱରେ ଏହି ଦିବସ ପାଳିତ ହେଉଛି ।

# ବରିଷ୍ଠ ନାଗରିକଙ୍କ କଥା

◆ ବିଚିତ୍ରାନନ୍ଦ ପ୍ରଧାନ

### 'ତାତ ଜନନୀ ଉପକାର, ଶୁଝି କେ ପାରିବ କୁମର.....'

ଶ୍ରୀମଦ୍ ଭାଗବତରେ ନିଜ ଜୀବନ୍ତ ଭଗବାନ ସଦୃଶ ନିଜ ପିତାମାତାଙ୍କ ସେବାକର୍ମ ପ୍ରତି ଉଲ୍ଲେଖ ରହି ଲେଖା ହୋଇଛି - ତଥାଚାର୍ଯ୍ୟ ବ୍ରହ୍ମାର ମୂରତି, ପିତା ପ୍ରତ୍ୟକ୍ଷ ପ୍ରଜାପତି । ଭ୍ରାତା ଯେ ମୂରତି ଇନ୍ଦ୍ରର, ମାତା ସାକ୍ଷାତ ପୃଥିବୀର । ଅଗ୍ନି ମୂରତି ଅଭ୍ୟାଗତ, ଆତ୍ମାର ମୂର୍ତ୍ତି ସର୍ବଭୂତ । ତାତ ଜନନୀ ଉପକାର, ଶୁଝି କେ ପାରିବ ଏଡ଼ିକିଟିଏରୁ ଏତୁଟିଏ ହେଉଛୁ, ଯିଏ ଆମ ପାଇଁ ପ୍ରତ୍ୟକ୍ଷ ଦେବତା; ସିଏ ହେଉଛନ୍ତି ଆମର ପିତାମାତା । ଏଣୁ - ତପିତା ନାହିଁ ଯାହାର ସାହା ନାହିଁ ତାର, ପିତା ମାତା ସବୁ କିଛି ପିତାମାତା ପାଦ ଯେ ଜନ ସେବିଛି, ସେହୁଟି ସର୍ବ ଲଭିଛି ।' ବାସ୍ତବରେ ପିତାମାତା ହେଉଛନ୍ତି ଆମର ପ୍ରତ୍ୟକ୍ଷ






କୁମର । ଗର୍ଭେ ବହନ୍ତି ଦୁଃଖ ସହି, ପୂର୍ଣ୍ଣ ପାଳନ୍ତି କ୍ଷୀର ଦେଇ । ସର୍ବ ସମ୍ପଦ ପୂର୍ଣ୍ଣ ଦେଇ, ତାହାଙ୍କ ପୋଷଣେ ଜାଅଇ । ତାହାଙ୍କ ପ୍ରତି ଉପକାରେ, ଶତ ବରଷେ କେହୁ ପାରେ ।' ଯାହାଙ୍କଠାରୁ ଆମେ ଜନ୍ମ ନେଇଛନ୍ତି, ଯିଏ ଆମର ସୃଷ୍ଟିକର୍ତ୍ତା, ଯାହାଙ୍କ ଆଶୀର୍ବାଦରୁ ଆମେ ଦେବତା । ତାଙ୍କର ବାର୍ଦ୍ଧକ୍ୟ ସମୟରେ ତାଙ୍କୁ ହତାଦର କରିବା ବା ଅବମାନନା କରିବା ଅନୁଚିତ । କେବଳ ଯେ ପିତାମାତା ତାହା ନୁହଁନ୍ତି; ସମସ୍ତ ବୟସ୍କ ଆମର ଅଗ୍ରପୂଜ୍ୟ । ସେମାନଙ୍କୁ କୁହାଯାଏ ଶ୍ରେଷ୍ଠ ମାନବ । 'ମା' ଅର୍ଥ ସୃଷ୍ଟି, 'ନବ' ଅର୍ଥ ନୂଆ । ଯାହାଙ୍କ ଠାରୁ ଆମେ ନୂଆ ପ୍ରେରଣା ପାଇଥାଉ । ତେଣୁ ସେ ହେଉଛନ୍ତି ଆମର ସବୁକିଛି । ଆଜିର ଭୋଗ ସର୍ବସ୍ୱ ସମୟର ମୁହୂର୍ତ୍ତରେ ଆମ୍ଭେମାନେ ପ୍ରାୟତଃ ନିଜ ନିଜ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ପଛେଇ ଦେଉଛେ ନିଜ ପିତାମାତାଙ୍କ ସେବାଯତ୍ନକୁ । ଯେଉଁମାନଙ୍କ ଇଛା ଓ ସଂକଳ୍ପର ଫଳସ୍ୱରୂପ ଆମ୍ଭେମାନେ ଆଜି ଏ ଦୁନିଆର ଆଲୋକ ଦେଖିବାକୁ ସମର୍ଥ ହୋଇଛୁ, ଏ ସୁନ୍ଦର ଶରୀର ପାଇଛୁ ଆଉ ପ୍ରତିଟି ମୁହୂର୍ତ୍ତରେ ମାନବୀୟ ମୂଲ୍ୟବୋଧକୁ ଅନୁଭବ କରିଛୁ, କିନ୍ତୁ ସେହିମାନଙ୍କ ଅତୁଳନୀୟ ଓ ଅକଳ୍ପନୀୟ ପ୍ରତିଦାନକୁ ଆମେ ପ୍ରତି ମୁହୂର୍ତ୍ତରେ ଭୁଲିଯାଉଛେ ସତେଯେପରି । ନିକଟରେ କେତେକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଖବର କାଗଜର ତଥ୍ୟ ଅନୁଯାୟୀ କେବଳ ଭାରତରେ ନୁହେଁ ଓଡ଼ିଶାର ବିଭିନ୍ନ ସ୍ଥାନରେ ପିତାମାତାଙ୍କ ପ୍ରତି ନିର୍ଯ୍ୟାତନା ଦେଉଥିବାର ହତଭାଗା ପୁଅ ମାନଙ୍କର କୁକୀର୍ତ୍ତିର ଖବର ପୃଷ୍ଠା ମଣ୍ଡନ କରୁଛି ଯାହାକି ନିଶ୍ଚିନ୍ତ ଭାବରେ ଆମମାନଙ୍କ ମାନବିକତାକୁ ଏକ ଧିକାର୍ । ଏହା ସତ୍ୱେ ଆମ୍ଭମାନଙ୍କ ପରି ନିଜକୁ ବ୍ରହ୍ମଜ୍ଞାନୀ ବିଚାର କରୁଥିବା ବୁଦ୍ଧିମାନ ବ୍ୟକ୍ତିମାନେ ଯେ କିପରି ନିଜ ସୁଖ ଓ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଆମର ଜୀବନ୍ତ ଈଶ୍ୱରମାନଙ୍କୁ ହତାଦାର କରୁଛେ ତାହା ଆମ ସମାଜର ଆଇନାରେ ସୁସ୍ପଷ୍ଟ । ଭାରତର ଶାସ୍ତ୍ର ଓ ପୁରାଣରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ଯେ ଯେଉଁ ପିଲାମାନେ ନିଜ ବାପାମାଆଙ୍କ ସେବା କରିଥାନ୍ତି ସେମାନେ ସ୍ୱର୍ଗସୁଖର ପୁଣ୍ୟ ପାଇଥାନ୍ତି । କିନ୍ତୁ ଆମ୍ଭେମାନେ ତାକୁ ହେୟଜ୍ଞାନ କରୁଛୁ । ଭାରତରେ ପିତା ମାନଙ୍କ ଭରଣ ପୋଷଣ ହେଉ ବା ସେମାନଙ୍କୁ କୌଣସି ଯନ୍ତ୍ରଣା ବା କଷ୍ଟ ନ ଦେବା ପାଇଁ ବିଭିନ୍ନ ଆଇନରେ ନିର୍ଦ୍ଦେଶନାମା ସ୍ପଷ୍ଟ ଉଲ୍ଲେଖ ରହିଛି । ତାହା ସତ୍ୱେ ଅଧିକାଂଶ କ୍ଷେତ୍ରରେ ନିର୍ଯ୍ୟାତିତ ହେଉଥିବା ପିତାମାତାମାନେ ନିଜ ପିଲାମାନଙ୍କର ଏପରି କ୍ରୁର ବ୍ୟବହାର ଓ ନିର୍ଯ୍ୟାତନା ପାଇ ମଧ୍ୟ ସେମାନଙ୍କ ଭଲ କାମନା କରି କୌଣସି ଅଭିଯୋଗ କରିବାକୁ ଆଗେଇ ଆସିନଥାନ୍ତି । ଆମ୍ଭେମାନେ ଭୁଲି ଯାଉଛେ ଯେ, ଆମେ ଆମ ପରିବାର ଓ ସମାଜ ପାଇଁ ବୋଝ ଭାବୁଥିବା ଆମ ପିତାମାତାଙ୍କ ପ୍ରତି ଆମେ ଯେଉଁପରି ବ୍ୟବହାର ଦେଖାଉଛେ ଠିକ୍ ସେହିପରି ବ୍ୟବହାର ଯେତେବେଳେ ଆମ୍ଭେମାନେ ପରିଣତ ବୟସରେ ଆମ ପିଲାମାନଙ୍କ ଠାରୁ ପାଇବା ତାହା ଆମ ମାନଙ୍କ ପାଇଁ କିପରି ସହିବାର ଶକ୍ତି ରଖିବ ? କେତେକ କ୍ଷେତ୍ରରେ ଦେଖାଯାଇଥାଏ ଯେ, ସମାଜରେ ବୟସ୍କ ନାଗରିକ ମାନଙ୍କ ପାଇଁ ବିଭିନ୍ନ ସ୍ୱତନ୍ତ୍ର ସୁବିଧା, ସୁଯୋଗ ଓ ସହାୟତାର ବ୍ୟବସ୍ଥା ଥିଲେ ମଧ୍ୟ ଏହା କିଛି କ୍ଷେତ୍ରରେ କାଗଜ କଲମରେ ବନ୍ଧା ଆଇନ ପରି ଲାଗୁଛି ଆଉ କେତେକ କ୍ଷେତ୍ରରେ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଉଥିବାରୁ ଏହି ଆଇନର କୌଣସି ମୂଲ୍ୟ ରହୁନାହିଁ । ଆପଣମାନେ ଅଧିକାଂଶ କ୍ଷେତ୍ରରେ ଦେଖିଥିବେ ଯାତ୍ରା କରୁଥିବା କୌଣସି ବସ୍‌ରେ ବୟସ୍କ ନାଗରିକଙ୍କ ପାଇଁ ସଂରକ୍ଷଣ ଥିବା ସିଟ୍‌ରେ ଯୁବକମାନେ ବସିଥିବେ କିନ୍ତୁ ନିଜ ଭାଗ୍ୟକୁ ଆଦରି ବରଂ ନୀରବ ରହି ଛିଡ଼ା ହୋଇ କଷ୍ଟର ସହିତ ଯାତ୍ରା କରୁଥିବେ ସେହି ବସ୍‌ରେ ପରିଣତ ବୟସର ନାଗରିକ ମାନେ । ଏ କ୍ଷେତ୍ରରେ ବିବେକର ଆହ୍ୱାନ କ'ଣ ଆମ୍ଭେମାନେ ସମସ୍ତଙ୍କୁ କାନରେ କହିବାକୁ ପଡ଼ିବ ? ଶିଶୁଟିଏ ଜନ୍ମ ହେଲା ଠାରୁ କଥା କହିବା ପର୍ଯ୍ୟନ୍ତ ତା' ପାଇଁ ପିତାମାତା ଅନେକ କିଛି କରିଥାଆନ୍ତି । ଅନେକ କିଛି ଦୁଃଖ ସହିଥାଆନ୍ତି । ସେମାନଙ୍କର କୌଣସି ଆଶା ନଥାଏ । ପ୍ରତ୍ୟେକ ସନ୍ତାନ ସେମାନଙ୍କର ବୃଦ୍ଧତ୍ୱ ସମୟରେ ତାଙ୍କ ସେବା କରିବା ଶ୍ରେଷ୍ଠ କର୍ତ୍ତବ୍ୟ । ଏହି ଦିବସରେ ବୟସ୍କଙ୍କୁ ସମ୍ମାନ ଦେବା ଓ ସେମାନଙ୍କ ପ୍ରତି ସମବେଦନା ଜଣାଇବା ପାଇଁ ସଚେତନତା କରାଯାଇଥାଏ ।

*ଫ୍ଲାଟ ନଂ – ୩ଇ/୫୦୯,
ସେକ୍ଟର-୯, ସିଡିଏ, କଟକ,
– ୯୯୩୭୨୨୪୦୮୫*

## ବିଶିଷ୍ଟ ଜ୍ୟୋତିର୍ବିଦ୍ ସୁବ୍ରମଣ୍ୟମ

ଡଃ ସୁବ୍ରମଣ୍ୟମ ଚନ୍ଦ୍ରଶେଖର ଜଣେ ଅସାଧାରଣ ଜ୍ୟୋତିର୍ବିଦ୍ ତାଙ୍କ ଗ୍ରହ ନକ୍ଷତ୍ର ସମ୍ପର୍କୀୟ ଗବେଷଣାର ଫଳାଫଳ ସାରା ପୃଥିବୀର ଜନତାଙ୍କୁ ବିସ୍ମିତ କରି ଦେଇଥିଲା । ତାଙ୍କର ଅନ୍ତର୍ନିହିତ ଧୀଶକ୍ତି ବଳରେ ସେ



ଏପରି କାର୍ଯ୍ୟରେ କୃତକାର୍ଯ୍ୟ ହୋଇପାରିଥିଲେ । ସୁବ୍ରମଣ୍ୟମ୍ ଚନ୍ଦ୍ରଶେଖର ୧୯୧୦ ମସିହା ଅକ୍ଟୋବର ମାସ ୧୯ ତାରିଖରେ ଲାହୋର ଠାରେ ଜନ୍ମ ଗ୍ରହଣ କରି ଥିଲେ । ସୁବ୍ରମଣ୍ୟମ୍ ଚନ୍ଦ୍ରଶେଖର ଭେଙ୍କେଟରମଣଙ୍କ ଭଣଜା । ସୁବ୍ରମଣ୍ୟମ ନିଜର ସମସ୍ତ ବୈଜ୍ଞାନିକ ତଥ୍ୟକୁ ଏକାଠି କରି ତାହାକୁ ଏକ ପୁସ୍ତକରେ ସଂଚ୍ଚିତ କରି ରଖିଥିଲେ । ସେହି ପୁସ୍ତକର ନାମ ହେଲା ଆନ୍ ଇଣ୍ଟ୍ରୋଡକ୍ସନ୍ ଟୁ ଦି ଷ୍ଟଡି ଅଫ୍ ଷ୍ଟେଲାର ଷ୍ଟ୍ରକ୍ଚର । ଦୀର୍ଘଦିନ ଧରି ତାରକାପୁଞ୍ଜ ଉପରେ ଗବେଷଣା କରି ସେ ଏକ ସିଦ୍ଧାନ୍ତରେ ପହଂଚିଲେ । ଯାହାଦ୍ୱାରା ନୋବେଲ ପୁରସ୍କାର ତାଙ୍କୁ ଆମନ୍ତ୍ରଣ କରିଥିଲା । ନୋବେଲ ପୁରସ୍କାର ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୯୮୩ ମସିହା ଅକ୍ଟୋବର ମାସ ୧୯ ତାରିଖରେ ତାଙ୍କୁ ଦିଆଯାଇଥିଲା । ସେ ଦିନଟି ଥିଲା ତାଙ୍କ ଜନ୍ମଦିନ । ତେଣୁ ସେ ଏହାକୁ ତାଙ୍କର ଜନ୍ମଦିନର ଭେଟି କହି ଗ୍ରହଣ କରିଥିଲେ । ସେ ଯେଉଁ କାର୍ଯ୍ୟ ଆରମ୍ଭ କରୁଥିଲେ ତାହା ଶେଷ ନ ହେବା ପର୍ଯ୍ୟନ୍ତ ତାକୁ ଛାଡୁ ନଥିଲେ । ଚନ୍ଦ୍ରଶେଖର ଆମେରିକାର ପ୍ରଫେସର ଉଇଲିୟମ୍ ପାଉ୍ଲରଙ୍କ ସହିତ ନୋବେଲ ପୁରସ୍କାରର ଭାଗିଦାର ହୋଇଥିଲେ । ଭାରତ ବର୍ଷ ପ୍ରତି ତାଙ୍କର ବିଶେଷ ଅନୁରାଗ ଥିଲା । ଯଦିଓ ସେ ବିଦେଶରେ ରହୁଥିଲେ, ପ୍ରତିବର୍ଷ ଭାରତକୁ ଆସିବାରେ କେବେ ମଧ୍ୟ ହେଲା କରୁନଥିଲେ । ଏହି ମହାନ ପ୍ରତିଭା ଜଣକ ୧୯୯୫ ଖ୍ରୀଷ୍ଟାବ୍ଦରେ ଆଜିର ଦିନରେ ସ୍ୱର୍ଗାରୋହଣ କରିଥିଲେ । ତାଙ୍କର ଅଗାଧ ପାଣ୍ଡିତ୍ୟ ତାଙ୍କୁ ଚିରସ୍ମରଣୀୟ କରିପାରିଛି ।

## ସମାଜରେ କବି ଓ କବିତାର ଆବଶ୍ୟକତା

◆ ଶେଖ ଫରିଦ୍‌ଉଦ୍ଦିନ



ପ୍ରତି ବର୍ଷ ଅଗଷ୍ଟ ୨୧ରେ ପାଳିତ ହୁଏ କବି ଦିବସ । ସମାଜରେ କବି ଓ କବିତାର ଆବଶ୍ୟକତା ବାବଦରେ ଜନସଚେତନତା ସୃଷ୍ଟି କରିବା, ଏହି ଦୁଇ ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । କବିତାର ସୃଷ୍ଟି ବହୁ ପ୍ରାଚୀନ କାଳରେ ହୋଇଥିଲା । ଖ୍ରୀଷ୍ଟ ପୂର୍ବ ୨୧୦୦ରେ ଆକାଡ଼ିଆନ ଭାଷାରେ ରଚିତ ଏପିକ୍ ଅଫ୍ ଗିଲ୍‌ଗାମେସ୍ ସମ୍ଭବତଃ ବିଶ୍ୱର ସର୍ବ ପ୍ରାଚୀନ ଗାଥା । ଏହା ପ୍ରଥମେ ମାଟିରେ ଏବଂ ପରେ ପାପିରସ କାଗଜରେ ଲେଖା ଯାଇଥିଲା । ଇଲିଆଡ୍, ଓଡେସି, ରାମାୟଣ, ମହାଭାରତ, ଗେଥିକ ଆଭେଷ୍ଟା ଆଦି ଏହା ପରବର୍ତ୍ତୀ କାଳରେ ରଚିତ । କବିତାର ସ୍ୱରୂପ ବର୍ଣ୍ଣନା କରିବାକୁ ଯାଇ ଆରିଷ୍ଟଟଲ୍ ଲେଖିଯାଇଛନ୍ତି ପୋଏଟିକ୍‌ସ । ଏହି ଦିବସ ପାଳନ ଅବସରରେ କେତେକ ମଜା କଥା ଇକମିଙ୍ଗସଙ୍କ ଏକ ପ୍ରସିଦ୍ଧ କବିତା ସଂକଳନର ନାମ ନୋ ଥ୍ୟାଙ୍କସ୍ । ଏହାକୁ ପ୍ରକାଶ କରିବା ପାଇଁ ଚଉଦ ଜଣ ପ୍ରକାଶକ ମନା କରିବାରୁ ସେ ନିଜେ ଛାପିବା ସହ ବହିଟିକୁ ସେହି ଚଉଦ ଜଣ ପ୍ରକାଶକଙ୍କୁ ଉତ୍ସର୍ଜିତ କରିଥିଲେ । ଜର୍ମାନ କବି ଗୋଟଲବ୍ ବର୍‌ମ୍ୟାନଙ୍କର ଇଂରେଜୀ ଅକ୍ଷର ଆର୍ ପ୍ରତି ବିରକ୍ତି ଭାବ ଥିଲା । ତାଙ୍କର କୌଣସି କବିତାରେ ଏହି ଅକ୍ଷର ନାହିଁ । ସାର୍ ୱାଲଟର ସ୍କଟ ନିଜର ପ୍ରସିଦ୍ଧ କାବ୍ୟ ମାର୍‌ମିଅନ୍‌ର ବହୁଳ ଭାଗ ଘୋଡ଼ା ପିଠିରେ ବସି ରଚନା କରିଥିଲେ । ୱିଲିଅମ୍ ସେକ୍‌ସପିଅର, ଲାଓ-ତଜୁ ଓ ଖଲିଲ ଜିବ୍ରାନ୍‌ଙ୍କ ପଦ୍ୟ ବିଶ୍ୱରେ ସର୍ବାଧିକ ବିକ୍ରି ହେଉଥିବା ଜଣାଯାଏ ।

*ଦୂରସଂଚାର ଭବନ, ଲିଙ୍କରୋଡ଼୍, କଟକ : ୯୪୩୭୦୦୪୮୮୮*

## ଶିଳ୍ପୀଗୁରୁ ବିମ୍ବାଧର ବର୍ମା

◆ ଶ୍ୟାମ ସୁନ୍ଦର ସାମଲ

ପ୍ରାକ୍ ସ୍ୱାଧୀନତା କାଳର ପ୍ରସିଦ୍ଧ ଓଡ଼ିଆ ଚିତ୍ରଶିଳ୍ପୀଙ୍କ ମଧ୍ୟରେ ଶିଳ୍ପୀ ଗୁରୁ ବିମ୍ବାଧର ବର୍ମା ଅନ୍ୟତମ । ତାଙ୍କୁ ଓଡ଼ିଶାର ପ୍ରଥମ କଳା ଶିଳ୍ପୀ ଭାବେ ଗ୍ରହଣ କରାଯାଇଛି । ତାଙ୍କ ଚିତ୍ରଗୁଡ଼ିକୁ ଦୁଇଟି ଭାଗରେ ବିଭକ୍ତ କରାଯାଇଛି । ବାସ୍ତବଧର୍ମୀ ଓ କଳ୍ପନା ବିଳାସୀ ଚିତ୍ର । ପଲ୍ଲୀବଧୂ, ଗୋଧୂଳି, ପ୍ରସାଧନ, ଗୋପିକା, ନବବଧୂର ପ୍ରସାଧନ, ରାଗିଣୀ ଆଦି ବାସ୍ତବଧର୍ମୀ ଚିତ୍ର । ଶକୁନ୍ତଳା, ବାଲିରଥ, ମେଘଦୂତ, ଲାବଣ୍ୟବତୀ, ଦେବଦାସୀ ଆଦି କଳ୍ପନାରୁ ସୃଷ୍ଟ । ଶୈଶବରୁ ବିମ୍ବାଧର ଥିଲେ କଳାନୁରାଗୀ । ସେ ବିଧିବଦ୍ଧ ଭାବେ କୌଣସି କଳା ବିଦ୍ୟାଳୟରେ ପଢ଼ି ନଥିଲେ । ଜଣେ ମୃଣ୍ମୟ ପ୍ରତିମା ଶିଳ୍ପୀଙ୍କ ସଂସ୍ପର୍ଶରେ ଆସି ପ୍ରଥମେ ମାଟି ମୂର୍ତ୍ତି ତିଆରି କରୁଥିଲେ । ବାଲ୍ୟ କାଳରେ ସେ ପିତାଙ୍କୁ ହରାଇ ଥିଲେ । ମାତା ଶାରଦା ଦେବୀ, ବିମ୍ବାଧରଙ୍କ ପ୍ରତିମା ଗଢ଼ା କାର୍ଯ୍ୟକୁ ଆଦୌ ପସନ୍ଦ କରୁନଥିଲେ । ତାଙ୍କର ଧାରଣା ଥିଲା ଯେ, ଯେଉଁମାନେ ରୂପ ନିର୍ମାଣ କରନ୍ତି, ସେମାନେ




ଆଜୀବନ ନିଃସନ୍ତାନ ରହନ୍ତି । ବିମ୍ବାଧରଙ୍କ କ୍ଷେତ୍ରରେ ସେହି ପରି ଘଟିଥିଲା । ସେ ବିବାହ ହିଁ କରି ନଥିଲେ । ବାଳ ଗଙ୍ଗାଧର ତିଳକ, ଗାନ୍ଧୀ, ଗୋପବନ୍ଧୁ ଆଦିଙ୍କ ପ୍ରତିମା ଗଢ଼ି ସେ ଉଚ୍ଚ ପ୍ରଶଂସିତ ହୋଇଥିଲେ । ଉ□ର-ଯୌବନରେ ଚିତ୍ରକଳା ପ୍ରତି ଆକୃଷ୍ଟ ହୋଇ, ଏହାକୁ ଅଧିକ ସମୟ ଦେଇଥିଲେ । ଅବନୀନ୍ଦ୍ରନାଥଙ୍କ ଚିତ୍ରକଳା ପଦ୍ଧତି ଦ୍ୱାରା ସେ ଅନୁପ୍ରାଣିତ ହୋଇଥିଲେ ହେଁ ସ୍ୱୟଂ ପ୍ରକୃତି ଦେବୀଙ୍କୁ ଶିକ୍ଷାଦାତ୍ରୀ ଭାବେ ଗ୍ରହଣ କରିଥିଲେ । ପିତାମାତା ଭ୍ରାତାଙ୍କୁ ହରାଇ ତଥା ଅବିବାହିତ ରହି ବିମ୍ବାଧର ଏକରକମ ନିଃସଙ୍ଗ ଜୀବନଯାପନ କରୁଥିଲେ । କଳା ହିଁ ଥିଲା ଏକମାତ୍ର ପ୍ରେମ । ଶିକ୍ଷାଗତ ଯୋଗ୍ୟତା ଅଭାବରୁ ସରକାରୀ ଚାକିରୀରୁ ବଂଚ୍ଚିତ ହୋଇଥିଲେ । ଉପାର୍ଜନ ସୀମିତ ଥିଲା । କଳାକୁ ନେଇ ବ୍ୟବସାୟ ଚାହୁଁ ନଥିଲେ । ତେଣୁ ଆର୍ଥିକ ଅବସ୍ଥା ଶୋଚନୀୟ ଥିଲା । ରୋଗ ଦାରିଦ୍ର୍ୟ ସତ୍ୱେ ସାଧନା ଜାରି ରଖିଥିଲେ । ସେ ଲେଖା ଲେଖି ମଧ୍ୟ କରୁଥିଲେ । ପତିପତ୍ନୀ ତାଙ୍କର ଏକ ଲୋକପ୍ରିୟ ଉପନ୍ୟାସ । ରବୀନ୍ଦ୍ର ମୋହନ ସେନାପତିଙ୍କ ଶତାବ୍ଦୀର ଶ୍ରେଷ୍ଠ ଓଡ଼ିଆ ବ୍ୟକ୍ତିତ୍ୱ ପୁସ୍ତକ ଅନୁଯାୟୀ ୧୯୦୧ ଅଗଷ୍ଟ ୨୧ ତାରିଖରେ କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁରରେ ତାଙ୍କର ଜନ୍ମ ହୋଇଥିଲା । କଟକ ଜିଲ୍ଲାର କୁସୁପୁର ଗ୍ରାମ ବାସ୍ତବିକ ଏକ ପ୍ରସିଦ୍ଧ ଗ୍ରାମ । ପଲ୍ଲୀକବି ନନ୍ଦକିଶୋର ବଳଙ୍କର ଜନ୍ମ ମଧ୍ୟ ଏହି ଗ୍ରାମରେ ହୋଇଥିଲା । ଶିଳ୍ପୀଗୁରୁ ବିମ୍ବାଧର ବର୍ମାଙ୍କର ସ୍ମୃତି ରକ୍ଷା ପାଇଁ ସରକାରୀ ବା ପ୍ରଶାସନିକ କ୍ଷେତ୍ରରେ ସେପରି କିଛି ଉଦ୍ୟମ ହୋଇନାହିଁ । ନିଜର ଜୀବନ କାଳ ଭିତରେ ସାମାନ୍ୟତମ ପ୍ରଚାର ବା ପ୍ରସାରକୁ ଦୂରେଇ ରହୁଥିବା ଏହି କିମ୍ବଦନ୍ତୀ ଶିଳ୍ପୀଗୁରୁଙ୍କ ସାଧନାର ପଟ୍ଟାନ୍ତର ନାହିଁ । ଦ୍ରୋଣଙ୍କ ପରି ତାଙ୍କ ଠାରୁ ପ୍ରତ୍ୟକ୍ଷ ଶିକ୍ଷାଲାଭ କରିନଥିଲେ ମଧ୍ୟ ପରୋକ୍ଷ ଭାବରେ ତାଙ୍କୁ ଗୁରୁ ଭାବରେ ମାନି ଅନେକ ଶିଳ୍ପୀ ଆଜି କେବଳ ରାଜ୍ୟ ବା ରାଜ୍ୟ ବାହାରେ ନୁହେଁ ବିଶ୍ୱସ୍ତରରେ ସୁଖ୍ୟାତି ପାଇଛନ୍ତି ।

*ବିଡ଼ାନାସୀ ବନ୍ଧଛକ, କଟକ*

## କବି ସଚ୍ଚି ରାଉତରାୟ

◆ ଡ଼ଃ.ଅରୁନ୍ଧତୀ ଦେବୀ

ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରବାଦ ପୁରୁଷ, ମାଟି ଓ ମେହନତି ମଣିଷର କବି ପଦ୍ମଶ୍ରୀ ଡ.ସଚ୍ଚିଦାନନ୍ଦ ରାଉତରାୟ ଛୋଟ ମୋର ଗାଁଟି ଓ ବାଜି ରାଉତ ପରି ଲୋକପ୍ରିୟ କବିତାର କାଳଜୟୀ ସ୍ରଷ୍ଟା । ସେ ହିଁ ପ୍ରଗତିବାଦୀ କାବ୍ୟ ଆନ୍ଦୋଳନର ପ୍ରାଣ ପ୍ରତିଷ୍ଠାତା ଓ କାବ୍ୟ ସାହିତ୍ୟର ନୂତନତାର ଅଗ୍ରଦୂତ । ସଚ୍ଚି ରାଉତରାୟ ଏକାଧାରରେ ଜଣେ ବଳିଷ୍ଠ ସମାଲୋଚକ, ପ୍ରାବନ୍ଧିକ, ବିଶିଷ୍ଟ କଥାକାର ତଥା ଉପନ୍ୟାସକାର ଥିଲେ । ଦୀର୍ଘ ସାତ ଦଶନ୍ଧିର ନିରବଚ୍ଛିନ୍ନ ଲେଖନୀ ଚାଳନା ଦ୍ୱାରା ଓଡ଼ିଆ ସାହିତ୍ୟର ସମସ୍ତ ବିଭାଗ ଋଦ୍ଧିମନ୍ତ ହୋଇଛି । ପାଥେୟ, ପୂର୍ଣ୍ଣିମା, ପଲ୍ଲିଶ୍ରୀ, ରକ୍ତଶିଖା, ଅଭିଯାନ, ଆଦି ତାଙ୍କର ଅନନ୍ୟ କାବ୍ୟକୃତି । ତାଙ୍କ ରଚିତ ପ୍ରସିଦ୍ଧ ଗଳ୍ପ ଗ୍ରନ୍ଥ ମଧ୍ୟରୁ ମଶାଣିର ଫୁଲ, ମାଟିର ଡାକ, ଛାଇ, ମାଙ୍କଡ଼ ଓ ଅନ୍ୟାନ୍ୟ ଗଳ୍ପ, ନୂତନ ଗଳ୍ପ ଅନ୍ୟତମ । ଚିତ୍ରଗ୍ରୀବ ଉପନ୍ୟାସ ସଚ୍ଚିଦାନନ୍ଦଙ୍କ ଏକ ଉଲ୍ଲେଖନୀୟ କୃତି । ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଗୁରୁଜଙ୍ଗ ଗାଁରେ ଜନ୍ମିତ ସଚ୍ଚିଦାନନ୍ଦଙ୍କ କବିତା ଲେଖା, ସ୍କୁଲ ପଢ଼ା ବୟସରୁ ଆରମ୍ଭ ହୋଇଥିଲା । କଟକ ଟ୍ରେଡିଂ କମ୍ପାନୀ ଦ୍ୱାରା ପ୍ରକାଶିତ ମାସିକ ଶିଶୁ ପତ୍ରିକା ପଂଚାମୃତରେ ତାଙ୍କର ଏକ ଗଦ୍ୟ କବିତା ୧୯୨୭ରେ ପ୍ରକାଶିତ ହୋଇଥିଲା । କବିତା ଦେଖି ବିଶିଷ୍ଟ ଜନସେବକ ଲକ୍ଷ୍ମୀନାରାୟଣ ସାହୁ ସ୍କୁଲକୁ ଆସି ତାଙ୍କୁ ଭେଟିଥିଲେ । ଗାନ୍ଧିଜୀଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ସେ ସ୍ୱାଧୀନତା ସଂଗ୍ରାମ, ଗଡ଼ଜାତ ପ୍ରଜା ଆନ୍ଦୋଳନ ଓ ଛାତ୍ର-କୃଷକ ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ । ତାଙ୍କୁ ଦୁଇ ଥର କାରାବରଣ କରିବାକୁ ପଡ଼ିଥିଲା । ଭାରତୀୟ କଥା ସାହିତ୍ୟକୁ ସାମଗ୍ରିକ ଅବଦାନ ନିମନ୍ତେ ସେ ପଦ୍ମଶ୍ରୀ, କେନ୍ଦ୍ର ସାହିତ୍ୟ ଏକାଡ଼େମୀ, ସୋଭିଏତ୍ ଦେଶ ନେହରୁ ପୁରସ୍କାର, ଜ୍ଞାନପୀଠ ପୁରସ୍କାର ଦ୍ୱାରା ସମ୍ମାନିତ ହୋଇଥିଲେ । ୨୦୦୪ ଅଗଷ୍ଟ ୨୧ ତାରିଖ ଦିନ ମହାକବି ସଚ୍ଚି ରାଉତରାୟଙ୍କ ପରଲୋକ ହୋଇଥିଲା ।

## ଜନତାର କବି ସଚ୍ଚି ରାଉତରାୟ

ଓଡ଼ିଆ ସାହିତ୍ୟରେ କବି ସଚ୍ଚିଦାନନ୍ଦ ରାଉତରାୟ ଅତ୍ୟାଧୁନିକତାର ପ୍ରବର୍ତ୍ତକ । ଓଡ଼ିଶାର ସାରସ୍ୱତ ଜଗତରେ ସେ ଥିଲେ ପ୍ରଗତିଶୀଳ ଲେଖକ ଅଭିଭାବକ ଓ ନବଚେତନାର ନାନ୍ଦୀକର । କଥା ସ୍ରଷ୍ଟା ଭାବେ ସ୍ୱକୀୟତାର ଓ ପ୍ରାବନ୍ଧିକ ଭାବେ ପ୍ରଜ୍ଞାର ସ୍ୱାକ୍ଷର ସାତ ଦଶନ୍ଧି ଧରି ନିରବଚ୍ଛିନ୍ନ ଭାବେ ତାଙ୍କ ଲେଖନୀ ସକ୍ରିୟ ଥିଲା । ଓଡ଼ିଆ ଓ ଇଂରେଜୀରେ ତାଙ୍କର ଚାଳିଶରୁ ଅଧିକ କବିତା, କ୍ଷୁଦ୍ରଗଳ୍ପ, ସମାଲୋଚନା, ଉପନ୍ୟାସ ଓ ଗବେଷଣାମୂଳକ ଲେଖା ପ୍ରକାଶିତ । ପରମ୍ପରା ସହିତ ଆଧୁନିକତାର, ଆଧୁନିକତା ସହିତ ଆଧୁନିକତାବାଦର ସେ ମହାସମନ୍ୱୟ ଆଣିଛନ୍ତି । ବର୍ତ୍ତମାନର କବିତାରେ ମାନବିକତାବୋଧକୁ ଗୁରୁତ୍ୱ ଦେବାକୁ ସେ ଅଧିକ ପସନ୍ଦ କରୁଥିଲେ । ୧୯୪୨ରୁ ୧୯୫୬ ମଧ୍ୟରେ ତାଙ୍କର ପ୍ରକାଶିତ ପାଣ୍ଡୁଲିପି ପ୍ରଭୃତି କାବ୍ୟଗ୍ରନ୍ଥ ଓଡ଼ିଆ



କବିତାରେ ନବଯୁଗ ପ୍ରବର୍ତ୍ତନ କରିଥିଲା । କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ କବିତା ସଂକଳନ (କବିତା-୧୯୬୨) ଆଧୁନିକ ଭାରତୀୟ କବିତାରେ ମାଇଲଖୁ□ । ପଲ୍ଲିଶ୍ରୀ ଓ ବାଜି ରାଉତ ସ୍ମରଣୀୟ କୃତି । କ୍ଷୁଦ୍ର ଗଳ୍ପ ମାନଙ୍କ ମଧ୍ୟରେ ମଶାଣିର ଫୁଲ, ମାଟିର ଡାକ, ଛାଇ, ନୂତନ ଗଳ୍ପ ପ୍ରସିଦ୍ଧ । ସାହିତ୍ୟ କୃତି ପାଇ: ୧୯୬୨ରେ ତାଙ୍କୁ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ କରାଯାଇଥିଲା । ୧୯୮୬ରେ ସେ ଲାଭ କରିଥିଲେ ସମ୍ମାନଜନକ ଜ୍ଞାନପୀଠ ପୁରସ୍କାର । ସଚ୍ଚି ରାଉତରାୟଙ୍କୁ ଜନତାର କବି କୁହାଯାଏ । ଆଲୋଚକ ଶୈଳଜ ରବିଙ୍କ ଭାଷାରେ ଦେଶ କାଳର ହିଡ଼ବାଡ଼ ଡେଇଁ କାଳିଦାସର ବର୍ଣ୍ଣନା ଆଉ ଅଷ୍ଟ୍ରେଲିଆର ମେଲବୋର୍ନ ଭିତରେ ଏକାୟନ କରିପାରେ ଉଭୟଙ୍କୁ ମିଶାଇ ନିଜ ପାଇଁ ନିବିଡ଼ ନୀଡଟିଏ ଗଢ଼ିଦେଇ ପାରେ, କେବଳ ସଚ୍ଚି ରାଉତରାୟଙ୍କ ପରି ଏକ ଦୁର୍ଦ୍ଧର୍ଷ ଗତିଶୀଳ କବି ବ୍ୟକ୍ତିତ୍ୱ । ଖୋର୍ଦ୍ଧା ଜିଲ୍ଲାର ଗୁରୁଜଙ୍ଗରେ ପ୍ରସିଦ୍ଧ କଟା

### ମହାପ୍ରୟାଣ ତିଥି ଅବସରରେ


ରାଉତରାୟ ବଂଶରେ ଜନ୍ମ ଗ୍ରହଣ କରିଥିବା ସଚ୍ଚିଦାନନ୍ଦଙ୍କ କବି ଜୀବନ ଆରମ୍ଭ ହୋଇଥିଲା ପନ୍ଦର ବର୍ଷ ବୟସରେ । ୧୯୨୮ରେ ପଂଚ□ାମୃତ ପତ୍ରିକାରେ ପ୍ରକାଶିତ ହୋଇଥିଲା, ତାଙ୍କର ପ୍ରଥମ କବିତା । ୨୦୦୪ ଅଗଷ୍ଟ ୨୧ ତାରିଖରେ ଓଡ଼ିଆ ସାହିତ୍ୟର ଏହି ପ୍ରବାଦ ପୁରୁଷଙ୍କ ଦେହାବସାନ ହୋଇଥିଲା ।

## ସଚ୍ଚିଦାନନ୍ଦ ରାଉତରାୟ

◆ ବାଦଲ ଭୂୟାଁ

ଓଡ଼ିଆ କବି, ଗାଳ୍ପିକ ତଥା ଔପନ୍ୟାସିକ ଭାବେ ସଚ୍ଚିଦାନନ୍ଦ ରାଉତରାୟ ପ୍ରସିଦ୍ଧି ଅର୍ଜନ କରିଛନ୍ତି । ତାଙ୍କ ରଚନାଗୁଡ଼ିକ ପ୍ରାୟତଃ ସାମ୍ୟବାଦ, ଫାସୀବାଦ ଓ ବିଶ୍ୱଯୁଦ୍ଧ ବିରୋଧୀ । ଓଡ଼ିଆ ସାହିତ୍ୟରେ ଅତ୍ୟାଧୁନିକତାର ପରିବର୍ତ୍ତନର ଶ୍ରେୟ ସଚ୍ଚିଦାନନ୍ଦ ରାଉତରାୟଙ୍କୁ ଦିଆଯାଏ । ସେ ପ୍ରାୟ ୭୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସାହିତ୍ୟ ଜଗତ ସହ ଜଡ଼ିତ ଥିଲେ । ଓଡ଼ିଆ ଓ ଇଂରାଜୀ ଭାଷାରେ ସେ ୪୦ରୁ ଅଧିକ ପୁସ୍ତକ ରଚନା କରିଛନ୍ତି । ଉଚ୍ଚକୋଟୀର ରଚନା ପାଇଁ ସଚ୍ଚି ରାଉତରାୟଙ୍କୁ ମାଟିର ଦ୍ରୋଣ, କବିଗୁରୁ, ମାଟିର ମହାକବି, ସମୟର ସଭାକବି ପ୍ରଭୃତି ନାଁରେ ନାମିତ କରାଯାଇଥିଲା । ୧୯୧୬ ମସିହା ମେ ୧୩ ତାରିଖରେ ଖୋର୍ଦ୍ଧା ଜିଲ୍ଲା ଗୁରୁଜଙ୍ଗଠାରେ ସଚ୍ଚି ରାଉତରାୟ ଜନ୍ମ ଗ୍ରହଣ କରିଥିଲେ । ପିଲବେଳୁ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ଫିରିଙ୍ଗି ଶାସନ ବିରୋଧରେ ସ୍ୱର ଉତୋଳନ କରିଥିଲେ । ୧୧ ବର୍ଷ ବୟସରୁ ସଚ୍ଚି କବିତା ରଚନା ପ୍ରତି ମନୋନିବେଶ କରିଥିଲେ । ତାଙ୍କ ରଚିତ ରକ୍ତ ଶିଖା ଓ ଉଠ ଜାଗ ଭୋକବନ୍ଦୀକୁ ବିଦ୍ରୋହ ଭୟରେ ଇଂରେଜ ସରକାର ଲୋକ ଲୋଚନକୁ ଆସିବାକୁ ଦେଇ ନ ଥିଲେ । ତାଙ୍କ ରଚିତ ବାଜି ରାଉତ କାବ୍ୟକୁ କବି ହରିନ୍ଦ୍ରନାଥ ଚାଟାର୍ଜୀ ଇଂରାଜୀରେ ଅନୁବାଦ କରିଥିଲେ । ଏହା ପରଠାରୁ ସଚ୍ଚି ରାଉତରାୟ ଜଣେ ଜଣାଶୁଣା କବି ଭାବେ ପ୍ରତିଷ୍ଠିତ ହୋଇଥିଲେ । ରାଜନୈତିକ ଚରମପନ୍ଥୀ ହୋଇଥିବାରୁ ତତ୍କାଳୀନ ରେଭେନ୍ସା କଲେଜ ଅଧ୍ୟକ୍ଷ ପ୍ରାଣକୃଷ୍ଣ ପରିଜା ତାଙ୍କୁ ସ୍ନାତକୋତର ଶିକ୍ଷାଲାଭରୁ ବଂଚ୍ଚିତ କରିଥିଲେ । ତାଙ୍କ ରଚିତ କେତେକ କାଳଜୟୀ କବିତାଗ୍ରନ୍ଥ ହେଉଛି ଭାତ, ପଥେୟ, ଛୋଟ ମାର ଗାଁଟି, ପୂର୍ଣ୍ଣିମା, ଅଭିଯାନ, ପଲ୍ଲୀଶ୍ରୀ, ବାଜି ରାଉତ, ପାଣ୍ଡୁଲିପି, ଭାନୁମତୀର ଦେଶ, ରକ୍ତଶିଖା, ସ୍ୱାଗତ ଇତ୍ୟାଦି । ୧୯୮୬ ମସିହାରେ ଭାରତ ସରକାରଙ୍କ ତରଫରୁ ସଚ୍ଚି ରାଉତରାୟଙ୍କୁ ଜ୍ଞାନପୀଠ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ୨୦୦୪ ମସିହା ଅଗଷ୍ଟ ୨୧ ତାରିଖ ଆଜିର ଦିନରେ ସେ ଇହଲୀଳା ସମ୍ବରଣ କରିଥିଲେ ।

*ପ୍ରତିଷ୍ଠାତା ସମ୍ପାଦକ
'ସିଂହଭୂମ', ୪ଜି ପ୍ରତାପ
ଆପାର୍ଟମେଂଟ, ୭
ଏକ୍ସଟେନସନ ରୋଡ଼୍, ପୁରୁଣା
ସୋନାରୀ, ଜାମସେଦପୁର,
୭୪୮୮୯୯୮୫୩୨*





# ଗଛ ଲଗାଇବା କାହା ପାଇଁ ?

◆ ପ୍ରଦୀପ୍ତ କୁମାର ବିଶ୍ୱାଳ

ଯୁବକଟି ରାସ୍ତାରେ ଯାଉ ଯାଉ ଦେଖିଲେ ଜଣେ ଅଂଟା ନଇଁ ଯାଇଥିବା ବୃଦ୍ଧ ଗାତ ଖୋଳି ଗୋଟିଏ ଆମ୍ବ ଗଛଟିଏ ଲଗାଉଛନ୍ତି । ବୃଦ୍ଧଙ୍କର ଥର ଥର ହାତରେ ଗଛଟି ଲଗାଇ ସେଥିରେ ପାଣି ଦେବା ଦୃଶ୍ୟ ଯୁବକଙ୍କୁ ଆଶ୍ଚର୍ଯ୍ୟ ଚକିତ କଲା । ଯୁବକ ଭାବିଲେ ବୃଦ୍ଧ ଜୀବନର ସାୟାହ୍ନରେ ପହଂଚିଲେଣି, କେତେବେଳେ ଯେ ତାଙ୍କ ଜୀବନ ଦୀପ ଲିଭିଯିବ ଜଣା ପଡିବନି । ଏ ଗଛ କେବେ ଫଳିବ ? ବୃଦ୍ଧ ଖାଇବେ ! ପ୍ରଶ୍ନକୁ ମନ ମଧ୍ୟରେ ପ୍ରଶମିତ ନ କରିପାରି ବୃଦ୍ଧଙ୍କ ପାଖକୁ ଯାଇ ପଚାରିଲେ ମଉସା, ଏ ଗଛ ଲଗାଉଛ କାହା ପାଇଁ ? ଯାହା ଜଣାପଡୁଛି ଆପଣଙ୍କୁ ୮୦ ବର୍ଷ ପାର ହୋଇ ଯିବଣି । ତୁମେ ଏ ଯେଉଁ ଗଛ ଲଗାଉଛ ଏହା କେବେ ଫଳିବ ଏବଂ ତୁମେ ଏ ଗଛର ଫଳ ଖାଇବ ! ଗଛ ଫଳିବା ବେଳକୁ ହୁଏତ ତୁମର ଧୂଆଁ ଉଠି ସାରିଥିବ ! ବୃଦ୍ଧ ଜଣକ ଉ□ର ଦେବା ପରିବ□ ଯୁବକଙ୍କୁ କହିଲେ ଏହି ପାଖ ଗଛରୁ ୨ଟି ପାଚିଲା ଆମ୍ବ ତୋଳି ଆଣ । ଯୁବକ ଟିକେ ଶଙ୍କା କରିବାରୁ ବୃଦ୍ଧ ଜଣକ କହିଲେ ସେ ଗଛ ମଧ୍ୟ ଆମର, ଭୟ କରିବାର କିଛି ନାହିଁ । ଯୁବକ ୨ଟି ପାଚିଲା ଆମ୍ବ ତୋଳି ବୃଦ୍ଧଙ୍କ ହାତରେ ଧରାଇଲେ । ବୃଦ୍ଧ ଜଣକ ନିଜ ପାକୁଆ ପାଟିରେ ଗୋଟିଏ ଆମ୍ବକୁ ଧରି ଅନ୍ୟଟି ଯୁବକଙ୍କୁ ଖାଇବାକୁ କହିଲେ । ବଡ ସୁସ୍ୱାଦୁ ଆମ୍ବ । ବୃଦ୍ଧ କହିଲେ ଏ ଆମ୍ବ ଗଛକୁ ମୋ ଜେଜେ ବାପା ଲଗାଇଥିଲେ । ସେ ଅନେକ ଦିନରୁ ପରପାରିକୁ ଚାଲିଗଲେଣି, ମୁଁ ମଧ୍ୟ ତାଙ୍କୁ ସ୍ୱ ଦେହରେ ଦେଖି ନାହିଁ କିମ୍ବା ସେ ଏହି ଗଛର ଆମ୍ବ ଖାଇଛନ୍ତି କି ନାହିଁ ତା ମଧ୍ୟ ଜାଣି ନାହିଁ । ତାଙ୍କ ଦ୍ୱାରା ଲଗାଯାଇଥିବା ଏହି ଆମ୍ବ ବଗିଚାର ଗଛମାନଙ୍କରୁ କେବଳ ମୁଁ ନୁହେଁ, ମୋର ପିଲା, ତାଙ୍କ ପିଲା, ବାଟୋଇ, ଚଢେଇ, ମାଙ୍କଡ ଇତ୍ୟାଦି ଫଳ ଖାଉଛନ୍ତି । ପିଲାମାନେ ଏମାନଙ୍କର ଡାଳରେ ଚଢି ଡାଳମାଙ୍କୁଡି ଖେଳ ଖେଳନ୍ତି । ପକ୍ଷୀମାନେ ଏହାର ଡାଳପତ୍ରରେ ବସା ବାନ୍ଧି ରହୁଛନ୍ତି । ଏହାର ଶୀତଳ ଛାୟାରେ ବାଟୋଇ, ଗୋରୁଗାଈ, ପଶୁପକ୍ଷୀମାନେ ଆଶ୍ରୟ ନେଉଛନ୍ତି । ମୋର ବାପା, ଜେଜେ ବାପା ଯେଭଳି ମୋ ପାଇଁ ଗଛର ବଗିଚା ସୃଷ୍ଟି କରି ଯାଇଛନ୍ତି ଏବଂ ମୁଁ ତାହାର ଫୁଲଫଳ ଖାଇ ଯେଉଁ ଋଣ କରିଛି ସେହିଭଳି ମୁଁ ମୋ ଉ□ର ପିଢି ପାଇଁ ଗଛ ଲଗାଉଛି । ମୁଁ ଋଣ କରି ମରିପାରିବି ନାହିଁ । ଋଣ ଶୁଝିବା ପାଇଁ ମୁଁ ଏ ଗଛ ଲଗାଉଛି । ଆପ୍ତ ବାକ୍ୟ ରହିଛି 'ପରୋପକାରାୟ ଫଳନ୍ତି ବୃକ୍ଷାଃ' । ଏ ଗଛମାନଙ୍କ ଠାରୁ ମୁଁ ଏତିକି ଶିଖିଛି ନିଜେ କଷ୍ଟ ସହି ଅନ୍ୟକୁ ସାହାଯ୍ୟ କରିବାରେ ଯେଉଁ ଆନନ୍ଦ ରହିଛି ତାହା ଅକଳନୀୟ । ଠାକୁର ଅଛନ୍ତି କି ନାହିଁ ମୁଁ ଜାଣି ନାହିଁ । ଏ ସମସ୍ତ ଗଛ ମୋ ପାଇଁ ଠାକୁର । ବଂଚିବା ପାଇଁ ପେଟକୁ ଖାଦ୍ୟ, ଦେହକୁ ଘୋଡାଇବା ପାଇଁ ବସ୍ତ୍ର, ମୁଣ୍ଡ ଗୁଞ୍ଜିବା ପାଇଁ ବାସଗୃହ ଓ ଶରୀରକୁ ସୁସ୍ଥ ରଖିବା ପାଇଁ ଔଷଧ ଯିଏ ଆମକୁ ଦେଉଛନ୍ତି ସେ ଆମ ପାଇଁ ଠାକୁର ନୁହେଁ ତ ଆଉ କ'ଣ ! ଯିଏ ନିଜେ ଖରା ସହି ଆଶ୍ରିତକୁ ଛାୟା ଓ ଶାନ୍ତି ପ୍ରଦାନ କରେ ସେ ହେଉଛନ୍ତି ଠାକୁର । ଯୁବକ ବୁଝିଗଲେ କେଡେ ମହାନ ତାଙ୍କ ଚିନ୍ତା ଧାରା । ମାତ୍ର ଆଜିର ସଭ୍ୟ ସମାଜ ଗୃହନିର୍ମାଣ, ରାସ୍ତା ନିର୍ମାଣ, ଶିଳ୍ପପ୍ରତିଷ୍ଠା ଆଳରେ ଗଛ କାଟିବାରେ ବ୍ୟସ୍ତ । ବୃକ୍ଷ ମାନେ ନିଜେ ଖରା ସହି ଅନ୍ୟକୁ ଛାୟା ପ୍ରଦାନ କରନ୍ତି । ନିଜେ ଅଙ୍ଗାରକାମ୍ଳ ବିଷ ପିଇ ଅମ୍ଳଜାନ ରୂପକ ଅମୃତ ପ୍ରଦାନ କରିଥାଆନ୍ତି । ମଣିଷ ମାନେ ମନେ ରଖିବା ଉଚିତ ଯେ ମଣିଷ



ବିନା ବୃକ୍ଷଜଗତ ତିଷ୍ଠିପାରିବ, କିନ୍ତୁ ବୃକ୍ଷଜଗତ ବିନା ମଣିଷର ଅସ୍ତିତ୍ୱ ରହି ପାରିବ ନାହିଁ । ଅନେକ ବୃକ୍ଷ ଅଛନ୍ତି ଯେଉଁମାନେ ମଣିଷର ବିନା ସହାୟତାରେ ବଂଶବିସ୍ତାର କରିପାରନ୍ତି । ବର ଓ ଅଶ୍ୱସ୍ଥ ପକ୍ଷୀମାନଙ୍କର ମଳରେ ଆସି ପଥର ସନ୍ଧିରେ, ଇଟାକାନ୍ଥରେ ବଢିଉଠନ୍ତି । ଜଙ୍ଗଲରେ ବୃକ୍ଷମାନେ ସ୍ୱୟଂ ବୃଦ୍ଧି ପାଇଥାଆନ୍ତି । ଯାହାକୁ ଆଘାତ କଲେ ସେ ବିନା ପ୍ରତିବାଦରେ ଖାଦ୍ୟ ଯୋଗାଏ ସେ ହେଉଛି ବୃକ୍ଷ । ଆଗକାଳରେ ଲୋକମାନେ ପାଦରେ ଚାଲି ଚାଲି ଦୂରଯାତ୍ରା କରୁଥିଲେ । ସେତେବେଳେ ରାଜା ମାନଙ୍କ ଦ୍ୱାରା ବାଟରେ ବଡ ବଡ ବୃକ୍ଷ ରୋପଣ କରାଯାଉଥିଲା ପଥରେ ବିଶ୍ରାମ ନେବାପାଇଁ । ମଣିଷ ସମାଜର ପ୍ରକୃତ ବନ୍ଧୁ ହେଉଛି ବୃକ୍ଷ । ବୃଦ୍ଧ ଆହୁରି କହିଲେ, ଆମ ଗ୍ରାମରେ ଜଣେ ବ୍ୟକ୍ତିଙ୍କର ବହୁ ଦେବାଦେବୀ ପୂଜା କରିବାପରେ ପୁଅଟିଏ ଜନ୍ମ ହେଲା । ଜନ୍ମ ଦିନ ମହାଆଡମ୍ବରରେ ପାଳନ କରିବା ସହ ବ୍ୟକ୍ତି ଜଣକ ନଡିଆ, ଗୁଆ, ଆମ୍ବ, ପଣସ ଓ ବେଲ ଗଛ ପ୍ରତ୍ୟେକରୁ ୫ଟି ଲେଖାଏଁ ଗଛ ନିଜ ବାଡିରେ ଲଗାଇଥିଲେ । ପୁଅ ବଡ ହେବା ସହିତ ଗଛମାନେ ବଡ ହେବାରେ ଲାଗିଲେ । ବ୍ୟକ୍ତି ଜଣକ ନିଜ ଆୟର ସିଂହ ଭାଗ ପୁତ୍ରପାଇଁ ଖର୍ଚ୍ଚ କରି ଅତି ଯତ୍ନରେ ବଢାଇ ପାଠ ପଢାଇ ଉଚ୍ଚ ଶିକ୍ଷିତ କରାଇଲେ । ଆଶା ରଖିଥିଲେ ବୃଦ୍ଧକାଳରେ ପୁଅ ବଡ ମଣିଷ ହୋଇ ଅବଶିଷ୍ଟ ଜୀବନର ସାହାରା ହେବ । ହେଲେ ପୁତ୍ର ସହରରେ ଚାକିରି କରିବାପରେ ପ୍ରେମ ବିବାହ କରି ନିଜ ସଂସାର ଧରି ସହରରେ ରହିଗଲା ଯେ ଆଉ ଗ୍ରାମକୁ ବୁଢାବୁଢୀଙ୍କୁ ଦେଖିବାକୁ ମଧ୍ୟ ଆସିଲା ନାହିଁ । ବର୍ତମାନ ସେହି ସବୁଗଛରୁ ଫଳୁଥିବା ନଡିଆ, ଗୁଆ, ଆମ୍ବ, ପଣସ ଓ ବେଲ ବିକ୍ରି କରି ଚଳୁଛନ୍ତି । କହନ୍ତି ଗଛମାନେ ମୋର ଗୋଟିଏ ଗୋଟିଏ ପୁଅ । ମଣିଷ ପିଲା କୃତଘ୍ନ ହୋଇପାରେ ମାତ୍ର ଗଛଟିଏ କେବେ କୃତଘ୍ନ ହୁଏ ନାହିଁ, ଫୁଲଫଳ ହୁଏତ ନ ଦେଇପାରେ ମାତ୍ର ତା ଛାୟାରୁ କେବେ ବଂଚିତ କରେ ନାହିଁ । ଭଗବାନ ଗୀତାରେ କହିଛନ୍ତି 'ମୁଁ ବୃକ୍ଷମାନଙ୍କ ମଧ୍ୟରେ ଅଶ୍ୱସ୍ଥ' । ବିଜ୍ଞାନ କହେ ଅଶ୍ୱସ୍ଥ ବୃକ୍ଷ ୨୪ଘ□। ଅମ୍ଳଜାନ ନିର୍ଗତ କରେ । ଯୁବରାଜ ସିଦ୍ଧାର୍ଥ ଅଶ୍ୱସ୍ଥ ବୃକ୍ଷ ମୂଳରେ ଧ୍ୟାନସ୍ଥ ହୋଇ ବୁଦ୍ଧତ୍ୱ ପ୍ରାପ୍ତହୋଇ ଗୌତମ ବୁଦ୍ଧରେ ପରିଣତ ହୋଇଥିଲେ । ବୃକ୍ଷ ପ୍ରକୃତିର ଏକ ମହାର୍ଘ ଅବଦାନ । ସନାତନ ସଂସ୍କୃତିରେ ବୃକ୍ଷକୁ ଦେବତା ରୂପେ ପୂଜା କରାଯାଇଥାଏ । ତୁଳସୀ, ବେଲ, ଲିମ୍ବ, ଅଶ୍ୱସ୍ଥ, ଅଁଳା, ବଟବୃକ୍ଷ ଆଦି ବୃକ୍ଷକୁ ଆମେ ପୂଜା କରୁ । ଗୃହର ଅଗଣାରେ ବୃନ୍ଦାବତୀଙ୍କ ଉପରେ ତୁଳସୀ ବୃକ୍ଷ ନ ରହିଲେ ସେ ଗୃହରେ ଅଶୁଭ ହୁଏ । କୌଣସି ଶୁଭକର୍ମରେ କଦଳୀଗଛକୁ ଗୃହ ସମ୍ମୁଖରେ ଲଗାଯାଏ । ଡାଳିମ୍ବ, ଅଁଳା, ବେଲ ବୃକ୍ଷ ଘର ଅଗଣାରେ ରହିଲେ ଶୁଭ ହୋଇଥାଏ । ଆମ୍ବ ଡାଳ, ଦୁବ, ବରକୋଳି ପତ୍ର ଦେବକର୍ମରେ ଲାଗିଥାଏ । ଜଳବାୟୁ ପରିବର୍ତନର ମୁଖ୍ୟ କାରଣ ହେଉଛି ବୃକ୍ଷଲତା ହ୍ରାସ ପାଇବା । ଭଗବାନଙ୍କ ପ୍ରଦ□ ପ୍ରକୃତି ଆକାଶ, ତେଜ, ମୃତିକା, ବାୟୁ, ଓ ଜଳ ପ□ଭୂତରେ ଗଠିତ ଏକ ସନ୍ତୁଳିତ ପୃଥିବୀ । ଅଦ୍ୟାବଧି ଆବିଷ୍କୃତ ହୋଇଥିବା ବିଶ୍ୱ ବ୍ରହ୍ମାଣ୍ଡରେ କେବଳ ପୃଥିବୀ ହେଉଛି ଏକମାତ୍ର ଗ୍ରହ ଯେଉଁଥିରେ ଜୀବସ□। ରହିଛି । ମଣିଷ ଶରୀର ମଧ୍ୟ ପ□ଭୂତରେ ଗଠିତ । ମଣିଷ ଜୀବନ ଧାରଣ ନିମନ୍ତେ ପ୍ରକୃତି ଉପରେ ନିର୍ଭରଶୀଳ । ଜଳଚକ୍ର ବ୍ୟବସ୍ଥା ଦ୍ୱାରା ସମୁଦ୍ରରୁ ଜଳ ବାଷ୍ପ ହୋଇ ପୁର୍ନବାର ବର୍ଷା ଆକାରରେ ନଦୀ ପର୍ବତରୁ ବହି ଯାଇ ପୁର୍ନବାର ସମୁଦ୍ରରେ ମିଶିଥାଏ । ବର୍ଷାଦ୍ୱାରା ବୃକ୍ଷଲତା ସବୁଜିମାରେ ଭରିଉଠି ଶସ୍ୟଶ୍ୟାମଳା ଓ ଫୁଲଫଳରେ ହସିଉଠେ । ଯାହାକୁ ଖାଇ ମଣିଷ ଓ ପଶୁପକ୍ଷୀ ମାନେ ଜୀବନ ଧାରଣ କରିଥାଆନ୍ତି । ବୃକ୍ଷମାନଙ୍କ ଦ୍ୱାରା ମୃତିକା ସଂରକ୍ଷଣ ହେବା ସହିତ ବାୟୁମଣ୍ଡଳରେ ସନ୍ତୁଳନ ରକ୍ଷାହୁଏ ଓ ସନ୍ତୁଳିତ ବର୍ଷା ମଧ୍ୟ ହୋଇଥାଏ । ଜନସଂଖ୍ୟା ବିସ୍ଫୋରଣ ଓ କଂକ୍ରିଟ୍ ଜଙ୍ଗଲର ବୃଦ୍ଧି, ଗୃହନିର୍ମାଣ, ରାସ୍ତାନିର୍ମାଣ, ଶିଳ୍ପପ୍ରତିଷ୍ଠା ଆଳରେ ଗଛ କାଟିବାଫଳରେ ବୃକ୍ଷମାନଙ୍କର ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି । ଜଳବାୟୁ ପରିବର୍ତନ ହେବା ଦ୍ୱାରା ଉତାପ ବୃଦ୍ଧି ହେଉଛି । ଗ୍ଲାସିୟର ତରଳି ସମୁଦ୍ରର ଜଳପତନ ବୃଦ୍ଧି ପାଇବା ଦ୍ୱାରା ଅନେକ ସ୍ଥଳଭାଗ ଜଳମଗ୍ନ ହେବାରେ ଲାଗିଲାଣି । ସୂର୍ଯ୍ୟ, ଚନ୍ଦ୍ର, ନଦୀମାନେ, ବୃକ୍ଷମାନେ ସମସ୍ତେ ତାଙ୍କ ସ୍ୱଧର୍ମ ପାଳନ କରିଚାଲିଛନ୍ତି । କେବଳ ମଣିଷ ତାର କର୍ତବ୍ୟ ଭୁଲିଯାଇଛି, ସମସ୍ତେ ଦେଇ ଚାଲିଥିବା ବେଳେ ମଣିଷ ସ୍ୱାର୍ଥପର ଭାବେ କେବଳ ନେଇ ଚାଲିଛି । ଅମ୍ଳଜାନ ପାଇଁ ବୃକ୍ଷର ଆବଶ୍ୟକତାକୁ ମହାମାରୀ କରୋନା ସମୟରେ ଠିକ୍ ଉପଲବ୍ଧି କରିଥିବ । ଯେଉଁ ବୃକ୍ଷରୁ ଖାଦ୍ୟ, ପାନୀୟ, ଶ୍ୱାସ ଓ ଔଷଧ ନେଇ ନିଜ ଜୀବନ ରକ୍ଷାକରୁଛି, ସେହି ବୃକ୍ଷକୁ ସେ ନିଜେ କାଟି ସଫା କରୁଛି । ନିଜ ଗୋଡରେ କୁରାଢୀ ମାରୁଛି । ବେଳହୁଁ ସାବଧାନ ଓ ସଚେତନ ନ ହେଲେ ଏ ସୁନ୍ଦର ସବୁଜ ପୃଥିବୀରୁ ଜୀବସ□। ନିଶ୍ଚିହ୍ନ ହେବାକୁ ଅଧିକ ସମୟ ଲାଗିବ ନାହିଁ ।

*ସଦସ୍ୟ, ସାରଳାଦାସ ସ୍ମୃତିସଂସଦ, ଓଡ଼ିଶା, ଭୁବନେଶ୍ୱର, ୯୪୩୮୫୫୫୬୭୦*

# ଶିଷ୍ଟତା ଭାରତୀୟ ସଂସ୍କୃତିର ମହାନତା



ଶିଷ୍ଟାଚାର ବ୍ୟକ୍ତିର ବ୍ୟକ୍ତିତ୍ୱ ବିକଶିତ କରିବା ସହ ସମାଜରେ ପ୍ରତିଷ୍ଠିତ କରାଇଥାଏ । ଏଥିରୁ ବିଚ୍ୟୁତି ଘଟିଲେ ସାମାଜିକ ଅଶିଷ୍ଟତା ସୃଷ୍ଟି ହୁଏ । ଅଧୁନା ସମାଜରେ ଏମିତି ଅନେକ ଘଟଣା ଘଟୁଛି ଯାହାକୁ ଅଶିଷ୍ଟ କୁହାଯାଉଛି ଏବଂ ସେ ସମସ୍ତ ପାଶ୍ଚାତ୍ୟ ସଂସ୍କୃତିର କୁପ୍ରଭାବରୁ ଏ ଦେଶରେ ସଂଗଠିତ ହେଉଥିବାର ଅଭିଯୋଗ ଚାଲିଛି । ଭାରତୀୟ ଆର୍ଯ୍ୟ ସନାତନ ସଂସ୍କୃତିରେ ଶିଷ୍ଟତା, ମାନବୀୟ ମୂଲ୍ୟବୋଧ, ପରୋପକାରତା, ଉଦାରପଣତା ଓ ନିଃସ୍ୱାର୍ଥପର ସେବା ହେଉଛି, ଏ ଜାତିର ସଂସ୍କୃତି । କଥାରେ ଅଛି ଖା, ଭୁଞ୍ଜ, ଗିଳି । ଏହାର ଭାବାର୍ଥ ହେଉଛି ଗୋଟିଏ ଶବ୍ଦର ଭିନ୍ନ ଭିନ୍ନ ବ୍ୟାଖ୍ୟାନ ବା ଏହାର ପ୍ରାସଙ୍ଗିକତା ରହିଛି । ଆଜିର ସମୟରେ ଦେଖାଯାଏ ବଚନେ ସେ ଦରିଦ୍ର୍ୟତା । ଗୋଟିଏ ପଦ କଥାରେ ମିଷ୍ଟଭାଷା, କାହାକୁ ସାମୟିକ ଆନନ୍ଦ ହେଉ ପଛେ ମିଳିବାରେ ବା ଦେବାରେ କ'ଣ ଦୁଃଖ ଥାଏ । ଆମ୍ଭ ମାନଙ୍କ ଭିତରେ ଅନେକ ଗୋଟିଏ ବଡ଼ ପ୍ରଶ୍ନ କରିଥାନ୍ତି ତାହା ହେଉଛି ଅପ୍ରିୟ ସତ୍ୟ । ଅପ୍ରିୟ ସତ୍ୟ ମନ୍ଦ ନୁହେଁ କିନ୍ତୁ ଏହା ଅନେକ ସମୟରେ ଅନ୍ୟ ଜଣଙ୍କୁ ଦୁଃଖ ଦେଇଥାଏ । ତେଣୁ ସତ୍ୟ କହି ଜଣକୁ ଦୁଃଖ ଦେବା ଏହା ମଧ୍ୟ ଏକ ବଡ଼ ଧର୍ମ ସଙ୍କଟର ବିଚାର । ଆଜିକାଲି ଅନେକ କ୍ଷେତ୍ରରେ ଦେଖାଯାଏ ଜଣେ ପଦପଦବୀ ବା କୌଣସି ବୃ□ିଗତ କ୍ଷେତ୍ରରେ ଆର୍ଥିକ କ୍ଷମତାଧାରୀ ହେବା ପରେ ସେମାନେ ଧରାକୁ ସରାଜ୍ଞାନ ବିଚାର କରିନଥାନ୍ତି । ସମସ୍ତେ ଗୋଟିଏ କଥା ମନେ ରଖିବା ଉଚିତ ଭଗବାନ ସବୁ ସହ୍ୟ କରନ୍ତି କିନ୍ତୁ କାହାର ଗର୍ବ ନୁହେଁ । ଆମ ଆଜିକାଲିକା ବିଦ୍ୟାଳୟ ହେଉ ବା ଡାକ୍ତରଖାନା, ଆପଣ ସେଠି ଭଲରେ ପଦିଏ ଉଚିତ ବ୍ୟବହାର ବା କଥା ଯେ ଶୁଣିବାକୁ ପାଇବେ ଏ ଜ୍ଞାନଟି ମିଳିପାରିବ ନାହିଁ । ନିଟକରେ ଜଣେ ବନ୍ଧୁ ଗଭୀର ଦୁଃଖର ସହିତ କହୁଥିଲେ ଯେ, କଟକର ସିଡ଼ିଏରେ ଏକ ପ୍ରତିଷ୍ଠିତ ବିଦ୍ୟାଳୟ ଯାହାଙ୍କର ବେଶ ନାଁ ବି ଅଛି ଆଉ ମୋଟା ଅଙ୍କର ପଇସାପତ୍ର ଲେଣଦେଣ ହେଉଥିବା ସଂସ୍ଥା ହୋଇଥିବାରୁ ଏହି ଶିକ୍ଷା କ୍ଷେତ୍ରର ପଦାଧିକାରୀ ତାଙ୍କ ଅଧଃସ୍ତନ ବୟସ୍କ କର୍ମଚାରୀଙ୍କୁ ନାମ ଧରି ଡାକନ୍ତି । ଆମେ ଟିକିଏ ଅନୁଭବରେ ଚିନ୍ତା କରନ୍ତୁ ତ ! ଆମ ନିଜ ଆତ୍ମୀୟ, ରକ୍ତଜ, ନିଜ ପରିବାରର ଲୋକଙ୍କୁ ଏହିପରି ବ୍ୟବହାର ଦେଉକି ? ସବୁଠାରୁ ବଡ଼ କଥା ହେଉଛି ଆମ ନିଜକୁ ଆମ ଉଚ୍ଚ କର୍ତୃପକ୍ଷ ଯଦି ଏହିପରି ବ୍ୟବହାର ଦିଅନ୍ତି ଆମେ ତାକୁ ସହି ପାରିବା କି ? ଆଦୌ ନୁହେଁ । ତାହାହେଲେ ପଦ ପଦବୀର ଅହଂକାର କ'ଣ ପାଇଁ ? ଆମ ହାତପାହାନ୍ତାରେ ଆମେ ଅନେକ ଲୋକମାନଙ୍କୁ ଦେଖିବାକୁ ପାଉ ଯେଉଁମାନଙ୍କ ପାଖରେ ଧନ, ଜ୍ଞାନ ନଥାଇ ପାରେ କିନ୍ତୁ ସେମାନଙ୍କ ଭିତରେ ଯେଉଁ ସ୍ନେହ ଶ୍ରଦ୍ଧାର ମଣିଷ ପଣିଆ ତାହା ଅନ୍ୟ ମାନଙ୍କ ପାଇଁ ବହୁତ ବଡ଼ ଶିକ୍ଷଣୀୟ । କିନ୍ତୁ ଆମ ମାନଙ୍କ ଭିତରେ ଆଉ ଗୋଟିଏ ଚରିତ୍ର ମାନଙ୍କୁ ସାମ୍ନା କରୁ ଯେଉଁମାନେ ଅନ୍ୟ ମାନଙ୍କ ଅନୁପସ୍ଥିତିରେ ବେଶ ନିନ୍ଦାକରି ଖୁସି ଅନୁଭବ କରନ୍ତି । ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି ଅନ୍ୟମାନଙ୍କ ଅନୁପସ୍ଥିତିରେ ସେମାନଙ୍କୁ ନିନ୍ଦା କରିବା ଏକ ପ୍ରକାର ମହାପାପ । ଆମ ଭିତରେ ଜଣେ ଭାଇ ତାଙ୍କ ବିଦ୍ୟା, ବୁଦ୍ଧି, ଜ୍ଞାନ, ଅଧ୍ୟବସାୟକୁ ନେଇ ଯଦି ଫାର୍ମାସିଷ୍ଟରୁ ଡାକ୍ତର ହେଲେ ତାହାହେଲେ ଆମ୍ଭେମାନେ କ'ଣ ପାଇଁ ଖୁସି ଅନୁଭବ ନକରି ବରଂ ଅସୂୟା ଭାବରେ ନିଜକୁ ବିଷାକ୍ତ କରିଥାଉ । ଏହି କଥା ଗୁଡ଼ିକୁ ଭାବିଲେ ଭାରତୀୟ ସଂସ୍କୃତିର ଶିଷ୍ଟତା, ଗରିମା ଓ ମୂଲ୍ୟବୋଧ ଆମ୍ଭମାନଙ୍କ ସାମ୍ନାରେ ମଳିନ ପଡ଼ିଯିବା ପରି ଅନୁଭବ ହୋଇଥାଏ । ଆଜିକାଲି କେତେକ ପରିବାରରେ ଯଦି ସନ୍ତାନ, ସନ୍ତତି, ନିଜ ସଂସ୍କୃତି ପ୍ରତି ବିମୁଖତା ପ୍ରକଟ କରନ୍ତି, ବିରୋଧ ପ୍ରକାଶ କରନ୍ତି, ତେବେ ତାହାକୁ ବି ଆମେ ଆଧୁନିକତାର ଆଖ୍ୟାଦେଉ । ପତିପତ୍ନୀ ଉଭୟେ, ଉଭୟଙ୍କୁ ଅଙ୍ଗୁଳି ଟିପରେ ନଚାଇବା ମନୋଭାବ ନେଇ, ଆଧୁନିକତାର ଶୀକାର ହୁଅନ୍ତୁ ନାହିଁ । ଅଥବା ସମାଜରେ ପ୍ରତିଷ୍ଠା ବଢ଼ିବା ଆଶାରେ ଶିଶୁଙ୍କୁ ସ୍ୱସଂସ୍କୃତିରୁ ବଂଚିତ କରନ୍ତୁ ନାହିଁ । ଶିଷ୍ଟ ଏବଂ ଅଶିଷ୍ଟ ବିଚାର କରିବା କ୍ଷମତା ପ୍ରତ୍ୟେକ ଭାରତୀୟଙ୍କର ରହିଛି । ଶିଷ୍ଟତା ହିଁ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବକୁ ପ୍ରତିହତ କରିପାରେ । ସାମାଜିକତାର ଦୃଢ଼ ବନ୍ଧନରୁ ରକ୍ଷା କରିପାରେ । ସାମାଜିକତାର ଦୃଢ଼ ବନ୍ଧନରୁ ରକ୍ଷାକରିପାରେ । ଅପରପକ୍ଷରେ ଅଶିଷ୍ଟତା ସମାଜର ମୂଳଦୁଆକୁ ଦୋହଲାଇବା ସହ ପାଶ୍ଚାତ୍ୟ ସଭ୍ୟତାର ବୀଜକୁ ଆମ ଅଜାଣତରେ ଆମ ଅନ୍ତରରେ ବିପନ୍ନ କରିନେବା ।

# ମୂଲ୍ୟବାନ କଉଡ଼ି



◆ ଗିରିଧାରୀ ସାମଲ

ସାରା ପୃଥିବୀରେ ୧୭୦ ପ୍ରଜାତିର କଉଡ଼ି ମଧ୍ୟରୁ ଭାରତରେ କେବଳ ୩୭ଟି ପ୍ରଜାତିର କଉଡ଼ି ଉପଲବ୍ଧ । ଏହି କଉଡିଗୁଡ଼ିକ ମୁଖ୍ୟତଃ ଲାକ୍ଷାଦ୍ୱୀପ ଓ ମାଳଦ୍ୱୀପ ନିକଟବର୍ତୀ ସମୁଦ୍ରରୁ ମିଳିଥାଏ । ପ୍ରାଚୀନ ଓ ମଧ୍ୟଯୁଗରେ ଦକ୍ଷିଣ ଏସିଆ ଓ ଆଫ୍ରିକାରେ କଉଡ଼ିର ବାଣିଜ୍ୟ ବ୍ୟବସାୟର ମାଧ୍ୟମରୂପେ ବ୍ୟବହାର କରାଯାଉଥିଲା । ଚୀନରେ ଖ୍ରୀଷ୍ଟପୂର୍ବ ୧୦୦୦ରେ କଉଡ଼ିର ପ୍ରଚଳନ ଥିଲା । ସେ ସମୟରେ ରପ୍ତାନି ଆମଦାନୀ ପାଇଁ ରୂପା ମୁଦ୍ରା ପ୍ରଚଳନ ହେଉଥିବାବେଳେ ଦୁର୍ଗମ ଗ୍ରାମଗୁଡ଼ିକରେ କଉଡ଼ି ସୁବିଧାଜନକ ବ୍ୟବସାୟର ମାଧ୍ୟମ ଥିଲା । ମଧ୍ୟଯୁଗୀୟ ଐତିହାସିକ ଆବୁଲଫାଜଲ ଓ ମାସୁଦି ସାମଗ୍ରୀର ମୂଲ୍ୟ କଉଡ଼ି ମାଧ୍ୟମରେ ଦିଆଯାଉଥିଲା ବୋଲି ଦର୍ଶାଇଛନ୍ତି । ମୋଗଲ ସମୟରେ ପ୍ରଜାମାନଙ୍କଠାରୁ କଉଡ଼ି ଆକାରରେ ଖଜଣା ଆଦାୟ କରାଯାଉଥିଲା । ୪ଟି କଉଡ଼ିରେ ଗୋଟିଏ ଗଣ୍ଡା, ୫ଟି ଗଣ୍ଡାରେ ଗୋଟିଏ ବୁଡ଼ି, ୪ବୁଡ଼ିରେ ଗୋଟିଏ ପାନ, ୧୬ଟି ପାନରେ ଗୋଟିଏ କାହାଣ ଓ ଦଶଟି କାହାଣରେ ଗୋଟିଏ ଟଙ୍କା ଗଣାଯାଉଥିଲେ ମଧ୍ୟ ସ୍ଥାନବିଶେଷରେ ଏହି ହିସାବ ଭିନ୍ନ ଭିନ୍ନ ଥିଲା । ଏକଦା ୟୁରୋପୀୟ ଦେଶଗୁଡ଼ିକ ପ୍ରଚୁର ପରିମାଣର କଉଡ଼ି ଆମଦାନୀ କରି ଆଫ୍ରିକାର ବଜାରରେ କ୍ରୀତଦାସ କ୍ରୟକରିବାରେ ଏହାକୁ ବିନିଯୋଗ କରୁଥିଲେ । କେତେକ କଉଡ଼ିର ମୂଲ୍ୟ ଏତେ ବେଶୀ ଯେ ତାହା ଶୁଣିଲେ ସହଜରେ ବିଶ୍ୱାସ କରି ହୁଏ ନାହିଁ । ଆର୍ମେନୀୟମ ଓ ସାୟନସିମ୍ କଉଡ଼ିର ମୂଲ୍ୟ ଯଥାକ୍ରମେ ୧୮୫୦ ଓ ୧୮୦୦ ଡଲାର । ବ୍ରିଟିଶ ମ୍ୟୁଜିୟମରେ ପ୍ରିନ୍ସ ନାମରେ ଏକ ବହୁମୂଲ୍ୟ କଉଡ଼ି ରହିଛି ଯାହାର ମୂଲ୍ୟ ଅଦ୍ୟାପି ସ୍ଥିର କରାଯାଇନାହିଁ । ସମଗ୍ର ପୃଥିବୀରେ ଏପରି କଉଡ଼ି ମାତ୍ର ଗୋଟିଏ ରହିଛି ।

*ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ,
ଦୂରଭାଷ : ୯୪୩୭୪୫୦୧୧୪*

# ରକ୍ତଦାନ ମହତ ଦାନ

✓ ବିନୟ କୁମାର ଦାସ

ରାଗରେ ଥରୁଥିଲେ ସୁଲୋଚନାଦେବୀ । ଅପେକ୍ଷା କରି ରହିଥିଲେ ପୁଅ ଅମୀୟ କେତେବେଳେ ଘରକୁ ଫେରିବ । କଣ ନା ଚାଲି ଯାଇଛି ହସପାତାଳ ରକ୍ତଦାନ କରିବାକୁ । ରକ୍ତଦାନ କରିବା ଦ୍ୱାରା ତାର ଯେ କେତେ କ୍ଷତି ହେବ ସେ କଥା ବା ସେ କେକିତି ଜାଣିବ । ଜଣାଇ କି ଯିବା ବି ସେ ଉଚିତ ମନେ କଲାନାହିଁ । ସେ ଜାଣିଥିଲେ କଣ ତାକୁ କେବେ ଏହି କାମ ପାଇଁ ବାହାରକୁ ଛାଡିଥାନ୍ତେ । ମନ ତାଙ୍କର ଖାଲି ଗୋଳେଇଘାଂଟି ହେବାକୁ ଲାଗିଲା । କିଛି କାମରେ ମନ ଲାଗିଲା ନାହିଁ । ଏମିତି ବିତିଗଲା ତିନି ଘଂଟା । ଅମୀୟ ଫେରିଲା ଘରକୁ । ତା ପାଖକୁ ଧାଇଁ ଗଲେ ସୁଲୋଚନା ଦେବୀ ।

" କୁଆଡେ ଯାଇଥିଲୁ ଶୁଣେ ।"

" ହାସପାତାଳକୁ । ହେଲେ ମାଆ, ତୁମେ ଏମିତି ବ୍ୟସ୍ତ ହେଉଛ କଣ ପାଇଁ ? "

" କଣ ପାଇଁ ଯାଇଥିଲୁ ? ରକ୍ତ ଦାନ କରିବା ପାଇଁ ?"

" ହଁ ମା , ଅତି ଦରକାର ଥିଲା ବି ନେଗେଟିଭ୍ ରକ୍ତ । ବ୍ଲଡ ବ୍ୟାଙ୍କ୍ ରେ ବି ଷ୍ଟକ୍ ନଥିଲା । ମୋର ତ ସେଇ ଗ୍ରୃପର ରକ୍ତ । ତେଣୁ ଚାଲି ଗଲି । "

" କାହାର ଦରକାର ଥିଲା ରକ୍ତ ?"

" ମୋ ସାଙ୍ଗ ଆବାସ୍ ର । ଏକ ଆକ୍ସିଡେଂଟ୍ ରେ ତା ଦେହରୁ ବହୁତ ରକ୍ତ ବହିଯାଇଥିଲା । ତୁରନ୍ତ ଅପରେସନ୍ ହେଲା । ତେଣୁ ତୁମକୁ ଜଣାଇବାକୁ ମୁଁ ସମୟ ପାଇ ପାରିଲି ନାହିଁ ।□"

" ତା ମାନେ ..ତୁ ଜଣେ ମୁସଲମାନ ସାଂଗ ପାଇଁ ରକ୍ତଦାନ କଲୁ ? ଆରେ..ଯଦି ରକ୍ତ ଦେବାର ଥିଲା ତେବେ ଜଣେ ହିନ୍ଦୁ ପାଇଁ ଦେଇଥାନ୍ତୁ ଭଲା । "

" ତୁମେ ଏ କଣ କହୁଚ ମା ? ଜୀବନ ରକ୍ଷା ପାଇଁ ରକ୍ତ ର ଆବଶ୍ୟକତା..ସେଠି ହିନ୍ଦୁ ମୁସଲମାନ କଥା ଆସୁଛି କୋଉଠି ? ଜୀବନ ତ ଜୀବନ । ରକ୍ତ ତ ରକ୍ତ । ଜଣକ ରକ୍ତ ପାଇଲେ ଯଦି ଆଉ ଜଣକ ଜୀବନ ବଂଚି ଯାଇପାରିଲା , ତେବେ ସେତିକି କଣ ବଡ କଥା ନୁହେଁ ମା ?"

" ମୋତେ ସେ ନୀତିବାଣୀଗୁଡା ଶୁଣାନା କହିଦେଉଛି । ରକ୍ତ ତୁ ଦାନ କଲୁ । ତୁ ଦୁର୍ବଳ ହୋଇଯିବୁ । କାହାରି କିଛି ହବନି । "

" ଆରେ ମା , ତୁମେ ଏମିତି ଭୁଲ ଧାରଣା ନେଇ ତଥାପି ରହିଚ ? ରକ୍ତଦାନ କରିବା ଦ୍ୱାରା ଜଣେ କେବେ ଦୁର୍ବଳ ହୁଏନି । ବରଂ ମଝିରେ ମଝିରେ ଏମିତି ରକ୍ତଦାନ କରିବା ଦ୍ୱାରା ଶରୀର ଫିଟ୍ ରହେ । ଦେହରେ ନୂଆ ରକ୍ତ ସୃଷ୍ଟି ହୁଏ । ତାହା ଦେହ ପାଇଁ ଖୁବ୍ ଦରକାରୀ । ଆଉ ଏକଥା ବି ଜାଣିରଖ ମାଆ, ରକ୍ତ କିଏ ଦେଇ ପାରିବ , ସେତକ ପ୍ରଥମେ ଡାକ୍ତର ପରୀକ୍ଷା କରି କହି ଦିଅନ୍ତି । ମୋ ରକ୍ତ ଦେବାରେ କିଛି ଅସୁବିଧା ନଥିଲା । ତେଣୁ ମୁଁ ଦେଲି । ଜାଣିଚ ମାଆ, ରକ୍ତ ପାଇଲା ପରେ ଆବାସ ର ବାପା ମାଆ ବହୁତ ଖୁସି ହୋଇଗଲେ । ସେମାନେ ମୋତେ ଯେଉଁ ଆଶୀର୍ବାଦ କଲେ ତାହା ତ ପାଇଁ ଈଶ୍ୱରଙ୍କ ଦାନ । "

" ତାର ଆହୁରି କେତେ ସାଂଗ ଥିବେ..କାହିଁ କେହି ତ ଆସି ତାକୁ ରକ୍ତ ଦେଲେନି । ତୁ ତ ମହାଦାନୀ କର୍ଣ୍ଣ.."

" ମା , ଯଥା ସମୟରେ ରକ୍ତ ମିଳିବା ସହଜ କଥା ନୁହେଁ । ଇଏତ ଭଗବାନଙ୍କର ଦୟା ଯେ ମୁଁ ଠିକ୍ ସମୟରେ ଖବର ପାଇ ସେଠାକୁ ଚାଲିଯାଇପାରିଲି । ରକ୍ତ ପାଇଁ ସେମାନେ ଯେ କି ବ୍ୟସ୍ତ ହେଉଥିଲେ , ସେ କଥା ମୁଁ ତୁମକୁ ବୁଝାଇ ପାରିବିନି । ଥରେ ଚିନ୍ତା କଲ ମା , ଯଦି ସେହି ପରିସ୍ଥିତିରେ ତୁମେ ଥାଅନ୍ତ..."

" ସେ ଅଶୁଭ କଥା ମୁହଂରେ ଧର ନା । "



" ଦେଖିଲ ତ..ଏତକ ଭାବିଦେଲା ବେଳକୁ ତୁମେ ବ୍ୟସ୍ତ ହୋଇ ପଡୁଚ । ଆଉ ସେମାନେ .. । ମା, ଆଜିକାଲି ବିଜ୍ଞାନ ଆଉ ଡାକ୍ତରୀ ବିଦ୍ୟାରେ ବହୁତ ଉନ୍ନତି ହେଲାଣି । ରକ୍ତଦାନ ଦ୍ୱାରା ଯେ କିଛି କ୍ଷତି ହୁଏନି , ଏତକ ପ୍ରମାଣିତ । ତୁମେ ଜମା ବ୍ୟସ୍ତ ହୁଅନି । ତୁମ ପୁଅ ଗୋଟେ ଭଲ କାମ କରିଚି ବୋଲି ତୁମେ ବରଂ ଗର୍ବ କର ମା ।"

" ହଁ , ତୁ ଠିକ୍ କହିଛୁ । ମୋ ମନର ଭୁଲ ଧାରଣା ଦୂର କରିଦେଲୁ ତୁ । ତୋ ପରି ପୁଅ ପାଇ ମୁଁ ସତରେ ଗର୍ବ ଆନୁଭବ କରୁଚି ରେ ।। ଭଗବାନ ତୋତେ କୋଟି ପରମାୟୁ ଦିଅନ୍ତୁ ।"

ଏତକ କହି ଅମୀୟକୁ ସେ କୋଳେଇ ନେଲେ ଆଉ ତା ମୁଣ୍ଡରେ ହାତ ବୁଲାଇ ଆଣିଲେ ।

ମୋ-୭୯୭୮୮୬୦୩୬୩

# ନାକଫୋଡ଼ା ଓ କାନଫୋଡ଼ା

◆ କୃଷ୍ଣପ୍ରିୟା ତ୍ରିପାଠୀ

ଉଭୟ ବିବାହିତା ଏବଂ ଅବିବାହିତା ହିନ୍ଦୁ ମହିଳା ନାକ ଫୋଡ଼ାଇ ନାକଫୁଲ ଏବଂ ନୋଥ ଆଦି ଲଗାଇଥାନ୍ତି । ତେବେ ଏହାର ପ୍ରାଚୀନତା ବା ବ୍ୟବହାର ସଂକ୍ରାନ୍ତରେ କୌଣସି ହିନ୍ଦୁ ଶାସ୍ତ୍ରରେ ଉଲ୍ଲେଖ ନାହିଁ । କେବଳ ଆୟୁର୍ବେଦ ଶାସ୍ତ୍ର ସୃଶ୍ରୁତ-ସଂହିତାରେ ଊନବିଂଶ ଅଧ୍ୟାୟରେ ଏହାର ଉପକାରିତା ବର୍ଣ୍ଣିତ । ଏହା ଦ୍ୱରା ପ୍ରସବ ବେଦେନା କମ୍ ହେଉଥିବା, ମାସିକ ଋତୁସ୍ରାବ ଜନିତା ଯନ୍ତ୍ରଣା କିଛି ପରିମାଣରେ ଉପଶମ ହେଉଥିବା ଏବଂ ମହିଳା ମାନଙ୍କର ନାସା କେତେକ ନିର୍ଦ୍ଦିଷ୍ଟ ସଂକ୍ରମଣରୁ ରକ୍ଷା ପାଉଥିବା ବିଶ୍ୱାସ କରାଯାଏ । ପ୍ରାଚୀନ ଭାରତରେ ନାସାବେଧ ବହୁଳ ପ୍ରସାରିତ ନ ଥିଲା । ଏକାଦଶ ଶତାବ୍ଦୀ ପରେ ବିଦେଶୀ ଆକ୍ରମଣକାରୀଙ୍କ ଭାରତ-ପ୍ରବେଶ ପରେ ଏହା ଲୋକପ୍ରିୟ ହୋଇଥିବାରୁ ଏହା ସେମାନଙ୍କ ଦ୍ୱାରା ଏଠାକୁ ଆସିଥିବା ଅନେକେ ଗ୍ରହଣ କରିଛନ୍ତି । ହିନ୍ଦୁ କନ୍ୟା ମାନଙ୍କର ନାସାବେଧ ସମୟରେ କୌଣସି କର୍ମକାଣ୍ଡ କି ଧାର୍ମିକ ଅନୁଷ୍ଠାନ ପାଳନ କରାଯାଏନାହିଁ । ସାଧାରଣତଃ ବିବାହ ବେଳେ କନ୍ୟାମାନେ ନାକରେ ଅଳଙ୍କାର ପିନ୍ଧିଥାନ୍ତି । ଉତର ଭାରତର



କେତେକ ନିର୍ଦ୍ଦିଷ୍ଟ ସଂପ୍ରଦାୟରେ ଏହା ବାଧ୍ୟତାମୂଳକ । ପୁଣି କେତେକ ସଂପ୍ରଦାୟରେ ଏହା ସିନ୍ଦୂର ଏବଂ ମଙ୍ଗଳସୂତ୍ର ପରି ସଧବାର ପ୍ରତୀକ । ମରାଠୀ ମହିଳାମାନେ ନାସାର ବାମ ପାର୍ଶ୍ୱରେ ଅଳଙ୍କାର ପିନ୍ଧୁଥିବା ବେଳେ ଗୁଜରାଟୀମାନେ ଡାହାଣ ପାଖେ ପିନ୍ଧିଥାନ୍ତି । ନାସାରେ ଅଳଙ୍କାର ପିନ୍ଧିବାକୁ ନେଇ କୌଣସି ନିର୍ଦ୍ଦିଷ୍ଟ ନିୟମ ନାହିଁ । ସଂପ୍ରତି ଦକ୍ଷିଣ ଭାରତୀୟ ନାରୀମାନେ ହିଁ ଅଧିକତର ନାସାରେ ଅଳଙ୍କାର ପିନ୍ଧୁଥିବା ଦେଖାଯାଉଛି । ସମଗ୍ର ଦକ୍ଷିଣରେ ଏହା 'ମୁକ୍କୁଥି' ଭାବେ ପ୍ରସିଦ୍ଧ । ଦକ୍ଷିଣ ଭାରତ ପରେ ଗୋଆ, ଉତର ପ୍ରଦେଶ, ହିମାଚଳ ପ୍ରଦେଶ, ରାଜସ୍ଥାନ, ଗୁଜରାଟ, ମହାରାଷ୍ଟ୍ର ଏବଂ ପଞ୍ଜାବରେ ଏହା ବହୁ ପରିମାଣରେ ଲୋକପ୍ରିୟ । ଅନ୍ୟ ପ୍ରଦେଶମାନଙ୍କରେ ଏହା ଅଜଣା ନ ଥିଲେ ବି ଏତେଟା ପ୍ରଚଳିତ ନୁହେଁ । କର୍ଣ୍ଣଭେଦ ବା କାନ ଫୋଡ଼େଇବା ହିନ୍ଦୁ ପରମ୍ପରାରେ ଏକ ଧାର୍ମିକ ଅନୁଷ୍ଠାନ ପଦବାଚ୍ୟ । ସମଗ୍ର ହିନ୍ଦୁ ସଂପ୍ରଦାୟରେ ଜାତି- ବର୍ଣ୍ଣ-ଲିଙ୍ଗ ନିର୍ବିଶେଷରେ ପିଲାଦିନେ କର୍ଣ୍ଣଭେଦ କରାଯାଇଥାଏ । ତେବେ ଆଜିକାଲି କନ୍ୟା- ସନ୍ତାନ କ୍ଷେତ୍ରରେ ଏହା ପାଳନ କରାଯାଉଥିବା ବେଳେ ପୁତ୍ର-ସନ୍ତାନ କ୍ଷେତ୍ରରେ ଆଉ ଏତେଟା ଗୁରୁତ୍ୱ ଦିଆଯାଉନାହିଁ । କେବଳ ବ୍ରାହ୍ମଣ -ପୁତ୍ରମାନେ ବ୍ରତୋର୍ପନ ବେଳେ କର୍ଣ୍ଣଭେଦ କରାଉଛନ୍ତି । ପୁଣି ନିର୍ଦ୍ଦିଷ୍ଟ ବୟସରେ ମଧ୍ୟ ଆଉ କାନ ଫୋଡ଼ାଯାଉନାହିଁ । ହିନ୍ଦୁ ଶାସ୍ତ୍ର 'ଧର୍ମ ସିନ୍ଧୁ' ଅନୁଯାୟୀ ଜନ୍ମ - ପରବର୍ତୀ ଦଶମ, ଦ୍ୱାଦଶ ଏବଂ ଷୋଡ଼ଶ ଦିବସରେ କର୍ଣ୍ଣଭେଦ କରାଯିବା ଆବଶ୍ୟକ । କିନ୍ତୁ ଏହାକୁ ଅନେକେ ଆଉ ଗ୍ରହଣ କରୁନାହାନ୍ତି । ନିଜ ନିଜର ସୁବିଧା ଅନୁଯାୟୀ କେତେକ ଷଷ୍ଠ କିମ୍ବା ସପ୍ତମ ମାସରେ ଏହା ପାଳନ କରୁଛନ୍ତି । କେହି କେହି ତୃତୀୟ, ପଂଚମ କିମ୍ବା ସପ୍ତମ ବର୍ଷରେ ଏହା କରାଉଛନ୍ତି । କିନ୍ତୁ ଏଥି ନିମନ୍ତେ ପ୍ରାୟ ସମସ୍ତେ ଶୁଭ ବେଳା ଦେଖୁଥିବା ଜଣାଯାଏ । ସ୍ୱତନ୍ତ୍ର ପୂଜା - ପ୍ରାର୍ଥନା ପରେ ସୂର୍ଯ୍ୟାଲୋକରେ ଏହି କର୍ମ କରାଯାଏ । କର୍ଣ୍ଣଭେଦ କାର୍ଯ୍ୟଟିକୁ ସାଧାରଣତଃ ସ୍ୱର୍ଣ୍ଣକାର ବା ବ୍ରାହ୍ମଣ ମାନେ ସଂପାଦନ କରିଥାନ୍ତି । ଏହି କର୍ମରେ ସବୁର୍ଣ୍ଣ ନିର୍ମିତ ସୂଚିକା ବ୍ୟବହୃତ ହୁଏ । କନ୍ୟା- ସନ୍ତାନ କ୍ଷେତ୍ରରେ ପ୍ରଥମେ ବାମ କର୍ଣ୍ଣ ଓ ପୁତ୍ର -ସନ୍ତାନ କ୍ଷେତ୍ରରେ ପ୍ରଥମେ ଡାହାଣ କର୍ଣ୍ଣ ଭେଦ କରା ଯାଏ । କର୍ଣ୍ଣଭେଦର ଉପକାରିତ ଅନେକ । ଓଡ଼ିଆ ଆଧ୍ୟାତ୍ମିକ ଚିନ୍ତା ଚେତନାରେ କାନଫୋଡ଼ା ଓ ନାକଫୋଡ଼ାକୁ ଅତ୍ୟନ୍ତ ଗୁରୁତ୍ୱ ପ୍ରଦାନ କରାଯାଇଥାଏ । ସର୍ବୋପରି ଏହାକୁ ଏକ ଧର୍ମକାର୍ଯ୍ୟ ଭାବରେ ମଧ୍ୟ ବିବେଚନା କରାଯାଇଥାଏ ।

# ପ୍ରଥମେ ରାଜ୍ୟମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା: ଏମ.ଏମ.ଡ଼ି.ଆର. ସଂଶୋଧନ ଆଇନ, ୨୦୨୬ ମୂଳ ଉଦ୍ଦେଶ୍ୟକୁ ବୁଝିବା



ପ୍ରଫେସର ଧୀରଜ କୁମାର

୨୦୨୬ ମସିହାର ଖଣି ଏବଂ ଖଣିଜ (ବିକାଶ ଏବଂ ନିୟନ୍ତ୍ରଣ) ସଂଶୋଧନ ଆଇନକୁ କେବଳ ଏକ ଆର୍ଥିକ କିମ୍ବା ନିୟାମକ ସଂଶୋଧନ ଭାବରେ ଦେଖାଯିବା ଉଚିତ ନୁହେଁ, ବରଂ ଖଣି ଶିଳ୍ପର ଭବିଷ୍ୟତ ପାଇଁ ଭାରତକୁ ପ୍ରସ୍ତୁତ କରିବା ଦିଗରେ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଦୃଷ୍ଟିରୁ ବିବେଚନା କରାଯିବା ଉଚିତ । ଯେତେବେଳେ ଖଣିଜ ପଦାର୍ଥଗୁଡ଼ିକ - ବିଶେଷକରି ଗୁରୁତ୍ୱପୂର୍ଣ୍ଣ ଏବଂ ରଣନୈତିକ ଖଣିଜ ପଦାର୍ଥଗୁଡ଼ିକ - ଶକ୍ତି ସୁରକ୍ଷା, ଉନ୍ନତ ଉତ୍ପାଦନ ଏବଂ ଅର୍ଥନୈତିକ ସ୍ଥିରତାର କେନ୍ଦ୍ରବିନ୍ଦୁ ପାଲଟିବାରେ ଲାଗିଛି, ସେତେବେଳେ ଭାରତ ପାଇଁ ଏପରି ଏକ ଖଣି ଢା଼ଂଚାର ଆବଶ୍ୟକତା ରହିଛି, ଯାହା ପୂର୍ବାନୁମାନଯୋଗ୍ୟ, ପ୍ରତିଯୋଗିତାମୂଳକ ଏବଂ ଦୀର୍ଘମିଆଦୀ ନିବେଶକୁ ଆକର୍ଷିତ କରିବାରେ ସକ୍ଷମ ହୋଇଥିବ । ଆଜି ଆମର ଖଣିଜ କ୍ଷେତ୍ର ସମ୍ମୁଖରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ମଧ୍ୟରୁ ଗୋଟିଏ ହେଉଛି ସମ୍ବଳ କିମ୍ବା ପ୍ରତିଭାର ଅନୁପସ୍ଥିତି ନୁହେଁ, ବରଂ ଉପଲବ୍ଧ ପ୍ରଯୁକ୍ତିବିଦ୍ୟା ଏବଂ ଖଣିରେ ଏହାର ବୃହତ ପରିମାଣର ନିୟୋଜନ ମଧ୍ୟରେ ପରିଲକ୍ଷିତ ହେଉଥିବା ବ୍ୟବଧାନ । କୃତ୍ରିମ ବୁଦ୍ଧିମତା, ସ୍ୱୟଂଚାଳିତତା, ଡିଜିଟାଲ୍ ଅନୁସନ୍ଧାନ, ଉନ୍ନତ ଖଣିଜ ପ୍ରକ୍ରିୟାକରଣ, ସମ୍ପଦ ପୁନରୁଦ୍ଧାର ଏବଂ ଦାୟିତ୍ୱପୂର୍ଣ୍ଣ ଖଣି ପାଇଁ ଶିଳ୍ପ, ଶିକ୍ଷାନୁଷ୍ଠାନ ଏବଂ ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ଯଥେଷ୍ଟ ନିବେଶ ଏବଂ ଦୃଢ଼ ସହଯୋଗ ଆବଶ୍ୟକ ହୋଇଥାଏ । ନୀତି ଯେତେବେଳେ ଆତ୍ମବିଶ୍ୱାସ ଏବଂ ଦୀର୍ଘମିଆଦୀ ସ୍ୱଚ୍ଛତା ପ୍ରଦାନ କରେ, ସେତେବେଳେ ଏଭଳି ନିବେଶ ଆସିଥାଏ । ଏହି ପରିପ୍ରେକ୍ଷୀରେ, ସୁଯୋଗର ପରିମାଣ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରେ । ନିଲାମ ଏବଂ ବିକାଶ ପାଇଁ ଚିହ୍ନଟ ହୋଇଥିବା ୧,୫୦୦ରୁ ଅଧିକ ଖଣିଜ ବ୍ଲକ ଭାରତରେ ରହିଛି, ତଥାପି ବର୍ତ୍ତମାନ କେବଳ ମାତ୍ର ଏକ ଅଂଶ କାର୍ଯ୍ୟକ୍ଷମ ଅଛି, ଯାହା ଉତ୍ପାଦନ ପ୍ରସାର ଏବଂ ମୂଲ୍ୟ ସୃଷ୍ଟି ପାଇଁ ଏକ ବଡ଼ ଅବ୍ୟବହୃତ ସମ୍ଭାବନାକୁ ସୂଚିତ କରେ । ଖଣି କ୍ଷେତ୍ର ପୂର୍ବରୁ ଭାରତର ସାମଗ୍ରିକ ଘରୋଇ ଉତ୍ପାଦ (ଜି.ଡି.ପି.)ର ୨ ପ୍ରତିଶତରୁ ଅଧିକ ଅବଦାନ ରଖିଛି । ବ୍ଲକଗୁଡ଼ିକର ଦ୍ରୁତ କାର୍ଯ୍ୟକ୍ଷମତା ସହିତ, ଏହି ଅଂଶ ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଇପାରିବ ଏବଂ ଇସ୍ପାତ, ସିମେଂଟ, ବ୍ୟାଟେରୀ ଏବଂ ଇଲେକ୍ଟ୍ରୋନିକ୍ସ ଭଳି ଡାଉନଷ୍ଟ୍ରିମ୍ ଶିଳ୍ପଗୁଡ଼ିକୁ ମଧ୍ୟ ମଜବୁତ କରିବାରେ ସକ୍ଷମ ଯୋଗଦାନ ଦେଇପାରିବ । ଆମଦାନୀ ଉପରେ ଭାରତର ନିର୍ଭରଶୀଳତା ଘରୋଇ ଖଣିଜ ଉତ୍ପାଦନକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତାକୁ ଅଧିକ ଉଜ୍ଜ୍ୱଳ ଭାବରେ ପରିଭାଷିତ କରିଥାଏ । ୨୦୨୫-୨୬ ଆର୍ଥିକ ବର୍ଷରେ, ଭାରତ ୧୦,୧୨,୫୨୯ କୋଟି ଟଙ୍କାର ଖଣିଜ ପଦାର୍ଥ ବିଦେଶରୁ ଆମଦାନୀ କରିଥିଲା, ଯାହା ସ୍ୱଦେଶୀ ଯୋଗାଣ ଶୃଙ୍ଖଳକୁ ମଜବୁତ କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥରେ ବାହ୍ୟ ଦୁର୍ବଳତାକୁ ହ୍ରାସ କରିବାର ରଣନୈତିକ ଗୁରୁତ୍ୱକୁ ଦର୍ଶାଉଛି । ରାଜସ୍ୱ ଏବଂ ନିବେଶ ଦୃଷ୍ଟିକୋଣରୁ ମଧ୍ୟ ସଂସ୍କାର ସମୟୋଚିତ ବୋଲି ବିବେଚନା କରାଯାଇପାରେ । ଭାରତର ଖଣିଜ ନିଲାମ ବ୍ୟବସ୍ଥା ପ୍ରିମିୟମ, ରୟାଲିଟି ଏବଂ ଡି.ଏମ.ଏଫ. ଏବଂ ଏନ.ଏମ.ଇ.ଟି. ଭଳି ବୈଧାନିକ ଅବଦାନ ମାଧ୍ୟମରେ ରାଜ୍ୟଗୁଡ଼ିକ ପାଇଁ ହଜାର ହଜାର କୋଟି ଟଙ୍କାର ପ୍ରତିବଦ୍ଧ ରାଜସ୍ୱ ସୃଷ୍ଟି କରିସାରିଛି, ଯାହା ଦର୍ଶାଉଛି ଯେ ଏକ ସଂରଚିତ ନିଲାମ ବ୍ୟବସ୍ଥା ସ୍ୱଚ୍ଛ ଏବଂ ଆର୍ଥିକ ଦୃଷ୍ଟିରୁ ଦୃଢ଼ ହୋଇପାରେ । ଏହାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଖଣି କମ୍ପାନୀଗୁଡ଼ିକ ଦ୍ୱାରା କରାଯାଇଥିବା ମୋଟ ଦେୟ ମଧ୍ୟରୁ, ପ୍ରାୟ ୯୬ ପ୍ରତିଶତ ରାଜସ୍ୱ - ନିଲାମ ପ୍ରିମିୟମ, ରୟାଲିଟି, ଡି.ଏମ.ଏଫ. ଏବଂ ଅନ୍ୟାନ୍ୟ ବୈଧାନିକ ଶୁଳ୍କ ସମେତ - ସିଧାସଳଖ ରାଜ୍ୟ ସରକାରଙ୍କ ନିକଟରେ ଜମା କରାଯାଇଥାଏ । ଏହି ରାଜସ୍ୱ- ବ[ନ ଗଠନ ଏମ.ଏମ.ଡି.ଆର. ସଂଶୋଧନ ଆଇନ, ୨୦୨୬ ପରେ ମଧ୍ୟ ଅପରିବର୍ତ୍ତିତ ରହିବ । ପ୍ରକୃତରେ, ବିଗତ ୧୨ ବର୍ଷ ମଧ୍ୟରେ, ପ୍ରମୁଖ ଖଣିଜ ଉତ୍ପାଦନକାରୀ ରାଜ୍ୟଗୁଡ଼ିକର ମୋଟ ରାଜସ୍ୱ ୧୬.୨୦ ପ୍ରତିଶତର ଏକ ଚକ୍ରବୃଦ୍ଧି ବାର୍ଷିକ ଅଭିବୃଦ୍ଧି ହାର (ସି.ଏ.ଜି.ଆର.)ରେ ବୃଦ୍ଧି ପାଇଛି, ଯାହା ଖଣିଜ ପଦାର୍ଥ ସମ୍ପନ୍ନ ରାଜ୍ୟଗୁଡ଼ିକର ମଜବୁତ ଆର୍ଥିକ ଆଧାରକୁ ପ୍ରତିଫଳିତ କରେ । ୨୦୨୦-୨୧ ମସିହାଠାରୁ ୨୦୨୫-୨୬ ମସିହା ମଧ୍ୟରେ, ପ୍ରମୁଖ ଖଣି ରାଜ୍ୟଗୁଡ଼ିକ ରୟାଲିଟି, ଡି.ଏମ.ଏଫ. ଏବଂ ଜି.ଏସ.ଟି. ଭଳି ଅନ୍ୟାନ୍ୟ ରାଜସ୍ୱ ପ୍ରବାହ ସହିତ ମାତ୍ର ୧୦୦ଟି ନିଲାମ ଖଣିରୁ ନିଲାମ ପ୍ରିମିୟମ ଭାବରେ ୯୬,୦୦୦ କୋଟି ଟଙ୍କାରୁ ଅଧିକ ସଂଗ୍ରହ କରିଛନ୍ତି । ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ରାଜ୍ୟଗୁଡ଼ିକ ପାଇଁ ଅଧିକ ଖଣିଜ ବ୍ଲକ ନିଲାମ ଏବଂ କାର୍ଯ୍ୟକ୍ଷମ କରିବାରେ ବୃହତ ସୁଯୋଗ ରହିଛି, ଯାହା ଫଳରେ ଖଣିଜ ପଦାର୍ଥ ଉପରେ ଟିକସ ସଂଖ୍ୟା ବୃଦ୍ଧି କରିବା ପରିବର୍ତ୍ତେ ଉତ୍ପାଦନ ଏବଂ ରାଜସ୍ୱ ବୃଦ୍ଧି ପାଇବ । ଅଧିକ ଏକରୂପୀ ଏବଂ ପୂର୍ବାନୁମାନଯୋଗ୍ୟ ରାଜସ୍ୱ ବ୍ୟବସ୍ଥା ନିବେଶକଙ୍କ ବିଶ୍ୱାସକୁ ଆହୁରି ସୁଦୃଢ଼ କରିବା ସହିତ ଭାରତୀୟ ଖଣିଜ ସମ୍ପଦକୁ ଗୁରୁତ୍ୱପୂର୍ଣ୍ଣ ଦେଶୀୟ ଓ ବିଶ୍ୱସ୍ତରୀୟ ନିବେଶକମାନଙ୍କ ପାଇଁ ଅଧିକ ଆକର୍ଷଣୀୟ କରିପାରିବ । ସେହିପରି, ଖଣିଜ ବ୍ଲକଗୁଡ଼ିକୁ ନିଲାମକୁ ଆଣିବା ଏବଂ ପରବର୍ତ୍ତୀ ସମୟରେ ସେଗୁଡ଼ିକୁ ଶୀଘ୍ର ଉତ୍ପାଦନରେ ସାମିଲ କରିବା ମଧ୍ୟ ଅତ୍ୟନ୍ତ ଜରୁରୀ । ଉନ୍ନତ ଡାଟା ବ୍ୟବସ୍ଥା, ଡିଜିଟାଲ ଅନୁମୋଦନ ଏବଂ ସୁଦୃଢ଼ ପ୍ରତିଷ୍ଠାନଗତ କ୍ଷମତା ମାଧ୍ୟମରେ ଏହି ପ୍ରକ୍ରିୟା ଚକ୍ରକୁ ମାତ୍ର ୩୦-୪୦ ପ୍ରତିଶତ ହ୍ରାସ କରାଯାଇପାରିଲେ, ଖଣିଜ ଉତ୍ପାଦନ ଏବଂ ନିବେଶ ପ୍ରବାହରେ ଉଲ୍ଲେଖନୀୟ ବୃଦ୍ଧି ଘଟିପାରିବ । ଏହି କ୍ଷେତ୍ରରେ ପ୍ରଯୁକ୍ତି-ସକ୍ଷମ ଶାସନ ବ୍ୟବସ୍ଥା ସଂସ୍କାରର ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭାବେ ଉଭା ହେଉଛି । ଏକ ଗୁରୁତ୍ୱପୂର୍ଣ୍ଣ ସମର୍ଥକ ହୋଇଯାଏ । ଖଣିଜ ସମ୍ପଦରେ ସମୃଦ୍ଧ ରାଜ୍ୟଗୁଡ଼ିକ ପାଇଁ ଏହାକୁ ସୁଯୋଗର ହ୍ରାସ ଭାବେ ଦେଖାଯିବା ଉଚିତ ନୁହେଁ । ବରଂ, ଅଧିକ ସମ୍ଭାବନାମୟ ଖଣି, ଅଧିକ କାର୍ଯ୍ୟକ୍ଷମ ଖଣିଜ ବ୍ଲକ୍ ଏବଂ ଅଧିକ ନିବେଶ ଶେଷ ପର୍ଯ୍ୟନ୍ତ ରାଜ୍ୟଗୁଡ଼ିକ ପାଇଁ ଏକ ବୃହତର ଏବଂ ଅଧିକ ସ୍ଥାୟୀ ଆର୍ଥିକ ଭିତି ସୃଷ୍ଟି କରିବ । ରାଜ୍ୟଗୁଡ଼ିକ ଖଣି କାର୍ଯ୍ୟରୁ ମିଳୁଥିବା ରାଜସ୍ୱର ଅଧିକାଂଶ ଅଂଶ ପାଇବା ଜାରି ରଖିବେ । ଉତ୍ପାଦନ ପ୍ରକ୍ରିୟା ଶୀଘ୍ର ହେବା ଦ୍ୱାରା ସିଧାସଳଖ ଭାବେ ଅଧିକ ରୟାଲଟି ରାଜସ୍ୱ, ରୋଜଗାର ସୃଷ୍ଟି ଏବଂ ଆଂଚଳିକ ଶିଳ୍ପ ବିକାଶ ଘଟିବ । ଏଥି ସହିତ ଥିବା ମୂଲ୍ୟାଙ୍କନ ଏହା ମଧ୍ୟ ସ୍ପଷ୍ଟ କରେ ଯେ ଏହି ସଂଶୋଧନ ରାଜ୍ୟଗୁଡ଼ିକର ପ୍ରଚଳିତ ରାଜସ୍ୱ ଢାଂଚାକୁ ସୁରକ୍ଷିତ କରିବା ସହିତ ଖଣିକୁ ଅଣ-ଆର୍ଥିକ କରିପାରୁଥିବା ଏକ ଅନିଶ୍ଚିତ ଅତିରିକ୍ତ ଆର୍ଥିକ ବୋଝକୁ ରୋକିବା ପାଇଁ ଉଦ୍ଦିଷ୍ଟ ଅଟେ । ତେଣୁ ମୁଁ ଏହାକୁ ଏକ ଭବିଷ୍ୟତବାଦୀ ଏବଂ ସକ୍ଷମ ସଂସ୍କାର ଦୃଷ୍ଟିରେ ହିଁ ଦେଖୁଛି - ଯାହା ଭାରତକୁ କେବଳ ଖଣିଜ ସମ୍ପଦ ଆବଂଟନ କରିବାରୁ ଏକ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ, ନିବେଶ ପାଇଁ ପ୍ରସ୍ତୁତ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଖଣି ଇକୋସିଷ୍ଟମ ଗଠନ କରିବାରେ ସାହାଯ୍ୟ କରିପାରିବ । ମାନ୍ୟବର କୋଇଲା ଓ ଖଣି ମନ୍ତ୍ରୀ ଶ୍ରୀ ଜି. କିଶନ ରେଡ୍ଡୀଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଦିଗ୍ଦର୍ଶନ ଏ କ୍ଷେତ୍ରରେ ବିଶେଷ ଗୁରୁତ୍ୱ ବହନ କରେ । କାରଣ ଏହା କେବଳ ତତ୍କାଳୀନ ରାଜସ୍ୱ ପ୍ରସଙ୍ଗକୁ ନୁହେଁ, ବରଂ ଖଣିଜ ସୁରକ୍ଷା, ଶିଳ୍ପଗତ ପ୍ରତିଯୋଗିତାମୂଳକତା ଏବଂ 'ବିକଶିତ ଭାରତ ୨୦୪୭'ର ବୃହତର ଜାତୀୟ ଲକ୍ଷ୍ୟ ଦିଗରେ ଦୃଷ୍ଟି ରଖିଛି ।

**ମୁଖ୍ୟ, କୋର-ମିନ୍, କ୍ରିଟିକାଲ୍ ମିନେରାଲ୍ସ ପାଇଁ ଉତ୍କର୍ଷତା କେନ୍ଦ୍ର (ଏନ.ସି.ଏମ.ଏମ-ସି.ଓ.ଇ.) ନିର୍ଦ୍ଦେଶକ, ଟେକ୍ସମିନ୍ ଫାଉଣ୍ଡେସନ, ପ୍ରଯୁକ୍ତିବିଦ୍ୟା ଟ୍ରାନ୍ସଲେସନାଲ୍ ରିସର୍ଚ୍ଚ ପାର୍କ (ଟି.ଟି.ଆର.ପି.), ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ, ଭାରତ ସରକାର ପ୍ରଫେସର (ଏଚ.ଏ.ଜି.), ଖଣି ଇଞ୍ଜିନିୟରିଂ ବିଭାଗ ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଇଣ୍ଡିଆନ୍ ସ୍କୁଲ ଅଫ୍ ମାଇନ୍ସ) ଧନବାଦ, ଝାଡ଼ଖଣ୍ଡ**

# ଚୌଧୁରୀ ବଜାର ପୂଜା କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



କଟକ(ନିପ୍ର): ଚୌଧୁରୀ ବଜାରସ୍ଥିତ ଗୋପାଳ ଜୀଉ ମଠରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଏହି ସମ୍ମିଳନୀର ଉଦ୍ଦେଶ୍ୟ ହେଲା କିଛି ଯୁବକଗତ ମଙ୍ଗଳବାର ଦିନ ଡି ଜି ଅଫିସ ଯାଇ ଚୌଧୁରୀ ବଜାରର ଶ୍ରୀ ଦୁର୍ଗା ପଂଚାୟତ କମିଟିର କାର୍ଯ୍ୟକଳାପ ଓ ବଜାରର କାର୍ଯ୍ୟକାରୀ ସଭାପତି ଓ ସମ୍ପାଦକଙ୍କ ବିଷୟରେ କିଛି ମନଗଢ଼ା ମନ୍ତବ୍ୟ ଏବଂ ମିଥ୍ୟା ଅଭିଯୋଗ ମାନ୍ୟବର ଡି ଜି ଙ୍କ ସମ୍ମୁଖରେ ବଖାଣିଥିଲେ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିବାରୁ ସାମ୍ବାଦିକ ମାନଙ୍କୁ କମିଟିର କାର୍ଯ୍ୟକାରୀ ସଭାପତି ଶ୍ରୀ ଦେବାଶିଷ ରାୟ, କାର୍ଯ୍ୟକାରୀ ସମ୍ପାଦକ ଶିବଦାସ ପୂର୍ଣ୍ଣଚନ୍ଦ୍ର ସିଂ, କୋଷାଧ୍ୟକ୍ଷ ଶ୍ରୀ ସପନ କୁମାର ଗୁଇଁ, ଉପଦେଷ୍ଟା ଦୀପକ କୁମାର ନନ୍ଦୀ, କାଳନ୍ଦୀ ନାରାୟଣ ମଲ୍ଲିକ, ପ୍ରଦୀପ ନନ୍ଦୀ, ଅଶୋକ ସେନ୍, ଜଗନ୍ନାଥ ବେହେରା ପ୍ରମୁଖ ଅବଗତ କରାଇଥିଲେ । ଚୌଧୁରୀ ବଜାର ପୂଜା କମିଟିର କିଛି ନୀତି ଓ ନିୟମ ସମ୍ବନ୍ଧରେ ଜଣାଇଥିଲେ । ଯେଉଁ ପର୍ଯ୍ୟନ୍ତ ନୂତନ କମିଟି ଗଠନ ନ ହୋଇଛି, ସେହି ସମୟରେ ପୂର୍ବତନ ସଭାପତି ଓ ସମ୍ପାଦକ କାର୍ଯ୍ୟକାରୀ ରୂପେ ରହି ସମସ୍ତ କାର୍ଯ୍ୟ ତୁଲାଇଥାନ୍ତି । ଏଣୁ ସୋମବାର ଅନୁଷ୍ଠିତ ହୋଇଥିବା 'କଟକ ମହାନଗର ଶାନ୍ତି କମିଟି ବୈଠକରେ ସଭାପତି ଓ ସମ୍ପାଦକ ଯାଇଥିବାରୁ ସେହି ବ୍ୟକ୍ତି ମାନଙ୍କ ର ପ୍ରଶ୍ନ । ସେ ପ୍ରଶ୍ନର ଉତରରେ ଏମାନେ ସୂଚାଇଛନ୍ତି ଯେ, ବଜାରର ନିୟମ ଅନୁସାରେ ଯେତେ ପର୍ଯ୍ୟନ୍ତ ନୂତନ କମିଟି ଗଠନ ନ ହୋଇଛି ସେହି ସମୟ ପର୍ଯ୍ୟନ୍ତ ବଜାରର କାର୍ଯ୍ୟକାରୀ ସଭାପତି ଓ କାର୍ଯ୍ୟକାରୀ ସମ୍ପାଦକ ସମସ୍ତ ବିଭିନ୍ନ ସଭା ସମିତିରେ ଯୋଗଦାନ, କୌଣସି ପ୍ରକାର ପ୍ରଶ୍ନବାଚୀ ସୃଷ୍ଟି କରୁନାହିଁ । ଶାନ୍ତି କମିଟିର ନିମନ୍ତ୍ରଣ ସମ୍ବନ୍ଧୀୟ ପ୍ରଶ୍ନ ଏବଂ ଚୌଧୁରୀ ବଜାର କମିଟି କାର୍ଯ୍ୟ ସମ୍ବନ୍ଧୀୟ ତଥ୍ୟ ମାନ୍ୟବର ଡିଜି ଅଫିସ ଯାଇ ଅନଧିକୃତ ଭାବେ ବକ୍ତବ୍ୟ ଦେବାକୁ ସେମାନେ କୌଣସି ସ୍ୱୀକୃତି ପ୍ରାପ୍ତ କିମ୍ବା ଅଧିକୃତ ସଦସ୍ୟ ନୁହନ୍ତି । ଏଣୁ ସେମାନେ ଜଣାଇଛନ୍ତି ଯେ ଚୌଧୁରୀ ବଜାର ଐତିହ୍ୟ ଓ ପରମ୍ପରାକୁ ଜାଣି ନଥିବା ବ୍ୟକ୍ତି ବିଶେଷ ଅଯଥାରେ ଚୌଧୁରୀ ବଜାର ମାନ ସମ୍ମାନକୁ ହୀନ ରାଜନୈତିକ ଉଦ୍ଦେଶ୍ୟ ରଖି କ୍ଷୁର୍ଣ୍ଣ ନକରିବାକୁ ଏବଂ ଏହାର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ନ କରିବା ସହିତ ନିଜକୁ ନିବୃତ ରଖି ବଜାର ମଧ୍ୟରେ ବିବାଦ ନ ସୃଷ୍ଟି କରିବାକୁ ବଜାରର ସଦସ୍ୟଙ୍କ ତରଫରୁ ଏହା ସୂଚାଇ ଦିଆଯାଇଛି ।

# ଶାଳଗାଁରେ ବିପର୍ଯ୍ୟୟ ସମ୍ପର୍କିତ ସଚେତନତା ଶିବିର

ବୈଶିଙ୍ଗା(ନିପ୍ର): ବଡ଼ସାହି ବ୍ଲକ ଅନ୍ତର୍ଗତ ପଂଚାୟତ ଉଚ୍ଚ ବିଦ୍ୟାଳୟ, ଶାଳଗାଁରେ କଟକ ସ୍ଥିତ ମୁଣ୍ଡୁଳି ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏନ.ଡି.ଆର.ଏଫ୍) ଦ୍ୱାରା ବିପର୍ଯ୍ୟୟ ସତର୍କତା ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ପ୍ରଭାସ କୁମାର ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ । ଡ. ନିରୋଜ କୁମାର( ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ବରିଷ୍ଠ ସେନା ଅଧିକାରୀ), ରମେଶ ଚନ୍ଦ୍ର ଓଝା (ନିରୀକ୍ଷକ) (ଏନ.ଡି.ଆର.ଏଫ)ଙ୍କ ଉପସ୍ଥିତିରେ ଛାତ୍ର-ଛାତ୍ରୀ ମାନେ ନିଜକୁ ସୁରକ୍ଷିତ ରଖି ଅନ୍ୟଙ୍କୁ କିଭଳି ଜୀବନ ବଂଚାଇ ପାରିବେ ସେ ବିଷୟରେ ବିଭିନ୍ନ ପ୍ରକାର ସଚେତନତା କରାଇବା ସହିତ ପ୍ରଦର୍ଶିତ କରାଇଥିଲେ । ଏଥି ସହିତ ସର୍ପଘାତ ଓ ଘଡଘଡି ରୁ କିଭଳି ରକ୍ଷା ପାଇପାରିବା ଛାତ୍ର-ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । (ଏନ.ଡି.ଆର.ଏଫ.)ର ଜି.ବି. ପରିଡ଼ା, ଏ.ଡି. ତ୍ରିପାଠୀ, ଏ.କେ. ବେହେରା ଓ ବି.କେ. ସାମନ୍ତରାୟ ସଚେତନତା ଶିବିରରେ ଯୋଗ ଦେଇଥିଲେ । ଛାତ୍ର-ଛାତ୍ରୀ ମାନେ ବିପର୍ଯ୍ୟୟ ସମ୍ପର୍କିତ ଶିକ୍ଷା ପାଇବା ପରେ ନିଜ ପରିବାର ତଥା ଅନ୍ୟମାନଙ୍କୁ ସଚେତନ କରାଇବା ପାଇଁ ଅତିଥି ବୃନ୍ଦ ପରାମର୍ଶ ଦେଇଥିଲେ । ଛାତ୍ର-ଛାତ୍ରୀଙ୍କ ସହିତ ବିଭିନ୍ନ ପ୍ରଶ୍ନୋତର କାର୍ଯ୍ୟକ୍ରମ କରାଯାଇଥିଲା । ବନ୍ୟାରେ ଜନସାଧାରଣଙ୍କୁ ସୁରକ୍ଷା ଦେବା ପାଇଁ ଆସିଥିବା ସମୟରେ ଛାତ୍ର-ଛାତ୍ରୀ ମାନଙ୍କୁ ସଚେତନତା କାର୍ଯ୍ୟକ୍ରମ କରିଥିବାରୁ ବିଦ୍ୟାଳୟ ତରଫରୁ ଉୟସୀ ପ୍ରଶଂସା କରିଥିଲେ । ବିଦ୍ୟାଳୟର ଚିତରଞ୍ଜନ ପୁହାଣ , ପ୍ରଭାକର ଉପାଧ୍ୟାୟ , ପ୍ରମୋଦ ବିନ୍ଧାଣି, ଧର୍ମେନ୍ଦ୍ର ସିଂ ଓ ସରୋଜ କୁମାର ପଣ୍ଡା ସହଯୋଗ କରିଥିଲେ । ସର୍ବଶେଷରେ ସନ୍ତୋଷ କୁମାର ଖଣ୍ଡା ଧନ୍ୟବାଦ ଅର୍ପଣ କରିଥିଲା ।

# ହାତୀଙ୍କ ଉତ୍ପାତ, ଗ୍ରାମବାସୀ ଆତଙ୍କିତ

ନୀଳଗିରି(ନିପ୍ର): ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଅଧିନସ୍ଥ ଶ୍ୟାମସୁନ୍ଦରପୁର ପଂଚାୟତ ଗୁଡିଖୁଲା ର ଜନବସତି ଅଂଚଳରେ ପ୍ରତ୍ୟେକ ଦିନ ସନ୍ଧ୍ୟା ହେଲେ କୁଲିଡିଆ ହାତୀଙ୍କ ଆତଂକ ରେ ପାଦ ଦେଶରେ ଥିବା ଛୋଟ କାନପୁର, ଢୋଲପୁର, ବାଉଁଶବବଣିଆ, ଗୁହାଳିଆ, ଜୁଣିଆ, ମାନଗଡ଼, ଦ୍ୱାରିକା, ଶ୍ରୀ ଦେଇ ପୁର, ଶ୍ୟାମସୁନ୍ଦରପୁର, ଗୋଡିଖୋଳା, ସମେତ ବହୁ ଗାଁ ଗୁଡ଼ିକ ରେ ଭୟ ସୃଷ୍ଟି ହୋଇଛି । ହାତୀ ଖାଦ୍ୟ ଅନ୍ୱେଷଣ ରେ ଗାଁ ମୁହାଁ ହେଉଛନ୍ତି । ବର୍ତମାନ ଧାନ ତଳି ସରିଯାଇଛି । ହାତୀ ମାଡି ଚଗଟି ନଷ୍ଟ କରିବା ଶହ, ଜନସାଧାରଣ ଯାତା ୟାତ ର ବିପଦସୃଷ୍ଟି ହୋଇଛି । ତେଣୁ ବନ ବିଭାଗ ଅଧିକାରୀ ସନ୍ଧ୍ୟା ଓ ମଧ୍ୟ ରାତ୍ରୀରେ ଉକ୍ତ ଅଂଚଳ ମାନଙ୍କରେ ପ୍ରେଟ୍ରୋଲିଙ୍ଗ କରିବା ପାଇଁ ସାଧାରଣ ଦାବି କରାଯାଇଛି, ବର୍ତମାନ ସୁଦ୍ଧା ୫୦ ରୁ ଉର୍ଦ୍ଧ ଚାଷୀଙ୍କର ଧାନ ରୁଆ କ୍ଷେତ ଗୁଡିକ ହାତୀ ନଷ୍ଟ କରିଛି ବୋଲି ସାଧାରଣ କୁହାଯାଇଛି । ଘଟଣା ସମ୍ପର୍କରେ କୁଲ ଡିହା ଭାରପ୍ରାପ୍ତରେଞ୍ଜର ସୌମ୍ୟ ମାଝୀ ପଚାରିବାରୁ ଖବର ପାଇବା କ୍ଷଣି କର୍ମଚାରୀମାନେ ପହଁଚି କାର୍ଯ୍ୟ ନୁଷ୍ଠାନ ନେଉଛନ୍ତି ।

# ୧୫ ଦିନ ହେଲା ଜଳବନ୍ଦୀ ତଳିଆ ଅଂଚଳ, ଗାଁ ଦାଣ୍ଡରେ ଚାଲିଛି ଡଙ୍ଗା

ଧାମନଗର(ନିପ୍ର): ଉପର ମୁଣ୍ଡରେ ବନ୍ୟା ଜଳ କମିଥିଲେ ହେଁ ଧାମନଗର ବ୍ଲକର ତଳିଆ ଅଂଚଳରେ ବନ୍ୟା ସ୍ଥିତି ଏବେ ବି ଅପରିବର୍ତ୍ତିତ ରହିଛି । ଗତ ୧୫ ଦିନ ହେବ ଦୁର୍ଦ୍ଦିନ କାଟୁଛନ୍ତି ବନ୍ୟାଂଚଳର ଜନସାଧାରଣ । ଗାଁ ଦାଣ୍ଡରେ ଏବେ ବି ଡଙ୍ଗା ଯାତାୟାତ କରୁଥିବା ବେଳେ ଲୋକେ ଜଳକଷ୍ଟ ଓ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ଲକର ରଇପୁର, ପାଳସାହି, ହସନାବାଦ, କୋଠର, ଫତେପୁର, କାଶୀମିପୁର, ବମକୁରା, ବୟାଙ୍ଗଡିହି ଏବଂ କୋଠର ପଂଚାୟତର ବିଭିନ୍ନ ଅଂଚଳ ଏବେ ମଧ୍ୟ ବନ୍ୟାଜଳ ଘେରରେ ରହିଛି । ବିଶେଷକରି ହସନାବାଦ ପଂଚାୟତର ୯, ୧୦, ୧୧ ଓ ୧୨ ନମ୍ବର ୱାର୍ଡ ଅନ୍ତର୍ଗତ ଅନଲଡିହି, ତଳଅସ୍ତକ, ମଲିକସାହି ଏବଂ ଜେନାସାହିର ଅବସ୍ଥା ସବୁଠାରୁ ଶୋଚନୀୟ ହୋଇପଡ଼ିଛି । ଘରଦ୍ୱାର ପାଣିରେ ବୁଡ଼ି ରହିଥିବାରୁ ଲୋକେ ବି ଦୟନୀୟ ଅବସ୍ଥା ରେ ରହିଛନ୍ତି । ତେବେ ଏହି ଜଟିଳ ପରିସ୍ଥିତିରେ ଲୋକଙ୍କୁ ସହାୟତା ଯୋଗାଇବା ପାଇଁ ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳିଛି । ହସନାବାଦ ପଂଚାୟତର



ସରପଂଚ ଅଜୟ ମଲିକ ନିଜେ ଡଙ୍ଗା ଧରି ବନ୍ୟା ବିପନ୍ନଙ୍କ ପାଖରେ ପହଂଚୁଛନ୍ତି । ତାଙ୍କ ସହିତ ସ୍ୱାସ୍ଥ୍ୟ କର୍ମୀ ଓ ଅନ୍ୟାନ୍ୟ ସରକାରୀ କର୍ମଚାରୀମାନଙ୍କୁ ଡଙ୍ଗାରେ ବସାଇ ଜଳବନ୍ଦୀ ଥିବା ଅଂଚଳକୁ ନେଇ ସ୍ୱାସ୍ଥ୍ୟ ସେବା ଏବଂ ରିଲିଫ୍ ସାମଗ୍ରୀ ଯୋଗାଉଛନ୍ତି । ଦୀର୍ଘ ଦିନ ହେଲା ପାଣି ଜମି ରହିବାରୁ ଏବେ ପିଇବା ପାଣିର ସମସ୍ୟା ସୃଷ୍ଟି ହେବା ସହ ନାନାକାର ରୋଗ ବ୍ୟାପିବାର ଆଶଙ୍କା ଦେଖାଦେଇଛି । ତେଣୁ ତଳିଆ ଅଂଚଳର ଏହି ଦୁର୍ଦ୍ଦଶାଗ୍ରସ୍ତ ଲୋକଙ୍କୁ ଜରୁରୀକାଳୀନ ଭିତିରେ ଅଧିକ ସହାୟତା, ବିଶୁଦ୍ଧ ପାନୀୟ ଜଳ ଏବଂ ଡାକ୍ତରୀ ଦଳ ନିୟୋଜିତ କରିବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।

# କଂଗ୍ରେସ କାର୍ଯ୍ୟାଳୟରେ ସଦ୍‌ଭାବନା ଦିବସ ପାଳିତ

ଉଦଳା(ନିପ୍ର): ଉଦଳା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜନ୍ମ ତିଥିରେ ମୟୁରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି (ପୂର୍ବ) ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମେ 'ସଦଭାବନା ଦିବସ' ପାଳନ କରାଯାଇ ଅଛି । ଏହି ଦିବସରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ସ୍ମୃତି ଚାରଣ ସହିତ ତାଙ୍କର ଦେଶକୁ ଆଧୁନିକୀକରଣ, ବୈଷୟିକ




ପ୍ରଗତି ଓ ଯୁବଶକ୍ତିକୁ ସଶକ୍ତିକରଣ କ୍ଷେତ୍ରରେ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ । ଏଥିରେ ଜିଲ୍ଲାର ଉପସଭାପତି ନାରାୟଣ ପଟ୍ଟନାୟକ, ସାଧାରଣ ସଂପାଦକ ନଳିନୀ କୁମାର ପଟ୍ଟନାୟକଙ୍କ, ବ୍ଲକ ସଭାପତି ସେକ କାଲାମୁଦ୍ଦିନ, ଉଦଳା ନଗର ସଭାପତି ମୋକ୍ଷ ନାରାୟଣ ଦାସ, ଜିଲ୍ଲା ସମ୍ପାଦକ ଯୋଗେନ୍ଦ୍ର ନାଥ ବାରସାଳିଆ, ଉତମ ବେହେରା, ବିନୋଦ ଘଡ଼େଇ ପ୍ରମୁଖ ଯୋଗ ଦେଇ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ଫଟୋରେ ପୁଷ୍ପ ପ୍ରଦାନ କରିଥିଲେ ।





# ସ୍ୱାଧୀନତା ଦିବସ ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର ପୁରସ୍କାର ବିତରଣ

ବ୍ରହ୍ମପୁର (ନି.ପ୍ର.): ବ୍ରହ୍ମପୁର ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଏବଂ କପ୍ ପ୍ରଦାନ ସହ ପୁରସ୍କୃତ କରାଯାଇଛି କ୍ଷ ଏଥି ନିମନ୍ତେ ଦକ୍ଷିଣାଂଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା କ୍ଷ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦକ୍ଷିଣାଂଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଉପ ଜିଲ୍ଲାପାଳ ଅବିନାଶ କୁମାର, ଅତିରିକ୍ତ ଶାସନ ସଚିବ ରାମେଶ୍ୱର ପ୍ରଧାନ ଏବଂ ଅନୁଶାସନ ସଚିବ ସୁଶ୍ରୀ ତନୁଶ୍ରୀ ପାତ୍ର ଯୋଗ ଦେଇଥିଲେ କ୍ଷ ବିଭିନ୍ନ ବୌଦ୍ଧିକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିବା ସହ



ଆଗାମୀ ଦିନରେ ଏପରି ସଫଳତା ବଜାୟ ରଖିବାକୁ ଅନୁପ୍ରେରିତ କରିଥିଲେ କ୍ଷ ସରକାରୀ ସେବା କ୍ଷେତ୍ରରେ ଉତ୍ସର୍ଗୀକୃତ ମନୋଭାବ ସହ କର୍ତବ୍ୟ ସମ୍ପାଦନ କରିଥିବା ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ମଧ୍ୟ ଏହି ଅବସରରେ ମାନପତ୍ର, ଉତରୀୟ ଏବଂ କପ୍ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା କ୍ଷ ଏଥି ସହିତ ପ୍ୟାରେଡ଼ରେ ଅଂଶଗ୍ରହଣ କରି ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା ପ୍ୟାରେଡ୍ ଦଳଙ୍କୁ ଦଳଗତ ଭାବେ ପୁରସ୍କୃତ କରାଯାଇଥିଲା କ୍ଷ ନିଜର ସଂକ୍ଷିପ୍ତ ଅଭିଭାଷଣରେ ମୁଖ୍ୟ ଅତିଥି କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ଏବଂ ଅଧିକାରୀମାନଙ୍କୁ ସାଧୁବାଦ ଜଣାଇବା ସହ ଭବିଷ୍ୟତରେ ନିଜର ନିଷ୍ଠା, ପରିଶ୍ରମ ଓ ଅଧ୍ୟବସାୟ ବଳରେ ଅଧିକରୁ ଅଧିକ ସଫଳତା ହାସଲ ପୂର୍ବକ ଦେଶ ଜାତିର ଗୌରବ ବୃଦ୍ଧିରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ କ୍ଷ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକ୍ରମ ମହାରଣା, ଅପରେଟର ଲୋକନାଥ ଶତପଥି, କର୍ମଚାରୀ ସୁଶାନ୍ତ କୁମାର ପଣ୍ଡା, ରବୀନ୍ଦ୍ର ସାହୁ, ତୁଷାରକାନ୍ତ ବେହେରାଙ୍କ ସମେତ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ସହାୟତା କରିଥିଲେ ।

# ତାଳଚେର କେନ୍ଦ୍ରୀୟ ଗଣେଶ ପୂଜା କମିଟିର ନୂତନ କର୍ମକର୍ତା ନିର୍ବାଚନ

ତାଳଚେର,(ନି.ପ୍ର.): ତାଳଚେରର ପ୍ରସିଦ୍ଧ ଗଣେଶ ପୂଜା ପାଇଁ କେନ୍ଦ୍ରୀୟ ଗଣେଶ ପୂଜା କମିଟିର ନୂତନ କର୍ମକର୍ତା ନିର୍ବାଚନ ଆଜି ପୂର୍ବାହ୍ନରେ ଦେଉଳବେଡ଼ା କୋଲିୟରୀ ସ୍ଥିତ ମଙ୍ଗଳମ୍ କ୍ଲବ୍ ହାଉସ୍ ଠାରେ ଅନୁଷ୍ଠିତ ହୋଇଛି । ଏଥିରେ ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ ସଭାପତି, ଉପଖଣ୍ଡ ପୁଲିସ ଅଧିକାରୀ କାର୍ଯ୍ୟକାରୀ ସଭାପତି, କେଶବ ଭୂତିଆ ଓ ପ୍ରଭାତ କୁମାର ପଟ୍ଟନାୟକ ଉପସଭାପତି, ଜିତେନ୍ଦ୍ର କୁମାର ଦାସ ସାଧାରଣ ସମ୍ପାଦକ, ପ୍ରିୟଦର୍ଶୀ ରିଶିକେଶ ସାହୁ କୋଷାଧକ୍ଷ, ଦୟାସାଗର ମିଶ୍ର ଅଡିଟର ଓ ଯୁଗ୍ମ ସମ୍ପାଦକ ଭାବେ ନାରାୟଣ ସେଠୀ, ବିଶ୍ୱରଞ୍ଜନ ତୁଙ୍ଗ ସାମନ୍ତ, ମନୋରଞ୍ଜନ ଦାସ ଓ ମନୋରଞ୍ଜନ ଭୂତିଆ ନିର୍ବାଚିତ ହୋଇଛନ୍ତି । ଉପଜିଲ୍ଲାପାଳଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଡେପୁଟି କଲେକ୍ଟର ଧର୍ମେନ୍ଦ୍ର ଶତପଥୀ ଓ



ନିର୍ବାଚନ ଅଧିକାରୀ ଭାବେ ଡ. ରଶ୍ମିରଞ୍ଜନ ମିଶ୍ର ନିର୍ବାଚନ ପରିଚାଳନା କରିଥିଲେ । ଏହି ନିର୍ବାଚନରେ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲା ବେଳେ ଆଇନ୍ ଶୃଙ୍ଖଳା ଦୃଷ୍ଟିରୁ ପୁଲିସ ଉପସ୍ଥିତ ଥିଲେ । ବିଭିନ୍ନ ଗଣେଶ ପୂଜା କମିଟିର ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ ।

# ନିଯୁକ୍ତି ପାଇଁ ଜାଲ ସାର୍ଟିଫିକେଟ, ଜିଲାପାଳଙ୍କ ନିର୍ଦ୍ଦେଶରେ ଯାଂଚ ଆରମ୍ଭ

ଖଇରା(ନି.ପ୍ର.)ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ହରିପୁର ପ୍ରାଣି ଚିକିତ୍ସାକେନ୍ଦ୍ରରେ କାର୍ଯ୍ୟରତ ପ୍ରାଣିଧନ ନିରିକ୍ଷକ କମଳାକାନ୍ତ ମଲ୍ଲିକ ଜାଲ ସାର୍ଟିଫିକେଟ ଦେଇ ଚାକିରି ହାତେଇଥିବା ସୂଚନା ଅଧିକାରରେ ତଥ୍ୟ ହସ୍ତଗତ ହୋଇଛି । ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଜିଲାପାଳ ଯା□ ଆରମ୍ଭ କରିଛନ୍ତି । ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଅନୁଯାୟୀ ଶ୍ରୀ ମଲ୍ଲିକ ୨୦୧୦ ମସିହାରେ ପ୍ରାଣିଧନ ନିରିକ୍ଷକ ଚାକିରିରେ ଯୋଗଦାନ କରିଥିବା ବେଳେ ଯୋଗଦାନ ବେଳେ ଦେଇଥିବା ନକଲି ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଓ ମ୍ୟାଟ୍ରିକ ସାର୍ଟିଫିକେଟରେ ବୟସର ତାଳମେଳ ରହିନଥିବାରୁ ଅଧିକାଂଶ ସାର୍ଟିଫିକେଟ ଜାଲ କରାଯାଇଥିବା ସମ୍ପର୍କରେ ସୁଚିତ କରୁଛି । ସେ ନିଯୁକ୍ତି ବେଳେ ଦେଇଥିବା ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର କେସ ନମ୍ବର ୩୦୦୯/୧୦ଟି ପ୍ରକୃତରେ ବ୍ରହ୍ମଚାରୀ ଗ୍ରାମର ସଂଯୁକ୍ତା ବିଶ୍ୱାଳଙ୍କ ନାମରେ ଇସ୍ୟୁ କରାଯାଇଥିବା ନେଇ ଜଣାପଡିଛି । ସେହିଭଳି ପ୍ରଥମେ ସେ ୨୦୦୦ ମସିହାରେ ରାଇରାମଚନ୍ଦ୍ରପୁର ହାଇସ୍କୁଲରେ ମ୍ୟାଟ୍ରିକ ପରୀକ୍ଷା ଦେଇ ଫେଲ ହୋଇଥିବା ବେଳେ ସ୍କୁଲ ରେକର୍ଡରେ ତାଙ୍କର ବୟସ ୩ ଏପ୍ରିଲ ୧୯୮୪ ଉଲ୍ଲେଖ ଅଛି । ପରବ□ୀ ସମୟରେ ସେ ୨୦୦୩ ମସିହାରେ ମଙ୍ଗଳପଡା ହାଇସ୍କୁଲରୁ ପୁନର୍ବାର ମ୍ୟାଟ୍ରିକ ପରୀକ୍ଷା ଦେଇ ହାସଲ କରିଥିବା ପ୍ରମାଣପତ୍ରରେ ବୟସ ୨୪ସେପ୍ଟେମ୍ବର ୧୯୮୮ ଲିପିବଦ୍ଧ ରହିଛି । ୨ଟି ପ୍ରମାଣପତ୍ରରେ ଭିନ୍ନ ଭିନ୍ନ ବୟସ ଉଲ୍ଲେଖ ରହିଥିବା ବେଳେ ଏହା ଚାକିରି ପାଇଁ ଏପଟସେପଟ କରାଯାଇଥିବା ଅଭିଯୋଗ ହୋଇଛି । ସଂପୃକ୍ତ ତଥ୍ୟ ଆଧାରରେ କାର୍ଯ୍ୟାନୁଷ୍ଠାନ ପାଇଁ ନୁଆଗାଁବଡ ଗ୍ରାମର ଉଦୟ କୁମାର ବାରିକ ଉଚ୍ଚ ଅଦାଲତରେ ଆଶ୍ରୟ ନେବା ପରେ ଅଦାଲତ କେଶ ନମ୍ବର (ଡବ୍ଲୁପି(ସି)୩୩୫୨୩/୨୩)ବିଚାରକୁ ନେଇ ଉକ୍ତ ଘଟଣାରେ ସମସ୍ତ ପ୍ରମାଣପତ୍ରର ଯା□ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଆଦେଶ କ୍ରମେ ଜିଲାପାଳ ଜିଲା ଶିକ୍ଷାଧିକାରୀଙ୍କ ଜରିଆରେ ସାର୍ଟିଫିକେଟ ଯା□ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ପର୍କରେ କମଳାକାନ୍ତ ବିଶ୍ୱାଳଙ୍କ ପ୍ରତିକ୍ରିୟା ନେବାରେ କେବଳ ବାସିନ୍ଦା ପ୍ରମାଣପତ୍ରରେ କିଛି ତୃଟିଥିଲା । ପରବ□ୀ ସମୟରେ ଏହାକୁ ସଂଶୋଧନ କରାଯାଇଥିବା ସ୍ୱିକାର କରିଛନ୍ତି । ଘଟଣାର ଆବଶ୍ୟକ ଯାଂଚ□ କରି ସତ୍ୟାସତ୍ୟ ଉନ୍ମୋଚନ କରିବାକୁ ସାଧାରଣରେ ଦାବି ହୋଇଛି ।

# ତିନି ଦିନିଆ ରାଜ୍ୟସ୍ତରୀୟ ଲୋକନାଟକ ମହୋତ୍ସବ ଉଦ୍‌ଯାପିତ

ବ୍ରହ୍ମପୁର(ନି.ପ୍ର.): ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ, ଭୁବନେଶ୍ୱର, ଜିଲ୍ଲା ପ୍ରଶାସନ, ସଂସ୍କାର ଭାରତୀ,ଓଡ଼ିଶା ପ୍ରଦେଶ ଏବଂ ଓଡ଼ିଶା ନାଟକ ସମାରୋହ ସମିତି,ବ୍ରହ୍ମପୁରର ମିଳିତ ସହଯୋଗରେ ରାଜ୍ୟସ୍ତରୀୟ ଲୋକନାଟକ ମହୋତ୍ସବ 'ଲୋକରଞ୍ଜନୀ' ଓଡ଼ିଶା ସରକାରଙ୍କ ତରଫରୁ ' ବିଜୁ ପଟ୍ଟନାୟକ ସଂସ୍କୃତି ଭବନ' ,ବ୍ରହ୍ମପୁର ଠାରେ ତିନିଦିନ ଧରି ମହାସମାରୋହରେ ଆୟୋଜିତ ହୋଇଯାଇଛି । ଏକାଡ଼େମୀ ତରଫରୁ ସଂସ୍କାର ଭାରତୀ ଓ ଓଡ଼ିଶା ନାଟକ ସମାରୋହ ସମିତି,ବ୍ରହ୍ମପୁର ଦ୍ୱାରା ଆୟୋଜିତ ଏହି ଲୋକ ନାଟକ ମହୋତ୍ସବର ଅନ୍ତିମ ରଜନୀରେ ରେ ଜଗତସିଂହପୁର ବାଣୀ କ୍ଷେତ୍ର ନାଟ୍ୟ ପରିଷଦ ତରଫରୁ ଗୀତିନାଟ୍ୟ, ଗଞ୍ଜାମ ଶ୍ରୀ ଶ୍ରୀ ମା ଦ୍ୱୈ ନାଟ୍ୟ କଳା ସଂସଦ ତରଫରୁ ଭାରତ ଲୀଳା ଓ ଗଜପତି ସଙ୍କଟ ତାରିଣୀ ନାଟ୍ୟ କଳା ସଂସଦ ତରଫରୁ ଭୂତକେଳି ପରିବେଷଣ କରାଯାଇଥିବା ବେଳେ ଦର୍ଶକ ମାନେ ଉତ୍ସାହର ସହ ଉପଭଗ କରିଥିଲେ ।ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ର




ସଚିବ ଡ଼. ଚନ୍ଦ୍ର ଶେଖର ହୋତା ଙ୍କ ପରାମର୍ଶ କ୍ରମେ ଏପରି ମହୋତ୍ସବ ପରିଚାଳିତ ହେଉଅଛି । ଏହି କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ରୂପେ , ଆସିକା ବିଜ୍ଞାନ ମହାବିଦ୍ୟାଳୟ ର ପୂର୍ବତନ ଅଧକ୍ଷ ଡ଼ ଜୀବାନନ୍ଦ ତ୍ରିପାଠୀ, ସହକାରୀ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅଦିତୀ ଆଚାର୍ଯ୍ୟ ଓଡ଼ିଶା ନାଟକ ସମାରୋହ ସମିତି ସାଧାରଣ ସମ୍ପାଦକ ଶ୍ରୀ ନାରାୟଣ ମହାଙ୍କୁଡ , ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ଶ୍ରୀ ଗଦାଧର ବାରିକ , ସଂସ୍କାର ଭାରତୀ ଓଡିଶା ପ୍ରଦେଶ ସଂଯୋଜକ ଶ୍ରୀ ନିରଞ୍ଜନ ପଣ୍ଡା ପ୍ରମୁଖ ଯୋଗ ଦେଇ ବ୍ରହ୍ମପୁରରେ ପ୍ରଥମ ଥର ଏପରି ଲୋକ କଳା ମହୋତ୍ସବ ଆୟୋଜନ କରାଯାଇଥିବାରୁ ଆୟୋଜକ ମାନଙ୍କୁ ଭୂୟସୀ ପ୍ରଶଂସା କରିବା ସହ ଏପରି ମହୋତ୍ସବ ଦ୍ୱାରା ଲୋକ କଳାର ବିକାଶ ହୋଇପାରୁଥିବା କହିଥିଲେ । ଏହି କାର୍ଯ୍ୟକ୍ରମକୁ ସଭପତି ଅନୀଲ କୁମାର ପାତ୍ର ପୂର୍ଣ୍ଣ ସହୋଜଗ ତଥା ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘର କାର୍ଯ୍ୟକାରି ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, କୈଳାଶ ପାଣିଗ୍ରାହୀ, କାର୍ତିକ ପାଣିଗ୍ରାହି , ଆରତୀ ପାତ୍ର, କୁନି ପଣ୍ଡା, ହରିଶ୍ଚନ୍ଦ୍ର ବରାଡ , ମୃତାଞ୍ଜୟ ତ୍ରିପାଠୀ , ଜୟନ୍ତୀ ମିଶ୍ର , ଅଭିରାମ ରାଉଳ , ବଳଦେବ ସାହୁ, କୃଷ୍ଣ ପଣ୍ଡା,ସରୋଜ ପଣ୍ଡା, ଅଶୋକ ପାତ୍ର ,ସୁନୀଲ ସ୍ୱାଇଁ, ସୁଦୀପ କୁମାର୍ ସାହୁ , ମିହିର ପାଣିଗ୍ରାହି, ବିନାୟକ ହୋତା ସତ୍ୟ ଦାସ ଙ୍କ ସମେତ ବହୁ କଳାପ୍ରେମୀ ଓ କର୍ମକର୍ତା ଏଠାରେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ କୁ ଶ୍ରୀ ଶିବାନନ୍ଦ ବାରିକ ମଂଚ ପରିଚାଳନା କରିଥିଲେ । ସମସ୍ତ ଅତିଥି ଓ କଳାକାର ମାନଙ୍କୁ ଏଠାରେ ସମ୍ମାନିତ କରାଯାଇଥିଲା ।

# ବର୍ଷାପାଣିରେ ଭାଙ୍ଗିଲା ଗାର୍ଡୱାଲ, ପରିଦର୍ଶନ କଲେ ପୂର୍ବତନ ବିଧାୟକ ସୁକାନ୍ତ

ନୀଳଗିରି, (ନି.ପ୍ର):ଲଗାଣ ବର୍ଷା ହେବାରୁ ଅତ୍ୟଧିକ ବନ୍ୟା ଜଳ ପ୍ରବାହିତ ହେଉଛି ।ଗ୍ରାମରେ ଥିବା ତେଲିପାଳ-ନୂଆ ସାହି ନାଳ ରେ ଗାର୍ଡୱାଲ ଭାଙ୍ଗି ଯାଇଛି । ସୂଚନା ଯୋଗ୍ୟ ୧୯ ନମ୍ବର ରାଜ୍ୟ ରାଜପଥ ଶେରଗଡ଼-ନୀଳଗିରି- ଝରଣାଘାଟି ରାସ୍ତା କୁ ଲାଗି ତେଲିପାଳ ଛକ ରୁ ନୂଆସାହି ଗ୍ରାମକୁ ଯାଇଥିବା କଂକ୍ରିଟ ରସ୍ତା ପାର୍ଶ୍ୱ ରେ ଥିବା ଏକ ଗାର୍ଡ ୱାଲ ଭାଙ୍ଗି ଯାଇଛି । ଗାର୍ଡୱାଲ ଭାଙ୍ଗିବା ଦ୍ୱାରା ବନ୍ୟାଜଳ ପ୍ରବେଶ କରି ଗ୍ରାମର ଅକ୍ଷୟ ମାଝୀ, ବ୍ରଜକିଶୋର ମୁର୍ମୁ,ଚନ୍ଦ୍ରମୋହନ ମାଝୀ, କାନ୍ଦନ ମାଝୀ , ହରିହର ମାଝୀ , ଅନନ୍ତ ମାଝୀ , ଗଜେନ୍ଦ୍ର ମାଝୀ , ଦେବେନ୍ଦ୍ର ମାଝୀ , ବିଜୟ ମାଝୀ ,ଫାଲ୍ଗୁନ ମାଝୀ ଙ୍କ ଘର ଭାଙ୍ଗିବା ସହିତ ଉକ୍ତ ପରିବାର ଜୀବନ ଯାପନ କରିବା ଦୟନୀୟ ଅବସ୍ଥାରେ ରହିଛନ୍ତି ।ଖବର ପାଇ ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ, ପୂର୍ବତନ ବିଜେଡି ବ୍ଲକ ସଭାପତି ଗଙ୍ଗାଧର ମିଶ୍ର, ବଣସୀମା ଯୁବନେତା ଉପେନ୍ଦ୍ର ଦାସ, ସରପଂଚ ବାହାମଣି ମାରାଣ୍ଡି ପ୍ରମୁଖ ଉକ୍ତ ସ୍ଥାନ ପରିଦର୍ଶନ କରି ପ୍ରଶାସନ ଅବଗତ କରାଇବା ସହ ତୁରନ୍ତ ଗାଡ଼ୱାଲ ନିର୍ମାଣ ପାଇଁ ଦାବୀ କରିଛନ୍ତି ।

# ଝାରସୁଗୁଡ଼ା ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସମୂହ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ଝାରସୁଗୁଡ଼ା(ନି.ପ୍ର.): ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସମୂହ ତଥା ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଏକ ଜିଲ୍ଲା ସ୍ତରୀୟ କାର୍ଯ୍ୟକାରିଣୀ ସମିତି ବୈଠକ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ଝାରସୁଗୁଡ଼ା ବିଦ୍ୟାଳୟ କ୍ରୀଡ଼ା ସମୂହ ସଭାପତି ତଥା ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗର୍ତିଆ ଅଧକ୍ଷତା କରିଥିଲେ । ଏଥିରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରବୀନ୍ଦ୍ର ମାଝୀ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଶାନ୍ତ ବେହେରା, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିଲ କୁମାର ପଟେଲ, କିର୍ମିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନାରାୟଣ ପଣ୍ଡା, ଲଇକେରା ଗୋଷ୍ଠୀ ଶିକ୍ଷା ଅଧିକାରୀ ହିମାଂଶୁ ବାଗ, କୋଲାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ, ସରକାରୀ ଉଚ୍ଚ ବିଦ୍ୟାଳୟ ଝାରସୁଗୁଡ଼ାର ପ୍ରଧାନ ଶିକ୍ଷୟତ୍ରୀ ତନ୍ମୟୀ ଶୁଭଶ୍ରୀ ପିଙ୍ଗ, ପିଏମ୍ ଶ୍ରୀ ଜିଏଲ୍ ଉଚ୍ଚ ବିଦ୍ୟାଳୟ ବେଲପାହାଡ଼ର ପ୍ରଧାନ ଶିକ୍ଷକ ସଚିନ୍ଦ୍ର ପଟେଲ ଏବଂ ସମସ୍ତ ବ୍ଲକ କ୍ରୀଡ଼ା ସମ୍ପାଦକ ଉପସ୍ଥିତ ଥିଲେ ।ପ୍ରାରମ୍ଭରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶ୍ରୀ ବେହେରା ବିଗତ ବର୍ଷର ବିବରଣୀ ପାଠ କରିବା ସହ ଚଳିତ ବର୍ଷର ଜୋନ୍, ବ୍ଲକ୍ ଏବଂ ଜିଲ୍ଲା ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାକୁ ସୁଚାରୁ ରୂପେ ଆୟୋଜନ କରିବା ପାଇଁ ବାର୍ଷିକ କାର୍ଯ୍ୟ ଯୋଜନା ଉପସ୍ଥାପନ କରିଥିଲେ । ସମସ୍ତ କାର୍ଯ୍ୟକାରିଣୀ ସଭ୍ୟଙ୍କ ସର୍ବସମ୍ମତି କ୍ରମେ ସଭାପତି ତଥା ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଗର୍ତିଆ ଏହି କାର୍ଯ୍ୟପନ୍ଥାକୁ ଅନୁମୋଦନ କରିଥିଲେ ।ଜିଲ୍ଲାର ଛାତ୍ରଛାତ୍ରୀମାନେ କିପରି ଉନ୍ନତମାନର ପ୍ରଦର୍ଶନ କରି ରାଜ୍ୟ ତଥା ଜାତୀୟ ସ୍ତରରେ ନିଜର ପ୍ରତିଭା ବିକଶିତ କରିପାରିବେ, ସେଥିପ୍ରତି ସମସ୍ତେ ଯତ୍ନବାନ ହେବାକୁ ଶ୍ରୀ ଗର୍ତିଆ ଆହ୍ୱାନ ଦେଇଥିଲେ । ଏଥିସହ ଜିଲ୍ଲା କ୍ରୀଡ଼ା ସମୂହ ତରଫରୁ ସମସ୍ତ ଆବଶ୍ୟକୀୟ ସହଯୋଗ ଓ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ?କାର୍ଯ୍ୟକ୍ରମ ଶେଷରେ ଲଖନପୁର ବ୍ଲକ୍ ସମ୍ପାଦକ ଅନିରୁଦ୍ଧ ପ୍ରଧାନ ମଂଚ ପରିଚାଳନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆକସ୍ମିକ ଭାବେ ଜିଲ୍ଲାପାଳଙ୍କ ବିଭିନ୍ନ ଚାଉଳ ଗୋଦାମ ପରିଦର୍ଶନ

ଝାରସୁଗୁଡ଼ା,(ନି.ପ୍ର.) ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ ବଡ଼ମାଲସ୍ଥିତ ଓଡ଼ିଶା ରାଜ୍ୟ ୱେୟାରହାଉସିଂ କର୍ପୋରେସନ ଚାଉଳ ଗୋଦାମ ଏବଂ ବମ୍ବେ ଛକ ନିକଟସ୍ଥ ଭାରତୀୟ ଖାଦ୍ୟ ନିଗମ ଗୋଦାମକୁ ଅଚାନକ ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେ ଗୋଦାମଗୁଡ଼ିକରେ ଖାଦ୍ୟଶସ୍ୟର ମହଜୁଦ ସ୍ଥିତି, ରକ୍ଷଣାବେକ୍ଷଣ ତଥା ଯୋଗାଣ ପ୍ରକ୍ରିୟାର ସବିଶେଷ ସମୀକ୍ଷା କରିଥିଲେ । ପରିଦର୍ଶନ କାଳରେ ଜିଲ୍ଲାପାଳ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା



ଏବଂ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଅଧୀନରେ ଜୁଲାଇ ଓ ଅଗଷ୍ଟ ମାସ ପାଇଁ ଧାର୍ଯ୍ୟ ହୋଇଥିବା ଚାଉଳ ଉଠାଣ ଏବଂ ବ[ନ ପ୍ରକ୍ରିୟାକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କୌଣସି ବି ଯୋଗ୍ୟ ହିତାଧିକାରୀ ଯେପରି ଉପଯୁକ୍ତ ସମୟରେ ଚାଉଳ ପାଇବାରୁ ବଂଚିତ ନହୁଅନ୍ତି, ସେଥିପ୍ରତି ସତର୍କ ଦୃଷ୍ଟି ରଖିବାକୁ ସେ ତାଗିଦ୍ କରିଥିଲେ । ଏଥିସହ ନିୟମ ଉଲ୍ଲଂଘନ କିମ୍ବା କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।ଜିଲ୍ଲାପାଳଙ୍କ ଏହି ପରିଦର୍ଶନ ସମୟରେ ଭାରପ୍ରାପ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ପୀତାମ୍ବର ସେଠୀ, ପ୍ରୋକ୍ୟୁରମେ[ ଇନ୍ସପେକ୍ଟର, ଏଲ୍-୨ ପରିବହନ ଠିକାଦାର ଏବଂ ସମ୍ପୃକ୍ତ ବିଭାଗର ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଘରୁ ସୁନା,ରୂପା ଗହଣା ଓ ଟଙ୍କା ଚୋରି ଅଭିଯୋଗ

ନୀଳଗିରି, (ନି.ପ୍ର)ନୀଳଗିରି ଏନ୍.ଏ.ସି. ୨ନଂ ୱାର୍ଡ ଘାଟଘର ସାହିର ୰ହାଡିବନ୍ଧୁ ରାଉତ୍ ଙ୍କ ପୁଅ ଗଣେଶ୍ୱର ରାଉତ୍ ଙ୍କ ଏକ ମହଲା ଘରୁ କେହି ଦୃର୍ବୃତ ମାନେ ଗୁରୁବାର ଅପରାହ୍ନରେ ୪ଘଟିକା ସମୟରେ ଲକ୍ଷ୍ୟାଧିକ ଟଙ୍କାର ସୁନାଗହଣା ସମେତ ନଗଦ ୭୦,୦୦୦/- ଟଙ୍କା ଚୋରି କରି ନେଇଥିବା ସୁଚନା ମିଳିଛି । ଘଟଣା ସ୍ଥଳରେ ନୀଳଗିରି ପୋଲିସ ପହଂଚି ଅଧିକ ତଦନ୍ତ କରୁଛି । ଗଣେଶ୍ୱର ତାଙ୍କ ପରିବାର ସହ ଏକ ସୁଧି କ୍ରିୟା କାର୍ଯ୍ୟକ୍ରମ ନେଇ ଆଜି ଗୋହିରା ଗ୍ରାମକୁ ଯାଇ ଅପରାହ୍ନ ରେ ସମୟରେ ଘରକୁ ଫେରିବା ପରେ ଚୋରି ହୋଇଥିବା ଦେଖିଥିଲେ । ଏନେଇ ନୀଳଗିରି ପୋଲିସକୁ ଅବଗତ କଲାପରେ ନୀଳଗିରି ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ କରିବା ସହ ଏକ ମାମଲା ରୁଜୁ କରି ଆସନ୍ତା କାଲି ସାଇ[ଫିକ ଟିମ୍ ଘଟଣା ର ତଦନ୍ତ ହେବ ପୋଲିସ ପକ୍ଷରୁ ସୁଚନା ମିଳିଛି ।

# ଶ୍ୱଶୁରଙ୍କ ଅସ୍ଥି ବିସର୍ଜନ କରି ଟ୍ରେନ୍‌ରେ ଫେରୁଥିବା ବେଳେ ଖସିପଡ଼ି ଜ୍ୱାଇଁର ମୃତ୍ୟୁ

ସୋର,(ନି.ପ୍ର.) ସୋର ବ୍ଲକ ମହୁମୁହାଣ ପଂଚାୟତ ଆଙ୍ଗୁଲା ଗ୍ରମାର ଜଣେ ଯୁବକ ନିଜ ଶ୍ୱଶୁରଙ୍କ ଗଙ୍ଗାସ୍ତି କରିବାକୁ ଯାଇ ଟ୍ରେନରେ ଫେରୁଥିବା ବେଳେ ଖସିପଡ଼ି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି । ଏହି ଗ୍ରାମର କୈଳାସ ଚନ୍ଦ୍ର ବେହେରାଙ୍କ ପୁତ୍ର କରୁଣାକର ବେହେରା ତାଙ୍କ ଶ୍ୱଶୁର ସୋର ବ୍ଲକ ଥାନେଶ୍ୱର ଗ୍ରାମର ଶ୍ରୀଧର ବେହେରାଙ୍କ ଦଶାହରେ କଲକତାରେ ଗଂଗାରେ ଅସ୍ଥି ବିଷର୍ଜନ କରିବାକୁ ଯାଇ ଗତ ୧୩ ତାରିଖ ଦିନ ବାଘାଯତୀନ ଟ୍ରେନରେ ଫେରୁଥିବା ବେଳେ ରୁପ୍ ?ସା ନିକଟରେ ଟ୍ରେନରୁ ଖସିପଡ଼ିଥିଲେ । ତାଙ୍କୁ ଆପିଏଫ ଜବାନମାନେ ଉଦ୍ଧାର କରି ବାଲେଶ୍ୱର ଡାକ୍ତରଖାନାରେ ଭର୍ତି କରିଥିଲେ । ସଂପଟାପନ୍ନ ଥିବାରେ ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଗତକାଲି ରାତିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ଆଜି ତାଙ୍କର ମୃତଦେହକୁ ନିଜ ଗ୍ରାମକୁ ଅଣାଯାଇ ଶୋକାକୁନ ପରିବେଶରେ ସତ୍କାର କରାଯାଇଛି । ତାଙ୍କର ଦୁଇଟି ସାନ ସାନ ପୁଅ ଝିଅ ଅଛନ୍ତି ।

# ଝାରସୁଗୁଡ଼ା-କନକତୋରା ରାସ୍ତା ପ୍ରଶସ୍ତୀକରଣ

## ଜନ ଉପଯୋଗୀ ସେବା ସ୍ଥାନାନ୍ତର ନେଇ ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ

ଝାରସୁଗୁଡ଼ା(ନି.ପ୍ର.) ଝାରସୁଗୁଡ଼ାଠାରୁ କନକତୋରା ପର୍ଯ୍ୟନ୍ତ ପ୍ରସ୍ତାବିତ ୪ ଲେନ୍ ବିଶିଷ୍ଟ ରାସ୍ତା ପ୍ରଶସ୍ତୀକରଣ ପ୍ରକଳ୍ପ ଅଧୀନରେ ଆସୁଥିବା ସମସ୍ତ ଜନ ଉପଯୋଗୀ ସେବା (ପବ୍ଲିକ ୟୁଟିଲିଟି) ଗୁଡ଼ିକର ସ୍ଥାନାନ୍ତରଣ ପ୍ରକ୍ରିୟା ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଝାରସୁଗୁଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଜମି ଅଧିଗ୍ରହଣ ଅଧିକାରୀ ଶ୍ରୀ ବିନୟ ପଟେଲ ଉପସ୍ଥିତ ରହି ଅଧିଗ୍ରହଣ ପ୍ରକ୍ରିୟା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଏଥିସହ ଭାରତୀୟ




ଜାତୀୟ ରାଜପଥ ପ୍ରାଧିକରଣର ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ପଦାଧିକାରୀ, ଗେଲ୍ ଇଣ୍ଡିଆ ଲିମିଟେଡ୍, ପାୱାର ଗ୍ରୀଡ୍, ବିଏସଏନଏଲ, ଓପିଟିସିଏଲ ଏବଂ ଟିପିଡବ୍ଲୁଓଡିଏଲ ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ । ଅଧିଗ୍ରହଣ ହେବାକୁ ଥିବା ଅଂଚଳ ମଧ୍ୟରେ ଥିବା ବିଦ୍ୟୁତ ତାର, ଖୁ[, ଗ୍ୟାସ ଓ ପାନୀୟ ଜଳ ପାଇପଲାଇନ ଏବଂ ଟେଲିକମ୍ୟୁନିକେସନ କେବୁଲ ଆଦି ସ୍ଥାନାନ୍ତର ପାଇଁ ଆବଶ୍ୟକ ଖର୍ଚ୍ଚ ଆକଳନ (ଏଷ୍ଟିମେଟ) ଯଥାଶୀଘ୍ର ଦାଖଲ କରିବାକୁ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ସମ୍ପୃକ୍ତ ସଂସ୍ଥାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରକଳ୍ପ କାର୍ଯ୍ୟ ଯେପରି ନିର୍ଦ୍ଧାରିତ ସମୟ ମଧ୍ୟରେ ଓ ବିନା ବାଧାରେ ସୁରୁଖୁରୁରେ ଆଗେଇ ପାରିବ, ସେଥିପାଇଁ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି ସ୍ଥାନାନ୍ତର କାର୍ଯ୍ୟ ଶେଷ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ପିଆଇବି ଓ ସିବିସି ଭୁବନେଶ୍ୱରର ...

୧ମ ପୃଷ୍ଠାର ଅବଶିଷ୍ଟାଂଶ

ଓ ଉପଲବ୍ଧି ସମ୍ପର୍କରେ ଆଲୋକପାତ କରିବା ସହ ସରକାରଙ୍କ ବିଭିନ୍ନ ନୀତି, ଯୋଜନା, କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନାକୁ ଗଣମାଧ୍ୟମ ଏବଂ ଜନସାଧାରଣଙ୍କ ନିକଟରେ ପ୍ରଭାବଶାଳୀ ଭାବେ ପହଂଚାଇବାରେ ଉଭୟ ଅନୁଷ୍ଠାନର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିସହ ପିଆଇବି ଓ ସିବିସି ମଧ୍ୟରେ ଉତମ ସମନ୍ୱୟ ଓ ସହଯୋଗ ମାଧ୍ୟମରେ ଲୋକସମ୍ପର୍କ କାର୍ଯ୍ୟକଳାପକୁ ଆହୁରି ବ୍ୟାପକ ଓ ପ୍ରଭାବଶାଳୀ କରିବା ତଥା ଗଣମାଧ୍ୟମ ସହ ନିରନ୍ତର ଯୋଗାଯୋଗ ରଖିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଦୂରଦର୍ଶନ କେନ୍ଦ୍ର ଭୁବନେଶ୍ୱରର ଆଂଚଳିକ ସମ୍ବାଦ ବିଭାଗର ମୁଖ୍ୟ ତଥା ଉପ-ନିର୍ଦ୍ଦେଶକ ଶ୍ରୀ ଅଭିଷେକ ମିଶ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଆରଏନୟୁ ଭୁବନେଶ୍ୱରର ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା କରିଥିଲେ । ସିବିସି, ଭୁବନେଶ୍ୱର ସହକାରୀ ନିର୍ଦ୍ଦେଶକ ଶ୍ରୀ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲେ । ପିଆଇବି ଭୁବନେଶ୍ୱରର ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ଶ୍ରୀ ସ୍ୱାଧୀନ ଶକ୍ତି ପ୍ରସାଦ ବିଭାଗ ଦ୍ୱାରା ପରିଚାଳିତ ମୁଖ୍ୟ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ସେହିପରି, ସିବିସିର ପ୍ରଶାସନିକ ଅଧିକାରୀ ଶ୍ରୀ ବଳଦେବ ସିଂ ସଂସ୍ଥାର ପ୍ରମୁଖ ସଫଳତା ଓ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଏହାପରେ ସିବିସିର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ବୈଠକରେ ପିଆଇବି ଏବଂ ସିବିସିର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ଅଟୋ ଚାଳକଙ୍କ ବଦାନ୍ୟତା: ହଜିଯାଇଥିବା ମୋବାଇଲ ଫେରିପାଇଲେ ମହିଳା

ସୋର(ନି.ପ୍ର.) ସୋର ଥାନା ନଟାପଡା ଗ୍ରାମର ଯଦୁନାଥ ଧଡାଙ୍କ ଅଟୋ ରେ ଗତ ସୋମବାର ସକାଳ ସମୟରେ ଉତରେଶ୍ୱର ସ୍ଥିତ କସମୋ ବଜାର ନିକଟରୁ ଜଣେ ମହିଳାଙ୍କୁ ବାସୁଦେବପୁର ବ୍ଲକ୍ ଜଗନ୍ନାଥପୁର ଗ୍ରାମକୁ ଯିବା ପାଇଁ ଅଟୋରେ ଛାଡ଼ିଥିଲେ । ସମ୍ପୃକ୍ତ ମହିଳାଙ୍କୁ ଅଟୋରେ ତାଙ୍କର ଦାମୀ ମୋବାଇଲଟି ଛାଡ଼ିଯାଇଥିବା ଦେଖିବାକୁ ପାଇଥିଲେ । ଉକ୍ତ ମୋବାଇଲକୁ ସୋରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଦର୍ଶ ଯୁବ ପରିଷଦର ସଭାପତି ପୃଥିବୀ ରଞ୍ଜନ ବେହେରାଙ୍କୁ ପ୍ରଦାନ କରିବା ପରେ ସେ ସଂପୃକ୍ତ ମହିଳାଙ୍କୁ ଫେରାଇଥିବାରୁ ମହିଳା ଜଣକ ସଂଗଠନ ଓଅଟୋ ଚାଳକ ଶ୍ରୀ ଧଡ଼ାକୁ କୃତଜ୍ଞତା ଜଣାଇଥିଲେ ।

# ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ


ସୋର,(ନି.ପ୍ର.)ସୋର ପୌରପାଳିକା ଅନ୍ତର୍ଗତ ୧୮ ନମ୍ବର ୱାର୍ଡର ଚକବାରାହାପୂର୍ ଗ୍ରାମ ନିବାସୀ ସତ୍ୟନାରାୟଣ ଦାସଙ୍କର ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା । ସେ ନାନା ବିଧ ରୋଗରେ ଦୀର୍ଘ ଦିନ ଧରି ପୀଡ଼ିତ ଥିଲେ । ସେ ଜଣେ ଦୟାଳୁ, ଧର୍ମପରାୟଣ, ମିଷ୍ଟଭାଷୀ ସ୍ୱଭାବର ବ୍ୟକ୍ତି ଥିଲେ । ସରକାରୀ ଚାକିରିରୁ ଅବସର ନେବା ପରେ ସେ ନିଜ ଗ୍ରାମରେ ରହୁଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ସୋର ଅଂଚଳର ବହୁ ବିଶିଷ୍ଟବ୍ୟକ୍ତି ତାଙ୍କ ଘରେ ପହଂଚି ଶେଷ ଦର୍ଶନ କରିଥିଲେ । ଆଜି ଶୋକାକୋଳ ପରିବେଶରେ ତାଙ୍କର ମରଶରୀରକୁ ନିଜର ଗ୍ରାମକୁ ଅଣାଯାଇ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା । ଏକମାତ୍ର ପୁଅ ସ୍ୱରୂପ ଦାସ ମୁଖାଗ୍ନି ଦେଇଥିଲେ ।





## ଉତ୍ସାହ ଏବଂ ସ୍ଥିରତାର ଗୁରୁତ୍ୱ ଉପରେ ଆଲୋକପାତ କରି ସଂସ୍କୃତ ସୁଭାଷିତମ୍ ବାଂଟିଛନ୍ତି ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ସଂସ୍କୃତ ସୁଭାଷିତମ୍ ବାଂଟିଛନ୍ତି ଯେଉଁଥିରେ ଉଲ୍ଲେଖ କରାଯାଇଛି ଯେ ଜ୍ଞାନୀ ଏବଂ ଦୃଢ଼ ବ୍ୟକ୍ତିମାନେ ପ୍ରତିକୂଳତା ଏବଂ କଷ୍ଟକର ପରିସ୍ଥିତିରେ ମଧ୍ୟ ସେମାନଙ୍କର ଉତ୍ସାହ ହରାନ୍ତି ନାହିଁ । ପ୍ରଧାନମନ୍ତ୍ରୀ ଏକ ସଂସ୍କୃତ ସୁଭାଷିତମ୍ ବାଂଟିଛନ୍ତି- 'ଜ୍ଞାନୀମାନେ ଜରୁରୀକାଳୀନ ପରିସ୍ଥିତି ଏବଂ କଷ୍ଟକର ପରିସ୍ଥିତିରେ ମଧ୍ୟ ଉତ୍ସାହ ହରନ୍ତି ନାହିଁ । ଏପରି ତାଙ୍କ ଦ୍ୱାରା କୌଣସି ପ୍ରକାରେ ଦୃଢ଼ ବୁଦ୍ଧି ସହିତ ଜାଗ୍ରତ ହୁଅନ୍ତି' ସୁଭାଷିତମ୍ ଦର୍ଶାଏ ଯେ ସ୍ଥିର ଏବଂ ଦୃଢ଼ ମନ ଥିବା ଜ୍ଞାନୀ ଲୋକମାନେ ବୁଝନ୍ତି ଯେ ପ୍ରକୃତ ବୁଦ୍ଧିମାନ ଲୋକମାନେ କେବେବି ପ୍ରତିକୂଳତା ଏବଂ କଷ୍ଟକର ପରିସ୍ଥିତିରେ ମଧ୍ୟ ସେମାନଙ୍କର ଉତ୍ସାହ ହରାନ୍ତି ନାହିଁ ।



## ପ୍ରଧାନମନ୍ତ୍ରୀ ଫସଲ ବୀମା ପଞ୍ଜୀକରଣ ଅବଧି ଅଗଷ୍ଟ ୩୧ ଯାଏଁ ବୃଦ୍ଧି

ଭୁବନେଶ୍ୱର : ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ରେ ଖରିଫ୍ ଋତୁ ପାଇଁ ପଞ୍ଜୀକରଣ ଅବଧି ପୁନର୍ବାର ବୃଦ୍ଧି କରାଯାଇଛି । ଓଡ଼ିଶା ସରକାରଙ୍କ ସମବାୟ ବିଭାଗର ଅନୁରୋଧ କ୍ରମେ ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଖରିଫ ୨୦୨୬ ପାଇଁ ପଞ୍ଜୀକରଣ ଅବଧି ତାରିଖକୁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ପ୍ରାକୃତିକ ବିପର୍ଯ୍ୟୟ ଏବଂ ଅନ୍ୟାନ୍ୟ ଅନିଶ୍ଚିତତା ହେତୁ ହେଉଥିବା ଫସଲ ହାନିରୁ ସୁରକ୍ଷା ତଥା ଅଧିକରୁ ଅଧିକ ଯୋଗ୍ୟ ଚାଷୀଙ୍କୁ ଏହି ବୀମା ଯୋଜନାରେ ସାମିଲ କରିବା ଉଦ୍ଦେଶ୍ୟରେ ଏହି ତାରିଖକୁ ବୃଦ୍ଧି କରାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ବର୍ଦ୍ଧିତ ଅବଧିରେ ଫସଲ ବୀମା ପଞ୍ଜୀକରଣ ଗଞ୍ଜାମ, କଳାହାଣ୍ଡି, ପୁରୀ, ସୁବର୍ଣ୍ଣପୁର, ବରଗଡ଼, ଭଦ୍ରକ, ଗଜପତି, ଯାଜପୁର ଓ ଜଗତସିଂହପୁର ଜିଲ୍ଲାରେ କେବଳ ଋଣୀ ଚାଷୀମାନଙ୍କ ପାଇଁ ଉପଲବ୍ଧ ହେବ । ମାତ୍ର ଅବଶିଷ୍ଟ ଜିଲ୍ଲାଗୁଡ଼ିକରେ ଅନ୍ୟ ସମସ୍ତ ଯୋଗ୍ୟ ଚାଷୀଙ୍କ ପାଇଁ ବୀମା ପଞ୍ଜୀକରଣ ଉପଲବ୍ଧ ହେବ ।








# ରାଜୀବ ଗାନ୍ଧୀଙ୍କ ଜନ୍ମ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କୁ ତାଙ୍କ ଜୟନ୍ତୀ ଅବସରରେ ସ୍ମରଣ କରିଛନ୍ତି । ସେ ଏକ୍ସରେ ଲେଖିଛନ୍ତି,'ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀଙ୍କୁ ତାଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି । କଂଗ୍ରେସ ନେତା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ରାଜୀବ ଗାନ୍ଧୀଙ୍କ ସ୍ମାରକୀ ବୀର ଭୂମିରେ ପହଁ ତାଙ୍କ ପରିବାରକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଲୋକସଭା ବାଚସ୍ପତି ଏବଂ ପ୍ରତିରକ୍ଷା ମନ୍ତ୍ରୀ ମଧ୍ୟ ରାଜୀବ ଗାନ୍ଧୀଙ୍କୁ ସ୍ମରଣ କରିଥିଲେ । ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏବଂ ତାଙ୍କ ସ୍ୱାମୀ ରବର୍ଟ ଭଦ୍ରାଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ବୀର ଭୂମିରେ ରାଜୀବ ଗାନ୍ଧୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଲୋକସଭା ବାଚସ୍ପତି ଓମ ବିର୍ଲା ଏକ୍ସରେ ଲେଖିଛନ୍ତି, 'ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀ ଜୀଙ୍କୁ ତାଙ୍କ ଜନ୍ମ ବାର୍ଷିକୀରେ ହୃଦୟରୁ ଶ୍ରଦ୍ଧାଞ୍ଜଳି । 'ଏକ୍ସ 'ରେ ପ୍ରତିରକ୍ଷା ମନ୍ତ୍ରୀ, ଶ୍ରୀ ରାଜନାଥ୍ ସିଂହ ଲେଖିଛନ୍ତି,' ତାଙ୍କ ଜୟନ୍ତୀ



ଅବସରରେ, ମୁଁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଭାରତର ବିକାଶ ଯାତ୍ରାରେ ମଧ୍ୟ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି । ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀକୁ 'ସଦ୍ଭାବନା ଦିବସ 'ଭାବେ ପାଳନ କରାଯାଇଥାଏ । ସେ ୪୦ ବର୍ଷ ବୟସରେ ପ୍ରଧାନମନ୍ତ୍ରୀ ହୋଇଥିଲେ । ରାଜୀବ ଗାନ୍ଧୀ ୨୦ ଅଗଷ୍ଟ ୧୯୪୪ ରେ ବମ୍ବେ ରେ ଜନ୍ମଗ୍ରହଣ କରିଥିଲେ । ୧୯୮୪ ମସିହା ଅକ୍ଟୋବର ୩୧ ତାରିଖରେ ତାଙ୍କ ମାଆ ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ପରେ ସେ କଂଗ୍ରେସ ଅଧ୍ୟକ୍ଷ ଏବଂ ପରେ ପ୍ରଧାନମନ୍ତ୍ରୀ ହୋଇଥିଲେ । ରାଜୀବ ୧୯୮୪ରୁ ୧୯୮୯ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଥିଲେ ।

# ଉଚ୍ଚସ୍ତରୀୟ ଦ୍ୱିପାକ୍ଷିକ ଏବଂ ବ୍ୟବସାୟିକ ସମ୍ପର୍କ ମାଧ୍ୟମରେ ଭାରତ-ସିଙ୍ଗାପୁର ଆର୍ଥିକ ସହଭାଗୀତାକୁ ସୁଦୃଢ଼ କଲେ ମନ୍ତ୍ରୀ ପୀୟୁଷ ଗୋୟଲ

ନୂଆଦିଲ୍ଲୀ : କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ଶ୍ରୀ ପୀୟୁଷ ଗୋୟଲ ୨୦ ଅଗଷ୍ଟ ୨୦୨୬ ରେ ସିଙ୍ଗାପୁରରେ ଉଚ୍ଚସ୍ତରୀୟ ଦ୍ୱିପାକ୍ଷିକ ଏବଂ ବ୍ୟବସାୟିକ ସମ୍ପର୍କର ଏକ ଶୃଙ୍ଖଳା କରିଥିଲେ, ଯାହା ଦୀର୍ଘକାଳୀନ ଭାରତ-ସିଙ୍ଗାପୁର ଆର୍ଥିକ ସହଭାଗୀତାକୁ ସୁଦୃଢ଼ କରିଥିଲା ଏବଂ ବାଣିଜ୍ୟ, ନିବେଶ, ପ୍ରଯୁକ୍ତିବିଦ୍ୟା ଏବଂ ବ୍ୟବସାୟରେ ସହଯୋଗକୁ ଆଗକୁ ବଢାଇଥିଲା । ଶ୍ରୀ ଗୋୟଲ ଇସ୍ତାନାରେ ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଶ୍ରୀ ଲରେନ୍ସ ୱଙ୍ଗଙ୍କୁ ସାକ୍ଷାତ କରି ଦିନର ଆରମ୍ଭ କରିଥିଲେ । ଏହା ପରେ ସେ ହୋଟେଲ ଶାଙ୍ଗ୍ରି-ଲାରେ ଅନୁଷ୍ଠିତ ଚତୁର୍ଥ ଭାରତ-ସିଙ୍ଗାପୁର ମନ୍ତ୍ରୀସ୍ତରୀୟ ଗୋଲଟେବୁଲଏବଂ ଚତୁର୍ଥ ଭାରତ-ସିଙ୍ଗାପୁର ବ୍ୟବସାୟ ଗୋଲଟେବୁଲରେ ଅଂଶଗ୍ରହଣ କରିଥିଲେ । ଏହି ଗୋଲଟେବୁଲଗୁଡ଼ିକ ଦ୍ୱିପାକ୍ଷିକ ଆର୍ଥିକ ସମ୍ପର୍କକୁ ଆହୁରି ମଜବୁତ କରିବା ଏବଂ ପାରସ୍ପରିକ ଲାଭଦାୟକ ସହଯୋଗ ପାଇଁ ନୂତନ ରାସ୍ତା ଚିହ୍ନଟ କରିବା ପାଇଁ ଆଲୋଚନା କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିଥିଲା । ଗୋଲଟେବୁଲଗୁଡ଼ିକ ପରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ସମାରୋହ ଅନୁଷ୍ଠିତ ହୋଇଥିଲା । ଅପରାହ୍ଣରେ, ଶ୍ରୀ ଗୋୟଲ ବିଶ୍ୱ ବ୍ୟବସାୟ ଏବଂ ପ୍ରତିଷ୍ଠାନ ସମ୍ପ୍ରଦାୟର ବରିଷ୍ଠ ନେତାମାନଙ୍କ ସହିତ ସରକାର-



ବ୍ୟବସାୟ ବୈଠକର ଏକ ଶୃଙ୍ଖଳା ଆୟୋଜନ କରିଥିଲେ, ଯେଉଁଥିରେ ଗ୍ଲୋବାଲ୍ ଫାଇନାନ୍ସ ଆଣ୍ଡ୍ ଟେକ୍ନୋଲୋଜି ନେଟୱାର୍କ ଏବଂ କେପେଲ୍ ଇନଫ୍ରାଷ୍ଟ୍ରକ୍ଚର ଅନ୍ତର୍ଭୁକ୍ତ । କୃଷି-ରପ୍ତାନି, ଏଉଡ-ଆଧାରିତ ବାଣିଜ୍ୟିକ ପାର୍କ, ଫିନଟେକ୍ ଏବଂ ସ୍ଥାୟୀ ଇନଫ୍ରାଷ୍ଟ୍ରକ୍ଚର ସମେତ ଭାରତ-ସିଙ୍ଗାପୁର ସହଯୋଗକୁ ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଥିଲା । ଶ୍ରୀ ଗୋୟଲ ସିଙ୍ଗାପୁରର ବୈଦେଶିକ ବ୍ୟାପାର ଏବଂ ବାଣିଜ୍ୟ ଏବଂ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ସୁଶ୍ରୀ ଗାନ୍ ସିଓ ହୁଆଙ୍ଗଙ୍କ ସହିତ ସିଟି ସ୍କୋୟାର ମଲରେ ଏକ ଇଚରଉଇ-ଫେୟାରପ୍ରାଇସ୍ ପ୍ରୟାସ ମଧ୍ୟ ମିଳିତ ଭାବରେ ପରିଦର୍ଶନ କରିଥିଲେ । ଏହି ଆଲୋଚନା ଭାରତ ଏବଂ ସିଙ୍ଗାପୁର ମଧ୍ୟରେ ବୃଦ୍ଧି ପାଉଥିବା କୃଷି ବାଣିଜ୍ୟ ଏବଂ ବଜାର ସଂଯୋଗକୁ ଉଜ୍ଜ୍ୱଳିତ କରିଥିଲା । ସନ୍ଧ୍ୟାରେ, ଶ୍ରୀ ଗୋୟଲ ଓଘଝରଇଉ ଏସିଆ କ୍ୟାମ୍ପସରେ ଋଓଉଉଓ ଦ୍ୱାରା ଆୟୋଜିତ ଭାରତ-ସିଙ୍ଗାପୁର ବ୍ୟବସାୟ ଫୋରମରେ ଅଂଶଗ୍ରହଣ କରିଥିଲେ । ସେ 'ନୂତନ ବିଶ୍ୱ ଅଭିବୃଦ୍ଧି ସମୀକରଣରେ ଭାରତ: ଏସିଆ ଏବଂ ବିଶ୍ୱରେ ବ୍ୟବସାୟ ପାଇଁ ଅଭିବୃଦ୍ଧି ଏବଂ ସୁଯୋଗ' ଶୀର୍ଷକ ଏକ ଉତ୍ସାହଜନକ ଆଲୋଚନାରେ ମଧ୍ୟ ଅଂଶଗ୍ରହଣ କରିଥିଲେ, ଏବଂ ଏହା ପରେ ବ୍ୟବସାୟିକ ସମ୍ପ୍ରଦାୟର ସଦସ୍ୟମାନଙ୍କ ସହିତ ଏକ ପାରସ୍ପରିକ କ୍ରିୟାଶୀଳ ପ୍ରଶ୍ନୋତର ଅଧିବେଶନ ଅନୁଷ୍ଠିତ ହୋଇଥିଲା ।

## ଦ୍ରୁତ ଗତିରେ ସାମୁଦ୍ରିକ ସୁରକ୍ଷା ସହଯୋଗ ପାଇଁ ଭାରତ ଏବଂ ଜାପାନ ସହମତ

# ନୂଆଦିଲ୍ଲୀରେ ଜାପାନର ପ୍ରତିରକ୍ଷା ମନ୍ତ୍ରୀ ସିଞ୍ଜିରୋ କୋଇଜୁମିଙ୍କୁ ସ୍ୱାଗତ କଲେ ପ୍ରତିରକ୍ଷା ମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରତିରକ୍ଷା ମନ୍ତ୍ରୀ, ଶ୍ରୀ ରାଜନାଥ୍ ସିଂହ ଗୁରୁବାର ଦିନ ନୂଆଦିଲ୍ଲୀଠାରେ ଜାପାନର ପ୍ରତିରକ୍ଷା ମନ୍ତ୍ରୀ, ଶ୍ରୀ ସିଞ୍ଜିରୋ କୋଇଜୁମିଙ୍କୁ ସ୍ୱାଗତ କରିଥିଲେ ଏବଂ ତାଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ । 'ଜାପାନ-ଭାରତ ସ୍ୱତନ୍ତ୍ର ରଣନୈତିକ ଏବଂ ବିଶ୍ୱସ୍ତରୀୟ ଭାଗିଦାରୀ' ଅଧୀନରେ ପ୍ରତିରକ୍ଷା ସହଯୋଗକୁ ନିରନ୍ତର ସୁଦୃଢ଼ କରିବା ଲାଗି ଉଭୟ ଦେଶ ସ୍ୱାଗତ କରିଥିଲେ । ଦୁଇ ମନ୍ତ୍ରୀ ସେମାନଙ୍କ ନେତୃତ୍ୱରେ ଏକ ମୁକ୍ତ ଏବଂ ମୁକ୍ତ ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ପ୍ରତିରକ୍ଷା ସହଯୋଗକୁ ଆହୁରି ସୁଦୃଢ଼ କରିବା ଲାଗି ପ୍ରତିଶ୍ରୁତିବଦ୍ଧ ହୋଇଥିଲେ । ଦ୍ୱିପାକ୍ଷିକ ଆଲୋଚନା ରେ ମିଳିତ ବିବୃତିରେ କୁହାଯାଇଛି ଯେ ବିଶ୍ୱବ୍ୟାପୀ ଉତ୍ତେଜନା ବୃଦ୍ଧି ପାଉଥିବା ସମୟରେ ଦୁଇ ଦେଶ ମଧ୍ୟରେ ଆଂଚଳିକ ଏବଂ ଆନ୍ତର୍ଜାତୀୟ ସୁରକ୍ଷା ପରିବେଶର ମୂଲ୍ୟାଙ୍କନ ବାଂଟିବା ଆବଶ୍ୟକ । ନୌଚାଳନା ଏବଂ ଓଭରଫ୍ଲାଇଟର ସ୍ୱାଧୀନତା ଏବଂ ସୁରକ୍ଷାରେ ବାଧା ସୃଷ୍ଟି କରୁଥିବା କୌଣସି ଏକତରଫା କାର୍ଯ୍ୟାନୁଷ୍ଠାନ ତଥା ବଳପୂର୍ବକ କିମ୍ବା ଚା ଦ୍ୱାରା ବର୍ତ୍ତମାନର ସ୍ଥିତିକୁ ପରିବର୍ତ୍ତନ କରିବାର କୌଣସି ପ୍ରୟାସକୁ ସେମାନେ ଦୃଢ ଭାବରେ ବିରୋଧ କରିଥିଲେ । ଦୁଇ ମନ୍ତ୍ରୀ ସାମୁଦ୍ରିକ ସୁରକ୍ଷା ସହଯୋଗକୁ ସୁଦୃଢ଼ କରିବା ଲାଗି ନିଜର



ପ୍ରତିବଦ୍ଧତାକୁ ଦୋହରାଇଥିଲେ ଏବଂ ଜାପାନ ଓ ଭାରତର ପ୍ରତିରକ୍ଷା ମନ୍ତ୍ରଣାଳୟ ମଧ୍ୟରେ ସାମୁଦ୍ରିକ ସୁରକ୍ଷା ସହଯୋଗ ରାଜିନାମା ସ୍ୱାକ୍ଷର କରିଥିଲେ । ଏହି ସ୍ମାରକପତ୍ର ଦ୍ୱାରା ଦୁଇ ଦେଶ ମଧ୍ୟରେ ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଏକ ରୂପରେଖ ଉପଲବ୍ଧ ହେବ । ରଣନୈତିକ ଏବଂ ପରିଚାଳନାଗତ ଆବଶ୍ୟକତାକୁ ପୂରଣ କରୁଥିବା ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ସୁରକ୍ଷା ସହଯୋଗକୁ ତ୍ୱରାନ୍ୱିତ କରିବା ଲାଗି ଦୁଇ ମନ୍ତ୍ରୀ ସହମତ ହୋଇଥିଲେ । ଜାପାନର ବୈଷୟିକ ଦକ୍ଷତା ଏବଂ ଭାରତର ଉତ୍ପାଦନ ସାମର୍ଥ୍ୟର ଲାଭ ଉଠାଇ ନୌସେନା ଜାହାଜ ନିର୍ମାଣ ଏବଂ ଡିଜାଇନରେ ମିଳିତ ବିକାଶର ଅନ୍ୱେଷଣ କରିବା ଉଚିତ । ସେ ଏହା ମଧ୍ୟ କହିଥିଲେ ଯେ ଉଭୟ ପକ୍ଷ ପ୍ରତିରକ୍ଷା ଜାହାଜ ନିର୍ମାଣ ଏବଂ ଆନୁସଙ୍ଗିକ କ୍ଷେତ୍ରରେ ପରସ୍ପରର ସାମର୍ଥ୍ୟକୁ ଉପଯୋଗ କରିବା ଉଚିତ । ନିକଟ ଭବିଷ୍ୟତରେ ଜାହାଜ ମରାମତି ବ୍ୟବସ୍ଥା ସମ୍ପୂର୍ଣ୍ଣ କରିବା ସହିତ ଜାହାଜ ମରାମତି ସୁବିଧାର ପାରସ୍ପରିକ ବ୍ୟବସ୍ଥା ଜାରି ରଖିବାକୁ ମଧ୍ୟ ଦୁଇ ମନ୍ତ୍ରୀ ରାଜି ହୋଇଥିଲେ । ଜାପାନ-ଭାରତ ସେନା ସମରାଭ୍ୟାସ 'ଧର୍ମ ଗାର୍ଡିଆନ୍' ଏବଂ ଜାପାନ-ଭାରତ ସାମୁଦ୍ରିକ ସମରାଭ୍ୟାସ 'ଜେଏମ୍‌ଇଏକ୍ସ' ସମେତ ଜାପାନ ଏବଂ ଭାରତ ଦ୍ୱାରା ପରିଚାଳିତ ଦ୍ୱିପାକ୍ଷିକ ସମରାଭ୍ୟାସର ନିରନ୍ତର ସମ୍ପ୍ରସାରଣକୁ ଦୁଇ ମନ୍ତ୍ରୀ ସ୍ୱାଗତ କରିଥିଲେ । ଚଳିତ ବର୍ଷ ଦୁଇ ଦେଶର ବାୟୁସେନା ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା 'ଭାଲିଏଂଟ ଗାର୍ଡିଆନ୍' ପାଇଁ ସହଯୋଗର ନିରନ୍ତର ଅଗ୍ରଗତିକୁ ସେମାନେ ବିଶେଷ ଭାବେ ସ୍ୱାଗତ କରିଥିଲେ ।

# ଭୁବନେଶ୍ୱର ଏବଂ କଟକରେ ପରିମଳ ଓ ବନ୍ୟା ପ୍ରଶମନ ପଦକ୍ଷେପକୁ ତୀବ୍ରତର କରିବାକୁ ନିର୍ଦ୍ଦେଶ ଦେଲେ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର

ଭୁବନେଶ୍ୱର : ମାନ୍ୟବର ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଆଜି UNNATI ଭବନର ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଭୁବନେଶ୍ୱର ମହାନଗର ନିଗମଏବଂ କଟକ ମହାନଗର ନିଗମ ରେ ପରିମଳ, ଡ୍ରେନେଜ୍ ଏବଂ ସହରାଂଚଳ ବନ୍ୟା ପ୍ରଶମନ ପଦକ୍ଷେପ ସମ୍ପର୍କରେ ଏକ ବ୍ୟାପକ ସମୀକ୍ଷା ବୈଠକର ଅଧ୍ୟକ୍ଷତା କରିଛନ୍ତି । ରାଜ୍ୟର ଦୁଇଟି ପ୍ରମୁଖ ସହରାଂଚଳ କେନ୍ଦ୍ର ପାଇଁ ଏକ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ସ୍ଥିର କରି ମନ୍ତ୍ରୀ ଜାତୀୟ ସ୍ୱଚ୍ଛତା ରାଙ୍କିଙ୍ଗରେ ଶୀର୍ଷ ସ୍ଥାନ ପାଇଁ ପ୍ରୟାସ କରିବାକୁ BMC ଏବଂ କଗଉକୁ ଆହ୍ୱାନ କରିଛନ୍ତି । ଭୁବନେଶ୍ୱରର ବର୍ଗରେ ନବମ ସ୍ଥାନ ହାସଲ କରିବାର ପୂର୍ବ ସଫଳତାକୁ ଉଲ୍ଲେଖ କରି, ସେ ଉଭୟ ନଗରାଂଚଳ ସ୍ଥାନୀୟ ସଂସ୍ଥାକୁ ଏକ ମିଶନ-ମୋଡ୍ ଆଭିମୁଖ୍ୟ ଗ୍ରହଣ କରିବାକୁ ଏବଂ ଆଗାମୀ ଜାତୀୟ ସ୍ୱଚ୍ଛତା ମୂଲ୍ୟାଙ୍କନରେ ଭୁବନେଶ୍ୱର ଏବଂ କଟକକୁ ରାଙ୍କ ୧ ସହର ଭାବରେ ଉଭା ହେବା ନିଶ୍ଚିତ



କରିବା ପାଇଁ ପ୍ରୟାସକୁ ତୀବ୍ର କରିବାକୁ ଅନୁରୋଧ କରିଛନ୍ତି । ପ୍ରବଳ ବର୍ଷା ସମୟରେ ଜଳବନ୍ଦୀ ଏବଂ ସହରାଂଚଳ ବନ୍ୟାର ଚ୍ୟାଲେଞ୍ଜ ସମୀକ୍ଷା କରି, ଡକ୍ଟର ମହାପାତ୍ର ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ ଯାନ୍ତ୍ରିକ ଡ୍ରେନ୍ ସଫେଇ ଏବଂ ବ୍ୟବସ୍ଥିତ ଡିସଲିଟିଂକୁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ବିଭିନ୍ନ ସ୍ଥାନରେ ସଂକୀର୍ଣ୍ଣ ଡ୍ରେନ୍ ଏବଂ ୩-୪ ଫୁଟ ପର୍ଯ୍ୟନ୍ତ ଅତ୍ୟଧିକ ପଙ୍କ ଜମା ଚିହ୍ନଟ କରୁଥିବା ବିଶେଷଜ୍ଞଙ୍କ ମୂଲ୍ୟାଙ୍କନକୁ ଦୃଷ୍ଟିରେ ରଖି, ସେ ନିର୍ଦ୍ଦେଶ ଦେଇଥିଲେ ଯେ ବ୍ୟାପକ ଡ୍ରେନ୍ ସଫେଇ ପାଇଁ ଉଚ୍ଚ-ପ୍ରଯୁକ୍ତି ଯନ୍ତ୍ରପାତି ନିୟୋଜିତ କରାଯିବ ଏବଂ ଯଥେଷ୍ଟ ବହନ କ୍ଷମତା ବଜାୟ ରଖିବା ଏବଂ ଜଳବନ୍ଦୀକୁ ରୋକିବା ପାଇଁ ବର୍ଷକୁ ଅତି କମରେ ତିନି ଥର ପ୍ରମୁଖ ଡ୍ରେନ୍‌ଗୁଡ଼ିକୁ ଡିସଲିଟିଂ କରାଯିବ ।

# ଝାନ୍ସୀସ୍ଥିତ ସିଏମଏଲଆର ୱାର୍କସପ୍‌ର ଏନଏସଜି -୬ ଷ୍ଟେସନଗୁଡ଼ିକରେ ମଡ୍ୟୁଲାର ବାୟୋ-ଟଏଲେଟ୍ ଏକ ଅଭିନବ ପଦକ୍ଷେପ

ନୂଆଦିଲ୍ଲୀ : ଯାତ୍ରୀ ସୁବିଧା, ପରିମଳ ବ୍ୟବସ୍ଥା ଓ ଷ୍ଟେସନଗୁଡ଼ିକରେ ସ୍ୱଚ୍ଛତାକୁ ଆହୁରି ସୁଦୃଢ଼ କରିବା ଦିଗରେ ଭାରତୀୟ ରେଳବାଇର ନିରନ୍ତର ପ୍ରୟାସର ଅଂଶ ଭାବେ, ଝାନ୍ସୀସ୍ଥିତ CMLR ୱାର୍କସପ୍ ପକ୍ଷରୁ NSG-6 ବର୍ଗର ଷ୍ଟେସନଗୁଡ଼ିକରେ ମଡ୍ୟୁଲାର ବାୟୋ-ଟଏଲେଟ୍ ସ୍ଥାପନର ଏକ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି । CMLR ୱାର୍କସପ୍‌ର ନିଜସ୍ୱ କର୍ମଚାରୀମାନଙ୍କ ବୈଷୟିକ ଦକ୍ଷତା ଓ ଅଭିଜ୍ଞତାର ସଫଳ ଉପଯୋଗ କରି ମାତାଟିଲା, ବାସାଇ, ଜଖୋରା ଓ ଜିରୋନ୍ ଭଳି ଷ୍ଟେସନରେ ମଡ୍ୟୁଲାର ବାୟୋ-ଟଏଲେଟ୍ ସ୍ଥାପନ କରାଯାଇଛି । ଏଥିପାଇଁ କୋଚ୍‌ଗୁଡ଼ିକର ପିଓଏଚ୍ ମରାମତି ସମୟରେ ବାହାର କରାଯାଇଥିବା ବ୍ୟବହାରଯୋଗ୍ୟ ଉପାଦାନଗୁଡ଼ିକୁ ପରୀକ୍ଷଣ, ମରାମତି ଓ ନବୀକରଣ ପରେ ପୁନଃବ୍ୟବହାର



କରାଯାଇଛି । ଏହି ପଦକ୍ଷେପ ମାଧ୍ୟମରେ ପରିତ୍ୟକ୍ତ ହୋଇପାରୁଥିବା କୋଚ୍ ଉପାଦାନଗୁଡ଼ିକୁ ଉପଯୋଗୀ ସମ୍ପଦରେ ପରିଣତ କରାଯାଇଛି । ଫଳରେ ନୂତନ ସାମଗ୍ରୀ ଉପରେ ନିର୍ଭରଶୀଳତା ଓ ଖର୍ଚ୍ଚ ହ୍ରାସ ପାଇବା ସହିତ ସାମଗ୍ରୀ ଅପଚୟକୁ ମଧ୍ୟ କମାଇ ଦିଆଯାଇଛି । ବିଶେଷକରି ଯେଉଁ NSG-୬ ଷ୍ଟେସନଗୁଡ଼ିକରେ ପାରମ୍ପରିକ ଶୌଚାଳୟ ସୁବିଧା ସୀମିତ, ସେଠାରେ ଏହି ମଡ୍ୟୁଲାର ବାୟୋ-ଟଏଲେଟ୍ ଯାତ୍ରୀମାନଙ୍କୁ ସହଜ, ସ୍ୱଚ୍ଛ ଓ ଉନ୍ନତ ପରିମଳ ସୁବିଧା ପ୍ରଦାନ କରୁଛି । "ବର୍ଜ୍ୟରୁ ସମ୍ପଦ" ଧାରଣାକୁ ଆଧାର କରି ନିଆଯାଇଥିବା ଏହି ପଦକ୍ଷେପ କମ୍ ଖର୍ଚ୍ଚରେ ଯାତ୍ରୀ ସୁବିଧା ବୃଦ୍ଧି ସହିତ ଉପଲବ୍ଧ ରେଳ ସମ୍ପଦର ସର୍ବୋତମ ଉପଯୋଗର ଏକ ଉଲ୍ଲେଖନୀୟ ଉଦାହରଣ ପାଲଟିଛି । ୨. କୋଚ୍ ଉପାଦାନ ଗୁଡିକର ଅଭିନବ ପୁନଃବ୍ୟବହାର-ରେଳ କୋଚ୍‌ଗୁଡ଼ିକରୁ ମିଳୁଥିବା ବ୍ୟବହାରଯୋଗ୍ୟ ଉପାଦାନଗୁଡ଼ିକୁ ପରିତ୍ୟକ୍ତ ସାମଗ୍ରୀ ଭାବେ ନ ଦେଖି, ସେଗୁଡ଼ିକର ପୁନଃବ୍ୟବହାର ମାଧ୍ୟମରେ ନୂତନ ଯାତ୍ରୀ ସୁବିଧା ସୃଷ୍ଟି କରାଯାଇଛି । ଏଥିରେ ଫାଇବର୍ ରିଇନ୍‌ଫୋର୍ସ୍ଡ ପ୍ଲାଷ୍ଟିକ୍ ନିର୍ମିତ ଶୌଚାଳୟ ମଡ୍ୟୁଲ୍, ବାୟୋ-ଟ୍ୟାଙ୍କ୍, ପାଣି ଟ୍ୟାଙ୍କ୍ ସମେତ କୋଚ୍‌ରୁ ମିଳିଥିବା ବିଭିନ୍ନ ପୁନଃବ୍ୟବହାରଯୋଗ୍ୟ ଉପାଦାନ ଓ ସହାୟକ ସାମଗ୍ରୀ ବ୍ୟବହାର କରାଯାଇଛି ।

# ଅହମଦାବାଦର ଇନଷ୍ଟିଚ୍ୟୁଟ୍ ଅଫ୍ କିଡନୀ ଡିଜିଜେସ୍ ଆଣ୍ଡ ରିସର୍ଚ୍ଚ ସେଂଟର ପରିଦର୍ଶନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ

ଭୁବନେଶ୍ୱର : ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଗୁଜରାଟର ଅହମଦାବାଦସ୍ଥିତ ପ୍ରତିଷ୍ଠିତ ଇନଷ୍ଟିଚ୍ୟୁଟ୍ ଅଫ୍ କିଡନୀ ଡିଜିଜେସ୍ ଆଣ୍ଡ ରିସର୍ଚ୍ଚ ସେଂଟର ପରିଦର୍ଶନ କରି ସେଠାକାର ଉନ୍ନତ ସ୍ୱାସ୍ଥ୍ୟସେବା ଭିତିଭୂମି, ଚିକିତ୍ସା ଗବେଷଣା ଏବଂ ଅତ୍ୟାଧୁନିକ ପ୍ରତିରୋପଣ ପ୍ରକ୍ରିୟା ସମ୍ପର୍କରେ ଅବଗତ ହୋଇଛନ୍ତି । ଆଇ ହବ ସିଇଓଙ୍କ ସହ ମନ୍ତ୍ରୀ ଏହି ପ୍ରତିଷ୍ଠାନ ପରିଦର୍ଶନ କରିଥିଲେ । ଏହି ଅବସରରେ ସେ ଓଡ଼ିଶାର ପାଂଚଜଣ ଶିଶୁ କିଡନୀ ପ୍ରତିରୋପଣ ଲାଭାର୍ଥୀ ଭଦ୍ରକର ସୈନା ଶ୍ରଦ୍ଧା ଦାସ, ସୁନ୍ଦରଗଡ଼ର ନିଶାନ୍ତ ସିଂହ, କେନ୍ଦୁଝରର ପୁଷ୍କର, ପୁରୀର ସୁଦର୍ଶନ ଏବଂ ବାଲେଶ୍ୱରର କାବ୍ୟାଞ୍ଜଳି ଙ୍କୁ ଭେଟିଥିଲେ । ସେମାନଙ୍କ



ଦାତାମାନଙ୍କ ସହ ମଧ୍ୟ ମନ୍ତ୍ରୀ ଆଲୋଚନା କରିଥିଲେ । ଏଥିସହ ପ୍ରୋଷ୍ଟେଟ୍ କ୍ୟାନସର ପାଇଁ ସଫଳ ରୋବୋଟିକ୍ ସର୍ଜରୀ କରାଇଥିବା ଜଣେ ଓଡ଼ିଆ ରୋଗୀଙ୍କ ସହ ମଧ୍ୟ ସେ ଆଲୋଚନା କରିଥିଲେ । ରୋଗୀମାନଙ୍କ ସହ ଆଲୋଚନା କରିବା ଏବଂ ସେମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଦେଖିବା ଅତ୍ୟନ୍ତ ଆନନ୍ଦଦାୟକ ଓ ଉତ୍ସାହଜନକ ବୋଲି ମନ୍ତ୍ରୀ କହିଛନ୍ତି । ଇନଷ୍ଟିଚ୍ୟୁଟ୍ ଅଫ୍ କିଡନୀ ଡିଜିଜେସ୍ ଆଣ୍ଡ ରିସର୍ଚ୍ଚ ସେଂଟର ନିର୍ଦ୍ଦେଶକ ଡ. ପ୍ରାଞ୍ଜଳ ଆର ମୋଦୀ ଏବଂ ବିଭିନ୍ନ ବିଭାଗର ମୁଖ୍ୟମାନେ ମନ୍ତ୍ରୀଙ୍କୁ ପ୍ରତିଷ୍ଠାନର ଉପଲବ୍ଧି ଓ ଅତ୍ୟାଧୁନିକ ଚିକିତ୍ସା ସୁବିଧା ସମ୍ପର୍କରେ ଅବଗତ କରାଇଥିଲେ । ଏହି ଅବସରରେ କିଡନୀ, ଲିଭର, ପାନକ୍ରିୟାଜ୍ ଏବଂ ଗର୍ଭାଶୟ ପ୍ରତିରୋପଣ କ୍ଷେତ୍ରରେ ପ୍ରତିଷ୍ଠାନର ଅଗ୍ରଗତି ନେଇ ମଧ୍ୟ ଆଲୋଚନା ହୋଇଥିଲା ।

# ବିଶ୍ୱ ବ୍ୟାଡ଼ମିଂଟନ୍: କ୍ୱାର୍ଟରରେ ତ୍ରିଶା-ଗାୟତ୍ରୀ



ନୂଆଦିଲ୍ଲୀ: ଭାରତୀୟ ମହିଳା ଯୁଗଳ ଯୋଡ଼ି ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ ଏଠାରେ ଚାଲିଥିବା ବିଶ୍ୱ ବ୍ୟାଡ଼ମିଂଟନ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଗୁରୁବାର ପ୍ରିକ୍ୱାର୍ଟରଫାଇନାଲ୍‌ରେ ତ୍ରିଶା ଓ ଗାୟତ୍ରୀ ସିଧାସଳଖ ୨୧-୧୬, ୨୧-୧୨ରେ ସପ୍ତମ ମାନ୍ୟତାପ୍ରାପ୍ତ ଜାପାନର ରିନ ଇୱାନାଗା ଓ କିଏ ନାକାନିଶିଙ୍କୁ ପରାସ୍ତ କରିଥିଲେ । ଏହି ଅଣମାନ୍ୟତାପ୍ରାପ୍ତ ଭାରତୀୟ ଯୋଡ଼ି ଏବେ ବିଶ୍ୱ ପଦକଠୁ ମାତ୍ର ଗୋଟିଏ ବିଜୟ ଦୂରରେ ରହିଛନ୍ତି । ତ୍ରିଶା ଓ ଗାୟତ୍ରୀ ୨୦୨୨ ଓ ୨୦୨୩ରେ ଲଗାତର ଅଲ୍‌ଇଂଲଣ୍ଡ ଓପନ୍‌ର ସେମିଫାଇନାଲ୍ ପହଂଚିଥିଲେ । ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏମାନେ ମଧ୍ୟ କାଂସ୍ୟ ଜିତିଥିଲେ ଏବଂ ଗତ ବର୍ଷ ବିଶ୍ୱ ମାନ୍ୟତାରେ ଶୀର୍ଷ ୧୦ ମଧ୍ୟରେ ରହିଥିଲେ ।

# ୨୨ରେ ଇଣ୍ଡିଆନ୍ ଓପନ୍ ୱାଲ୍ଡ ଆଥଲେଟିକ୍ସ ସିଲଭର ଲେଭଲ୍ କଂଟିନେଂଟାଲ୍ ଟୁର୍

ଭୁବନେଶ୍ୱର : ଆଉ ଗୋଟିଏ ଦିନ ପରେ କମ୍ପିବ କଳିଙ୍ଗ ଷ୍ଟାଡିୟମ୍ । ବିଶ୍ୱର ପରିଚିତ ଆଥଲେଟଙ୍କ ଗ୍ରହଣରେ ଆସନ୍ତା ୨୨ ତାରିଖରେ ଆରମ୍ଭ ହେବ ଇଣ୍ଡିଆନ୍ ଓପନ୍ ୱାଲ୍ଡ ଆଥଲେଟିକ୍ସ ସିଲଭର ଲେଭଲ୍ କଂଟିନେଂଟାଲ୍ ଟୁର୍-୨୦୨୬ । ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଏହା ଆୟୋଜନ କରାଯିବ । ଉଭୟ ମହିଳା ଓ ପୁରୁଷ ବର୍ଗର ମୋଟ ୧୮ ଟି ବିଭାଗର ପ୍ରତିଯୋଗିତାରେ ୨୬ ଟି ରାଷ୍ଟ୍ରରୁ ୧୮୮ ଆଥଲେଟ୍ ଅଂଶଗ୍ରହଣ କରିବେ । ଏଥିରେ ସାମିଲ ରହିବେ ଭାରତର ୮୮ ପ୍ରତିଯୋଗୀ । ନିକଟରେ ଅନୁଷ୍ଠିତ ହୋଇଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଡବଲ ରୌପ୍ୟ ପଦକ ଜିତିଥିବା ତଥା ବିଶ୍ୱ ଆଥଲେଟିକ୍ସର ରାଙ୍କ ୧୫ ରେ ଥିବା ଭାରତୀୟ ପ୍ରତିଯୋଗୀ ଶ୍ରୀ ଶଙ୍କର, ଏସୀୟ ସଟ୍‌ଫୁଟ ଚାମ୍ପିଅନ ରୋହିତ୍ ଯାଦବ ଏବଂ ଓଡ଼ିଆ ଧାବକ ଅନିମେଷ କୁଜୁର୍ଙ୍କ ସହ କିଶୋର



ଜେନା ବାପି ହାଁସଦା ସ୍ୱାଧୀନ ମାଝୀ ଓ ମହିଳା ବିଭାଗରେ ଶ୍ରାବଣୀ ନନ୍ଦ ଓ ପ୍ରଜ୍ଞା ପ୍ରଶାନ୍ତି ଏହି ଚାମ୍ପିଅନସିପରେ ଭାଗ ନେବେ । କେବଳ ଏତିକି ନୁହେଁ, ବ୍ରାଜିଲ ଓ ନାଇଜେରିଆ ଭଳି ଦେଶର ପ୍ରତିଷ୍ଠିତ କ୍ରୀଡ଼ାବିତ ଙ୍କ ଅଂଶଗ୍ରହଣ ରହିବ । କ୍ରୀଡ଼ାବିତ ମାନଙ୍କ ପାଇଁ ପୁରସ୍କାର ରାଶି ବାବଦରେ ମଧ୍ୟ ସୂଚନା ଦିଆଯାଇଛି । ପ୍ରଥମ ସ୍ଥାନରେ ରହୁଥିବା ଆଥଲେଟ୍ ଙ୍କୁ ୧୬୦୦ ଡଲାର, ଦ୍ୱିତୀୟ ସ୍ଥାନ ପାଇଁ ୧୨୦୦ ଡଲାର, ତୃତୀୟ ସ୍ଥାନରେ ରହୁଥିବା ଆଥଲେଟ୍ ପାଇବେ ୯୦୦ ଡଲାର । ସେହିପରି ଚତୁର୍ଥ, ପଂଚମ ଓ ଷଷ୍ଠ ସ୍ଥାନରେ ଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୬୦୦, ୪୦୦ ଓ ୨୦୦ ଡଲାର ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ । ୪୦୦ ମିଟର ଦୌଡ଼, ସଟ୍ ପୁଟ ଥ୍ରୋ, ଡିସ୍କସ, ଜାଭେଲିନ୍ ଥ୍ରୋ, ହର୍ଡଲସ୍ ଭଳି ଇଭେଂଟରେ ପ୍ରତିଯୋଗୀଙ୍କ ଚମତ୍କାର ପ୍ରଦର୍ଶନ ଦେଖିବାକୁ ମିଳିପାରେ ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,

Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି

BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**